



ବିବାହ ବନ୍ଧନରେ ସାମନ୍ଥା
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-156 ◆TUESDAY ◆2 DECEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୫୬ ◆ମଙ୍ଗଳବାର ◆୨ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଆରମ୍ଭରୁ ଏସ୍ଆଇଆର୍ ତାତି

## ପ୍ରଥମ ଦିନରେ ସଂସଦ ଅଚଳ

■ ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଆଜି ଠାରୁ ଅରମ୍ଭ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନ ସରଗରମ ରହିଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍‌କୁ ନେଇ ସରକାର ଏବଂ ବିରୋଧୀ ମୁହାଁମୁହିଁ ହୋଇ ରହିଥିବାରୁ ସଂସଦର ଉଭୟ ଗୃହ ପ୍ରଥମ ଦିନରୁ ଅଚଳ ହୋଇପଡ଼ିଛି। ଏସ୍ଆଇଆର୍ ଉପରେ ତୁରନ୍ତ ଆଲୋଚନା କରିବାକୁ ବିରୋଧୀ ଦଳମାନେ ଦାବି କରିଥିବା ବେଳେ ସରକାର ତୁରନ୍ତ ଆଲୋଚନା ପାଇଁ ରାଜି ହେଉ ନାହାନ୍ତି। ବିରୋଧୀ ସଭ୍ୟମାନଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି।



**ଆଲୋଚନା ପାଇଁ ସରକାର ରାଜି, କିନ୍ତୁ ବିରୋଧୀଙ୍କ ସର୍ତ୍ତରେ ନୁହେଁ: ମନ୍ତ୍ରୀ**

ଆଜି ସଂସଦ ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳମାନେ ଏସ୍ଆଇଆର୍ ଉପରେ ତୁରନ୍ତ ଆଲୋଚନା କରିବାକୁ ଦାବି କରିଥିଲେ। ଅଧ୍ୟକ୍ଷ ଏଥିପାଇଁ ଅନୁମତି ନଦେବାରୁ ସେମାନେ ହଟ୍ଟଗୋଳ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ସରକାର ରାଜି ଅଛନ୍ତି। କିନ୍ତୁ ଏହି ଆଲୋଚନା ବିରୋଧୀଙ୍କ ସର୍ତ୍ତ ଅନୁଯାୟୀ ହେବ ନାହିଁ। ଗତକାଲି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ କିଛି ବି।।ରୋଧୀ ଦଳ ଏହା ଉପରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ସରକାରଙ୍କର ବିଚାରାଧୀନ ଅଛି। ଏଥିପାଇଁ ସମୟ ଦରକାର। କିନ୍ତୁ ତୁରନ୍ତ ଆଲୋଚନା ପାଇଁ ବିରୋଧୀଙ୍କ ଦାବି ଗ୍ରହଣଯୋଗ୍ୟ ନୁହେଁ। ଆଲୋଚନା କେବେ ହେବ ଏବଂ କେତେ ସମୟ ପାଇଁ ହେବ, ତାହା ଗୃହ ପରିଚାଳନା କମିଟି ସ୍ଥିର କରିବ। ଗୃହରେ ଆହୁରି ଅନେକ ପ୍ରସଙ୍ଗ ରହିଥିବାରୁ ତୁରନ୍ତ ଏସ୍ଆଇଆର୍ ଉପରେ ଆଲୋଚନା ହୋଇପାରିବ ନାହିଁ ବୋଲି ରୋକଠୋକ୍ ଜଣାଇଦେଇଥିଲେ। ମନ୍ତ୍ରୀଙ୍କର ଏଭଳି ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଦଳ କକ୍ଷତ୍ୟାଗ କରିଥିଲେ।

ବାଚସ୍ପତି ଓମ୍ ବିର୍ଲାଙ୍କ ତାଗିଦ ସତ୍ତ୍ୱେ ଲୋକସଭାରେ ବିରୋଧୀ ସଭ୍ୟମାନେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ଜିଦ୍ ଧରିଥିଲେ। ଫଳରେ ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପୁଣି ୨ଟା ପର୍ଯ୍ୟନ୍ତ ଏବଂ ଶେଷରେ ଆସନ୍ତାକାଲି ପର୍ଯ୍ୟନ୍ତ ଲୋକସଭାକୁ ମୁଲତବୀ କରିଦିଆଯାଇଛି। ତେବେ ଏହି ସମୟ ମଧ୍ୟରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ତିନିଟି ବିଲ୍ ଆଗତ କରିଥିଲେ। ୨ଟା ପରେ ମଧ୍ୟ ହଟ୍ଟଗୋଳ ଜାରି ରହିବାରୁ ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ରାଜ୍ୟସଭାରେ ମଧ୍ୟ ଏସ୍ଆଇଆର୍ ପ୍ରସଙ୍ଗରେ ହଟ୍ଟଗୋଳ ହୋଇଥିଲା। ତେବ ଗୃହ ପ୍ରଥମେ ନବନିର୍ବାଚିତ ଉପରାଷ୍ଟ୍ରପତି ତଥା ଗୃହର ନୂଆ ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କୁ ସବୁ ଦଳର ସଭ୍ୟମାନେ ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିର ଦିନକୁ ଐତିହାସିକ ବୋଲି କହିଥିଲେ। ▶ପୃଷ୍ଠା-୭

## ‘ସକାଳ’ର ୫ମ ସ୍ୱନକ୍ଷତ୍ର ଦିବସ

# ୫ ସହରରେ ମିନି ମାରାଥନ୍: ଦୌଡ଼ିଲା ଓଡ଼ିଶା

■ ଭୁବନେଶ୍ୱର, ୧।୧୨ (ସମିସ): ‘ସକାଳ’ର ୫ମ ସ୍ୱନକ୍ଷତ୍ର ଅବସରରେ ରାଜଧାନୀ ଭୁବନେଶ୍ୱର, ବାଲେଶ୍ୱର, ରାଉରକେଲା, ସମ୍ବଲପୁର ଓ ଜୟପୁର ଆଦି ୫ଟି ସ୍ଥାନରେ ଅନୁଷ୍ଠିତ ହୋଇଛି ହୋଇଛି ମିନି ମାରାଥନ। ସକାଳ ୬ଟାରେ ରାଜ୍ୟର ୫ ସହରରେ ଏକ ସମୟରେ ଆରମ୍ଭ ହୋଇଥିବା ମିନି ମାରାଥନରେ ବିଭିନ୍ନ ବର୍ଗର ହଜାର ହଜାର ବ୍ୟକ୍ତିବିଶେଷ ସାମିଲ ହୋଇଛନ୍ତି। ଭୁବନେଶ୍ୱରରେ ଶିଶୁଭବନ ଛକରୁ ଆରମ୍ଭ ହୋଇଥିବା ମିନି ମାରାଥନ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନିକଟସ୍ଥ ଏକାମ୍ର ହାଟରେ ଶେଷ ହୋଇଛି। ପ୍ରଥମ ଓଡ଼ିଆ ମହିଳା ଗ୍ରାଣ୍ଡ ମାଷ୍ଟର କିରଣ ମନିଷା ମହାନ୍ତି, ପ୍ରଥମ ଓଡ଼ିଆ ବିଶ୍ୱ ଚେସ୍ ଚାମ୍ପିଅନ୍ ପଦ୍ମିନୀ ରାଉତ, ଓଲିଉଡ ଅଭିନେତ୍ରୀ ପୁନମ୍ ମିଶ୍ର, ଅଭିନେତ୍ରୀ ଦେବଯାନୀ, ହିରୋ ମୋଟୋ କର୍ପ ଏରିଆ ମ୍ୟାନେଜର ଉଜ୍ଜ୍ୱଳ କୋହଲି ପ୍ରମୁଖ ପତାକା ହଲାଇ ମିନି ମାରାଥନକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ର ଉଦ୍ୟମକୁ ବେଶ୍ ପ୍ରଶଂସା କରିଥିଲେ। ୫ବର୍ଷ ପୂର୍ବରୁ ଜନ୍ମ ନେଇଥିବା ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ନିଚ୍ଛକ ଖବର ପ୍ରସାରଣ କରି ▶ପୃଷ୍ଠା-୭


ରାଉରକେଲା



ସମ୍ବଲପୁର

## ବାରବାଟୀ ଟି-୨୦ ଆଉ ୭ ଦିନ

# ୪୫ ମିନିଟରେ ସରିଗଲା ଅନ୍‌ଲାଇନ୍ ଟିକଟ



**୩ରେ ଟିକଟ କିଣିବେ ଅନୁବନ୍ଧିତ ୟୁନିଟ୍**

**୫ରେ ଖୋଲିବ ୫ଟି କାଉଣ୍ଟର; ମହିଳାଙ୍କ ନିମନ୍ତେ ଦୁଇଟି**

■ କଟକ, ୧।୧୨ (ସମିସ): ବାରବାଟୀ ଟି-୨୦କୁ ଆଉ ୭ଦି ବାକି ଥିବାବେଳେ ସୋମବାରଠାରୁ ଟିକଟ୍ ବିକ୍ରି ଆରମ୍ଭ ହୋଇଛି। ୪୫ ମିନିଟରେ ୨ହଜାର ଅନଲାଇନ ଟିକଟ ବୁକିଂ ହୋଇଗଲା। ଆଜି ଦିନ ଠିକ୍ ୨ଟାରେ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ୍‌ରେ ଟିକଟ ଉପଲବ୍ଧ ହୋଇଥିବା ବେଳେ ପ୍ରଥମ କିଛି କ୍ଷଣରେ ଗ୍ୟାଲେରୀ ଟିକଟଗୁଡ଼ିକ ବୁକିଂ ଶେଷ ହୋଇଯାଇଥିଲା। ଏସି ବକ୍ସ, ସ୍ପେଶିଆଲ ଏନକ୍ଲୋଜର ଭଳି ଦାମୀ ଟିକଟ ଗୁଡ଼ିକ ବିଳମ୍ବରେ ସରିଥିଲା। ତେବେ ଗତ ମ୍ୟାଚ୍ ତୁଳନାରେ ଚଳିତଥର ଅନଲାଇନ୍‌ରେ କମ୍ ସଂଖ୍ୟକ ଟିକଟ ଆଶାୟୀ ଆପ୍ଲିକେସନ୍ ହିଟ୍ କରିଥିବା ଦେଖିବାକୁ ମିଳିଥିଲା। ଏଥର ମାତ୍ର ୨ହଜାର ଟିକଟ ଅନଲାଇନ୍ ▶ପୃଷ୍ଠା-୭

# ଡିଜିଟାଲ ଆରେଷ୍ଟ ମାମଲାର ତଦନ୍ତ କରିବ ସିବିଆଇ

## ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ‘ଡିଜିଟାଲ ଆରେଷ୍ଟ’କୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ମାମଲାକୁ ‘ଦ୍ରୁତ ଗତିରେ ବଢୁଥିବା ସାଇବର କ୍ରାଇମ’ କହିଛନ୍ତି। ସାରା ଦେଶରେ ଡିଜିଟାଲ ଆରେଷ୍ଟର ତଦନ୍ତ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସିବିଆଇକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିଛନ୍ତି। ଏହି ଯାଞ୍ଚରେ ସହଯୋଗ କରିବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଠକେଇରେ ବ୍ୟାଙ୍କରଙ୍କ ଭୂମିକାର ଯାଞ୍ଚ କରିବାକୁ କେନ୍ଦ୍ରୀୟ ଏଜେନ୍ସିକୁ କହିଛନ୍ତି। ପ୍ରଥମ ଥର ପାଇଁ ସିବିଆଇ ଏଭଳି ମାମଲାର ଯାଞ୍ଚ କରିବାକୁ ଯାଉଛି। ଏଥିପାଇଁ କେନ୍ଦ୍ରୀୟ ଏଜେନ୍ସିକୁ ଅଖଣ୍ଡ କ୍ଷମତା ଦିଆଯାଇଛି। ଡିଜିଟାଲ ଆରେଷ୍ଟ ସମ୍ବନ୍ଧିତ ମାମଲାରେ ବ୍ୟାଙ୍କ ▶ପୃଷ୍ଠା-୭

## ଯୋଜନା ବ୍ୟୟ ନୈରାଶ୍ୟଜନକ

# ୭ ମାସରେ ୩୯% ଖର୍ଚ୍ଚ

■ ଆର୍ଥିକ ପ୍ରଦର୍ଶନକୁ ନେଇ ବିରୋଧୀଙ୍କ କ୍ଷୋଭ

■ ୫ ମାସରେ ବ୍ୟୟ ହେବ ବଳକା ଅର୍ଥ: ମନ୍ତ୍ରୀ

■ ଭୁବନେଶ୍ୱର, ୧।୧୨ (ସମିସ): ରାଜ୍ୟରେ ବିତ୍ତୀୟ ପରିଚାଳନାରେ ଦୁର୍ବଳତାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ବିଶେଷକରି ବଜେଟ ଅର୍ଥ ଖର୍ଚ୍ଚକୁ ନେଇ ସରକାରଙ୍କ ଉପରେ ପ୍ରଶ୍ନବାଚୀ ଉଠୁଥିବା ବେଳେ ଆଜି ଗୃହରେ ଏକ ତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖିଥିବା ଏକ ଉତ୍ତର ରାଜ୍ୟର ଅର୍ଥନୀତିଜ୍ଞମାନଙ୍କୁ ନିରାଶ କରିଛି। ଶ୍ରୀ ହରିଚନ୍ଦନ ଗତ ୭ ମାସ ମଧ୍ୟରେ ଆର୍ଥିକ ବ୍ୟୟ ମାତ୍ର ୩୯% ରହିଥିବା ଓ ଆଗାମୀ ଦିନଗୁଡ଼ିକରେ ଯୋଜନା ବ୍ୟୟ ବୃଦ୍ଧି ପାଇବ ବୋଲି ଉଲ୍ଲେଖ କରି ଗତବର୍ଷ ତୁଳନାରେ ଚଳିତ ବର୍ଷ ଏହି ସମୟରେ ଅଧିକ ୩ ପ୍ରତିଶତ ବ୍ୟୟ ହୋଇଥିବା ଶ୍ରୀ ହରିଚନ୍ଦନ କହିଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କ ଅନୁରୂପ ଆଭିମୁଖ୍ୟକୁ କଟୁ ସମାଲୋଚନା ସହ କ୍ଷୋଭ ପ୍ରକାଶ କରିଛନ୍ତି। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର କେଇମାସ ବାକିଥିବାବେଳେ ବଜେଟ ବରାଦ ପୂର୍ଣ୍ଣ ଖର୍ଚ୍ଚ ହୋଇ ନ ପାରିବା ଅଶଙ୍କା ସୃଷ୍ଟି କରିଛି। ୨୦୨୫-୨୬ ଆର୍ଥିକ ବର୍ଷର ମାସ ୭ ମାସରେ ବଜେଟ ଅର୍ଥ ବ୍ୟୟ ମାତ୍ର ୩୯ ପ୍ରତିଶତ ମଧ୍ୟରେ ରହିବାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଆର୍ଥିକ ବର୍ଷ ସରିବାକୁ ହାତରେ ମାତ୍ର ଆଉ ୫ ମାସ ସମୟ ଥିବା ବେଳେ ଆଉ ମାତ୍ର ୧୫ରୁ ୨୦ ପ୍ରତିଶତ ବ୍ୟୟ ସମ୍ଭାବନା ରହିଛି, ତେଣୁ ଡବଲ ଇଞ୍ଜିନ ଓଡ଼ିଶାରେ କାମ କରୁଛି ତ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।ଏ

ସୋମବାର ପ୍ରଶ୍ନକାଳ ଆରମ୍ଭରେ ବଜେଟ ଅର୍ଥ ଖର୍ଚ୍ଚରେ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ ବିଜେଡିର ▶ପୃଷ୍ଠା-୭



**ଦୁଇ ରାଜପଥର ସଂଯୋଗସ୍ଥଳରେ ରାସ୍ତାରୋକ**

**ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲା ଅବରୋଧ**


## ସମ୍ବଲପୁରରେ ଧାନକିଣା ଅବ୍ୟବସ୍ଥା

# ଅର୍ଥନୈତିକ ଅବରୋଧ କଲେ ଚାଷୀ

■ ସମ୍ବଲପୁର, ୧।୧୨ (ସମିସ): ସମ୍ବଲପୁର ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ଏଯାଏଁ ଆରମ୍ଭ ହୋଇପାରିନାହିଁ। ଚଳିତବର୍ଷ ଆଗୁଆ ମୌସୁମୀ ଯୋଗୁଁ ଭଲ ଅମଳ ହୋଇଛି। ଅକ୍ଟୋବରରୁ ଚାଷୀ ଅମଳ ଆରମ୍ଭ କଲାଣି। କ୍ଷେତ ଓ ଖଳାରେ ଧାନ ଜମା ହୋଇଛି। କିନ୍ତୁ ଧାର୍ଯ୍ୟ ଦିନକୁ ୪ ଦିନ ବିତିଯାଇଥିଲେ ହେଁ ଏଯାଏଁ ଧାନ କିଣା ହୋଇନାହିଁ। ଏହାକୁ ନେଇ ଚାଷୀର ରୋଷ ସୀମା ଲଂଘିଛି। ଆଜି ଦିନ ୧୧ଟାରେ ଶହଶହ ସଂଖ୍ୟାରେ ଚାଷୀ ସକାଳ ୧୧ଟାରେ ଜାତୀୟ ରାଜପଥ-୫୩ ଓ ଜାତୀୟ ରାଜପଥ-୫୫ର ସଂଯୋଗସ୍ଥଳ ସିନ୍ଦୂରପଙ୍କ ତୁମ୍ଭେସିଂହା ଛକରେ ଅର୍ଥନୈତିକ ଅବରୋଧ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଟ୍ରକ୍ ଅଟକି ରହିଥିଲା। ଗୋଟିଏପଟେ ରେମେଡ୍ ଛକ ଓ ▶ପୃଷ୍ଠା-୭

## ଶତାୟୁ ଡାକ୍ତରାଣୀ ଲକ୍ଷ୍ମୀବାଇଙ୍କ ମହାନତା

# ଭୁବନେଶ୍ୱର ଏମ୍ସକୁ ଦେଲେ ୩.୪୦ କୋଟି



**ମହିଳାଙ୍କ କର୍କଟ ରୋଗ ଓ ଯତ୍ନ କେନ୍ଦ୍ର ପ୍ରତିଷ୍ଠାରେ ହେବ ବିନିଯୋଗ**

■ ବ୍ରହ୍ମପୁର, ୧।୧୨ (ସମିସ): ବ୍ରହ୍ମପୁରର ଖ୍ୟାତନାମା ତଥା ଅବସରପ୍ରାପ୍ତ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଲକ୍ଷ୍ମୀବାଇ ନିଜର ଜୀବନବ୍ୟାପୀ ସଞ୍ଚିତ ଅର୍ଥ ୩ କୋଟି ୪୦ ଲକ୍ଷ ଟଙ୍କାକୁ ଭୁବନେଶ୍ୱର ଏମ୍ସକୁ ଦାନ କରିଛନ୍ତି। ଏହି ଅର୍ଥ କର୍କଟ ରୋଗୀଙ୍କ ଉପଶମ ଉଦ୍ଦେଶ୍ୟରେ ବିନିଯୋଗ କରାଯିବାରୁ ସେ ଆଗ୍ରହ କରିଛନ୍ତି। ୧୦୦ ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ସେ ଏଭଳି ନିଆରା ପଦକ୍ଷେପ ନେଇଥିବା ବେଳେ ସବୁ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଛି।

ଆସନ୍ତା ୫ ତାରିଖରେ ଶହେବର୍ଷରେ ପଦାର୍ପଣ କରିବେ ପ୍ରଫେସର୍ ଡା. ଲକ୍ଷ୍ମୀ ବାଇ। ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ଜୀବନବ୍ୟାପୀ ସଞ୍ଚିତ ପୁଞ୍ଜିକୁ ସେ ସ୍ୱାସ୍ଥ୍ୟସେବାର ବିକାଶ କ୍ଷେତ୍ରରେ ବିନିଯୋଗ କରିବା ପାଇଁ ମନସ୍ଥ କରିଛନ୍ତି। ଚଳିତ ବର୍ଷ ଏପ୍ରିଲ ୨୧ତାରିଖରେ ସେ ଜୀବନଯାକର ଜମା ପୁଞ୍ଜିକୁ ଏମ୍ସ ବ୍ୟାଙ୍କ ଏକାଉଣ୍ଟକୁ ପ୍ରଦାନ କରିଛନ୍ତି। ଭାବାନଗରସ୍ଥିତ ନିଜ ଘରକୁ ବିକ୍ରି କରି ରୋଗୀଙ୍କୁ ଉଚ୍ଚତର ସେବା ଯୋଗାଇବା ଆଶାରେ ଏହି ଅର୍ଥକୁ ସେ ଦାନ କରିଥିବା କହିଛନ୍ତି।

ପ୍ରଫେସର୍ ଲକ୍ଷ୍ମୀବାଇ କଟକ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବ୍ୟାଚ୍ ଏମବିବିଏସ୍ ଛାତ୍ରୀ। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ଅବସର ଗ୍ରହଣ ପରେ ସେ ସ୍ଥାନୀୟ ଭାବାନଗରସ୍ଥିତ ନିଜ ବାସଭବନରେ ରହୁଛନ୍ତି। ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିନିଯୋଗ ପାଇଁ ଦାନ କରି ସେ ଅତ୍ୟନ୍ତ ଖୁସି ଥିବା କହିଛନ୍ତି। ଟଙ୍କା ପଇସା ପଛରେ ନଦୌଡ଼ି ରୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ସେ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ଡାକ୍ତର ଲକ୍ଷ୍ମୀବାଇ ଅବସର ପରେ ସ୍ୱାମୀ ଚିନ୍ମୟାନନ୍ଦ ମିଶନର ସଦସ୍ୟା ଭାବେ ଦୀକ୍ଷା ଗ୍ରହଣ କରିଛନ୍ତି। ଡାକ୍ତର ଲକ୍ଷ୍ମୀବାଇଙ୍କ ଛାତ୍ରୀ ତଥା ଜଣାଶୁଣା ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ପ୍ରଫେସର ଡା. ▶ପୃଷ୍ଠା-୭




**ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା**

# ବରିଷ୍ଠରେ ଶାଶ୍ୱତୀ, କନିଷ୍ଠରେ ଶୁଭମ୍ ପ୍ରଥମ

■ ମାଗଣା ଯୋଜନା ଲକ୍ଷ୍ୟଚ୍ୟୁତ, ଭୋଟସର୍ବସ୍ୱ
■ ପରିବେଶ ଓ ବିକାଶ ମଧ୍ୟରେ ସନ୍ତୁଳନ ଅତ୍ୟନ୍ତ ଜରୁରୀ

ଭୁବନେଶ୍ୱର, ୧।୧୨(ସମିସ): ମାଗଣା ଯୋଜନା ସମାଜର ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଏକ ଅନିବାର୍ଯ୍ୟ ଆବଶ୍ୟକତା; ମାତ୍ର ବର୍ତ୍ତମାନ ସମୟରେ ଏହା ଲକ୍ଷ୍ୟଚ୍ୟୁତ ଓ ଭୋଟ ସର୍ବସ୍ୱ ହୋଇଛି । ଯାହାଦ୍ୱାରା ଦେଶର ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇଛି। ଋଣ କରି ଘିଅ ଖାଇବା ପରି ମାଗଣା ଯୋଜନା ଦେଶବାସୀ ଆର୍ଥିକ ଅସନ୍ତୁଳନର ପ୍ରମୁଖ କାରଣ ହୋଇଛି ଏବଂ ଋଣ ଭାର ବୃଦ୍ଧି ବିକାଶକୁ ବାଧାପ୍ରାପ୍ତ କରୁଛି । ସେହିପରି ପରିବେଶ ଓ ବିକାଶ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ଏବଂ ଏହା ମଧ୍ୟରେ ସନ୍ତୁଳନ ଅତ୍ୟନ୍ତ ଜରୁରୀ। ଗୋଟିଏ ପାଇଁ ଅନ୍ୟଟିକୁ ବଳି ଦିଆଯିବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ, ତେଣୁ ବିକାଶ ପାଇଁ ପରିବେଶର ସତର୍କ ସଂରକ୍ଷଣ ଅତ୍ୟନ୍ତ ଜରୁରୀ ବୋଲି 'ସକାଳ' ୫ମ ସ୍ୱନକ୍ଷତ୍ର ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ବିଚାରକ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

କନିଷ୍ଠ ବର୍ଗରେ 'ପରିବେଶ ଠାରୁ ବିକାଶକୁ ଅଧିକ ଗୁରୁତ୍ୱ ଦେବା ଉଚିତ୍ କି' ଶୀର୍ଷକ ବିତର୍କ ପ୍ରତିଯୋଗିତାରେ ବିଚାରକ ଭାବେ ଶୈଳବାଳା ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ନିରଞ୍ଜନ ପ୍ରସାଦ ରଥ, ଫକିରମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମଣୀନ୍ଦ୍ର ମେହେର, ଅବସରପ୍ରାପ୍ତ ପ୍ରଫେସର ଓ ଭୂତତ୍ତ୍ୱବିତ୍ ଡ. ଜେନାମଣି ସଞ୍ଜୀବ କୁମାର ଯୋଗଦେଇ ମୂଲ୍ୟାୟନ କରିଛନ୍ତି। ସେହିପରି ବରିଷ୍ଠ ବର୍ଗ ନିମନ୍ତେ 'ଦେଶର ଅଭିବୃଦ୍ଧିରେ ବାଧକ କି ମାଗଣା ଯୋଜନା' ଶୀର୍ଷକ ବିତର୍କ ପ୍ରତିଯୋଗିତାରେ ବିଚାରକ ଅତିଥି ରୂପେ ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥୀ, ପଠାଣିସାମନ୍ତ ପ୍ଲାନେଟୋରିଅମ୍‌ର ପ୍ରାକ୍ତନ ନିର୍ଦ୍ଦେଶକ ବୈଜ୍ଞାନିକ ଶୁଭେନ୍ଦୁ ପଟ୍ଟନାୟକ, ପ୍ରଫେସର ଡ଼. ମଣୀନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଆଇଆର୍‌ଏସ୍ ଅଧିକାରୀ ତଥା ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଏହି ଅବସରରେ ଉପସ୍ଥିତ ଥିଲେ।

କନିଷ୍ଠ ବର୍ଗରେ ଯଥାକ୍ରମେ ପ୍ରଥମ ତିନିଟି ସ୍ଥାନ ଅଧିକାର କରିଥିବା ଫୁଲବାଣୀ ପବ୍ଲିକ୍ ସ୍କୁଲ୍‌ର ସାଇ ଶୁଭମ ମହାନ୍ତି ,ଢେଙ୍କାନାଳସ୍ଥିତ ପିଏମ୍‌ଶ୍ରୀ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟର ସୁଶ୍ରୀ ସାଗରିକା ସ୍ୱାଇଁ ଓ କଟକସ୍ଥିତ ପ୍ରଥମ ରେଭେନ୍ସା କଲେଜିଏଟ୍ ସ୍କୁଲ୍‌ର ସିଦ୍ଧାନ୍ତ କୁମାର ସାହୁଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅନୁରୂପ ଭାବରେ ବରିଷ୍ଠ ବର୍ଗରେ ତିନି ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶିନୀ, ନୟାଗଡ଼ ରାଜ ସୁନାଖଳା ଡିଆଇଇଟିର ଛାତ୍ର ସାଗର ବେହେରା ଓ କଳାହାଣ୍ଡି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଆର୍ଯ୍ୟ ନାୟକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

ବିତର୍କ ପ୍ରତିଯେଗୀତାର ପ୍ରାୟୋଜକ ତଥା ଭାରତ ମସଲା ପରିଚାଳନା ନିର୍ଦ୍ଦେଶକ ସୁକାନ୍ତ କୁମାର ପଣ୍ଡା ଓ ବିନାୟକ କନ୍‌ସେପ୍ଟ ସ୍କୁଲ୍ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ସଞ୍ଜୟ ରାଜଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସକାଳର ସିଇଓ ସୁବ୍ରତ ଦାସ ଓ କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ସକାଳ ପରିବାରର ଦିଗଦର୍ଶକ ଡ଼. ଉମାକାନ୍ତ ମିଶ୍ର ଛାତ୍ରଛାତ୍ରୀ ଓ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ବିଭାଗରେ 'ସକାଳ'ର ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ ଓ କନିଷ୍ଠ ବର୍ଗରେ ବରିଷ୍ଠ ସହ-ସମ୍ପାଦକ ସଞ୍ଜୟ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଫିଚର୍ ବିଭାଗ ବରିଷ୍ଠ ସହ ସମ୍ପାଦକ ସୁଶୀଲ କୁମାର ବାଗ୍ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ 'ସକାଳ'ର ବ୍ୟୁରୋ ମୁଖ୍ୟ ରଞ୍ଜିତ ମହାନ୍ତି, ବିଜ୍ଞାପନ ମୁଖ୍ୟ ନରୋତ୍ତମ ଗୁରୁଙ୍କ ସହ ଦିଲ୍ଲୀପ ମହାପାତ୍ର, ଅଭିଷେକ ସାହୁ ପ୍ରସାର ବିଭାଗର ପ୍ରିୟବ୍ରତ ଦାସ, ସୁଧାଂଶୁ ସାହୁ, ଚନ୍ଦନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।












**ବ୍ୟାପକ ହେଲା ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ**

## ଡାକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଲେ 'ହ୍ୱାଇଟ୍ କୋର୍ଟ'



ବ୍ରହ୍ମପୁର, ୧।୧୨(ସମିସ): ୮ ଦଫା ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆୟୁଷ ଡାକ୍ତର ଛାତ୍ରଛାତ୍ରୀ। ଆନ୍ଦୋଳନର ୮ମ ଦିନରେ ଅର୍ଥାତ୍ ରବିବାରଠାରୁ ଅହୋରାତ୍ର ଆନ୍ଦୋଳନ କରି ସଂଘର୍ଷକୁ ବ୍ୟାପକ କରାଯାଇଛି। ଆୟୁଷ ଡାକ୍ତରଙ୍କ ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରିବା ସହ ଚରମ ଅବହେଳା ପ୍ରଦର୍ଶନ କରୁଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦାବି ପୂରଣ ନେଇ ବାରମ୍ବାର ଦିଆଯାଇଥିବା ପ୍ରତିଶ୍ରୁତି ପରବର୍ତ୍ତୀ ସମୟରେ ପ୍ରତାରଣା ପାଲଟିଛି। ଏଣୁ, ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ କଡା ଚେତାବନୀ ଦେଇଛନ୍ତି ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀ। ଏହି କ୍ରମରେ ସ୍ଥାନୀୟ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନିଆରା ଢଙ୍ଗରେ ଆନ୍ଦୋଳନ କରି ପ୍ରତିବାଦ କରାଯାଇଛି। ଛାତ୍ରଛାତ୍ରୀମାନେ ସେମାନଙ୍କ ଦାବି ସହ ସରକାର ବିରୋଧୀ ପ୍ଲାକାର୍ଡ ଧରି କଲେଜରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ପୁରୁଣା ବସଷ୍ଟାଣ୍ଡସ୍ଥିତ ମୁଖ୍ୟ ଡାକଘର ନିକଟରେ ରାସ୍ତାରେ ବସି ପ୍ରତିବାଦ କରିଥିଲେ। ସେଠାରେ ଡାକ୍ତରୀ ଛାତ୍ରଛାତ୍ରୀମାନେ ନିଜେ ପରିଧାନ କରିଥିବା ହ୍ୱାଇଟ କୋର୍ଟ ବା ଧଳା ଆପ୍ରନକୁ ବାହାର କରି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉଦ୍ଦେଶ୍ୟରେ ଡାକ ଯୋଗେ ଲୋକସେବା ଭବନକୁ ପଠାଇଛନ୍ତି। ଆନ୍ଦୋଳନକାରୀଙ୍କ ଏଭଳି ନିଆରା ପ୍ରତିବାଦ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଭକ୍ତଙ୍କ ଉପରେ ଦର୍ଶନ ଟିକଟ ବୋଝ

■ ଟଙ୍କା ଦେଲେ ମିଳୁଛି ପବିତ୍ର ଓ ଧାର୍ମିକସ୍ଥଳୀରେ ଦର୍ଶନ
■ ଗୁଣ୍ଡିଚା ମନ୍ଦିର ଖୋଲିଲେ ଦେବାକୁ ପଡ଼ିବ ୧୦ ଟଙ୍କା

ପୁରୀ, ୧।୧୨(ସମିସ): ଶ୍ରୀମନ୍ଦିର ପରିସର ଏବଂ ମନ୍ଦିର ବାହାରେ ଏକାଧିକ ପବିତ୍ର ପୀଠ ବା ସ୍ଥାନ ରହିଛି। ଏଗୁଡ଼ିକ ମଧ୍ୟରେ ରୋଷଘର, କୋଇଲି ବୈକୁଣ୍ଠ, ନୀଳାଚଳ ଉପବନ, ନରେନ୍ଦ୍ର ପୁଷ୍କରିଣୀ ଅନ୍ୟତମ। ଏ ସବୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ରହିଛି। ସେହିପରି ଶ୍ରୀକ୍ଷେତ୍ରର ବେଢ଼ି ହନୁମାନ, ଲକ୍ଷ୍ମୀଙ୍କ ବାପଘର ତଥା



ଚକ୍ର ନୃସିଂହ ମନ୍ଦିର ଭଳି ଏକାଧିକ ଧାର୍ମିକସ୍ଥଳୀ ରହିଛି। ଯେଉଁଠିକୁ ମହାପ୍ରଭୁଙ୍କୁ ପ୍ରତିଦିନ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଅଧିକାଂଶ ଏହିସବୁ ସ୍ଥାନକୁ ବୁଲି ଯାଆନ୍ତି। ଆସ୍ଥା ଓ ବିଶ୍ୱାସର ଏହି ପବିତ୍ର ତଥା ଧାର୍ମିକସ୍ଥଳୀକୁ ଯିବା ପାଇଁ ଭକ୍ତଙ୍କୁ ଟଙ୍କା ଗଣିବାକୁ ପଡୁଛି। ଏବେ ପୁଣି ଗୁଣ୍ଡିଚା ମନ୍ଦିର ଖୋଲିଲେ ସେଥିପାଇଁ ବି ଦର୍ଶନ ଦେୟ ୧୦ ଟଙ୍କା ରହିବ ବୋଲି ଘୋଷଣା କରାଯାଇଛି। ଏହାକୁ ନାପସନ୍ଦ କରିଛନ୍ତି ଶ୍ରଦ୍ଧାଳୁ। ଶ୍ରୀମନ୍ଦିର ପାଇଁ ସରକାର ୫୦୦ କୋଟି ଟଙ୍କାର କର୍ପସ୍ ଫଣ୍ଡ ଏବଂ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ ଲାଗି ଚିନ୍ତା କରୁଥିବା ବେଳେ ଦର୍ଶନ ଟିକଟ୍ ବୋଝ କାହିଁକି ଲଦି ଦିଆଯାଉଛି, ତାହା ଶ୍ରଦ୍ଧାଳୁଙ୍କୁ ଆଶ୍ଚର୍ଯ୍ୟ କରିଛି।

ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ମନ୍ଦିର ପରିସର (କୋଇଲି ବୈକୁଣ୍ଠ, ରୋଷଘର, ରୋହିଣୀକୁଣ୍ଡ, ନୀଳାଚଳ ଉପବନ ଇତ୍ୟାଦି) ବିଭିନ୍ନ ପବିତ୍ର ସ୍ଥାନ ବୁଲିଥା'ନ୍ତି। ସେହିପରି ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ମନ୍ଦିର ବାହାରେ ମଧ ଏକାଧିକ ପବିତ୍ର ପୀଠ(ଯେପରିକି ନରେନ୍ଦ୍ର ପୁଷ୍କରିଣୀ, ଶ୍ରୀଗୁଣ୍ଡିଚା ମନ୍ଦିର) ରହିଛି। ମହାପ୍ରଭୁଙ୍କ ଦର୍ଶନ ପରେ ଅଧିକାଂଶ ଶ୍ରଦ୍ଧାଳୁ ଏସବୁ ବୁଲି ଏହାର ମାହାତ୍ମ୍ୟ ଏବଂ ଇତିହାସ ସମ୍ପର୍କରେ ଅନେକ ତଥ୍ୟ ଜାଣିଥା'ନ୍ତି। ହେଲେ ଶ୍ରୀମନ୍ଦିର ପ୍ରଶାସନ ରୋଷଘର, ଲୁଣପତ୍ର, କୋଇଲି ବୈକୁଣ୍ଠ, ନରେନ୍ଦ୍ର ସଂକଳ୍ପ ଏବଂ ନୀଳାଚଳ ଉପବନକୁ ନିଲାମରେ ଦେଇଛି। ଫଳରେ ଏହିସବୁ ଜାଗା ବୁଲିବା ପାଇଁ ଚାହୁଁଥିବା ଭକ୍ତଙ୍କୁ ପ୍ରତ୍ୟେକ ସ୍ଥାନ ପାଇଁ ୧୦ ଟଙ୍କା ଲେଖାଏଁ ଦେବାକୁ ପଡୁଛି। କେବଳ ଏତିକି ନୁହେଁ, ଶ୍ରୀକ୍ଷେତ୍ରର ବେଢ଼ି ହନୁମାନ ମନ୍ଦିର, ଲକ୍ଷ୍ମୀଙ୍କ ବାପଘର ତଥା ଚକ୍ରନୃସିଂହ ମନ୍ଦିର ଭଳି ଏମିତି କିଛି ଦେବସ୍ଥଳୀ ରହିଛି, ଯେଉଁଠିକୁ ବୁଲିଗଲେ ଟଙ୍କା ଦେବାକୁ ପଡୁଛି। ଯଦିଓ ଏହି ଦେୟ ବଡ଼ଧରଣର ନୁହେଁ, କିନ୍ତୁ ଅନେକ ସମୟରେ ଏହାକୁ ନେଇ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଏବେ ଗୁଣ୍ଡିଚା ମନ୍ଦିରକୁ ନେଇ ଚର୍ଚ୍ଚା, ଆଲୋଚନା ଚାଲିଛି। ଦୀର୍ଘ ୬ବର୍ଷ ଧରି ଭକ୍ତଙ୍କ ପାଇଁ ବନ୍ଦ ରହିଛି ମହାପ୍ରଭୁଙ୍କ ଜନ୍ମବେଦୀ। କୋଭିଡ୍ କଟକଣା ପରଠାରୁ ଶ୍ରଦ୍ଧାଳୁଙ୍କୁ ଗୁଣ୍ଡିଚା ମନ୍ଦିର ଭିତରକୁ ଛଡ଼ାଯାଉ ନଥିବା ବେଳେ ଏହାକୁ ଖୋଲିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ତେବେ ନିକଟରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଗୁଣ୍ଡିଚା ମନ୍ଦିର ଖୋଲିବା ଉପରେ ନିଷ୍ପତ୍ତି ନିଆଗଲା। ଡିସେମ୍ବର ୧ରୁ ଖୋଲାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳ ଗଣମାଧ୍ୟମ ସମ୍ମୁଖରେ ଘୋଷଣା କଲେ। ହେଲେ ଏହି ଘୋଷଣାର ଦିନକ ପରେ ପୁଣି ମନ୍ଦିର ଖୋଲିବାକୁ ସାମୟିକ ଭାବେ ସ୍ଥଗିତ ରଖାଗଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଗଲା। ଏଭଳି ନିଷ୍ପତ୍ତିକୁ ନେଇ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ଏବେ ଗୁଣ୍ଡିଚା ମନ୍ଦିର ଦର୍ଶନ ଦେୟକୁ ମଧ୍ୟ ବିରୋଧ କରାଯାଉଛି।

ଗୁଣ୍ଡିଚା ମନ୍ଦିର ଦର୍ଶନ ପାଇଁ ଦେୟ ୧୦ଟଙ୍କା ରହିବ। କିନ୍ତୁ ୫ ବର୍ଷରୁ କମ୍, ୮୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କୌଣସି ଟିକଟ୍ ପଡ଼ିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ଘୋଷଣା କରିଛନ୍ତି। ହେଲେ ଏହାକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ। ଏହାକୁ ପ୍ରତ୍ୟାହାର ଦାବିରେ ଭଏସ୍ ଅଫ୍ କମନ୍‌ମ୍ୟାନ୍‌ର ମୁଖ୍ୟ ହେକ୍ଟର ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। କୌଣସି ଦେବାଳୟରେ ଦର୍ଶନ ଶୁଳ୍କ ନେବାର ପ୍ରଥା ନ ଥିଲା। ଏହାକୁ ଗୁଣ୍ଡିଚା ମନ୍ଦିରରେ ଲାଗୁ କରିବା ମନ୍ଦିର ସଂସ୍କୃତିକୁ ବ୍ୟାପାରୀକରଣ କରିବାର ଗନ୍ଧ ବାରି ହୋଇପଡୁଛି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି।

ସୂଚନାଥାଉ କି, ଶ୍ରୀମନ୍ଦିର ଉତ୍ତରପାର୍ଶ୍ୱରେ ରହିଛି କୋଇଲି ବୈକୁଣ୍ଠ। ଏଠାରେ ତୁଳସୀ ଏବଂ ବିଭିନ୍ନ ପ୍ରକାର ଫୁଲ ବଗିଚା ରହିଛି। ନବକଳେବର ସମୟରେ ଦାରୁଦିଅଁଙ୍କ ନୂଆ ମୂର୍ତ୍ତି ଏହା ପରିସରରେ ନିର୍ମାଣ କରାଯାଇଥାଏ। ନବକଳେବରରେ ପୁରାତନ ବିଗ୍ରହଙ୍କୁ କୋଇଲି ବୈକୁଣ୍ଠ ପରିସରରେ ପାତାଳି କରାଯାଇଥାଏ। ଏହା ହେଉଛି ସାକ୍ଷାତ ବୈକୁଣ୍ଠପୁର। ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଏହା ପରିସରକୁ ବୁଲିଯିବାକୁ ପ୍ରାଥମିକତା ଦେଇଥା'ନ୍ତି। ସେହିପରି ମନ୍ଦିର ପରିସରର ଅନ୍ୟ ପବିତ୍ରସ୍ଥଳୀ ହେଉଛି ନୀଳାଦ୍ରି ବିହାର ଉପବନ ଏବଂ ରୋଷଘର। ଭକ୍ତ ଏହାକୁ ମଧ୍ୟ ବୁଲି ଦେଖନ୍ତି। ସେହିପରି ମନ୍ଦିର ବାହାର ପବିତ୍ର ସ୍ଥଳ ହେଉଛି ନରେନ୍ଦ୍ର ପୁଷ୍କରିଣୀ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ ବଳରାମ ଓ ପଞ୍ଚମହାଦେବ ପ୍ରତ୍ୟେକବର୍ଷ ଚନ୍ଦନ ଯାତ୍ରାରେ ଏଠାକୁ ଚାପ ଖେଳିବାକୁ ଆସନ୍ତି। ଏହି ପବିତ୍ର ଜଳାଶୟରେ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହା ଚନ୍ଦନ ସରୋବର ନାମରେ ଖ୍ୟାତ। ତେଣୁ, ପ୍ରତିଦିନ ଏଠାକୁ ଭକ୍ତ ଦର୍ଶନ ପାଇଁ ଆସୁଥିବା ବେଳେ ସଂକଳ୍ପ କରିଥା'ନ୍ତି।

■ ଲଙ୍କାପୁଟ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ଅଘଟଣ

# ରାତିରେ ହଷ୍ଟେଲ ଛାଡ଼ି ଜଙ୍ଗଲକୁ ପଳାଇଲେ ୨୦ ଛାତ୍ର

■ ୯ କିମି ଦୂର ଜଙ୍ଗଲରୁ ଉଦ୍ଧାର ହେଲେ
■ ସ୍କୁଲ ସାମ୍ନାରେ ଅଭିଭାବକଙ୍କ କାନ୍ଦବୋବାଳି

କୋରାପୁଟ, ୧।୧୨(ସମିସ): ରାତିରେ ଘନ ଅନ୍ଧାରରେ ହଷ୍ଟେଲ ଛାଡ଼ି ୨୦ ଜଣ ଛାତ୍ର ପଳାଇବା ଓ ସକାଳେ ଜଙ୍ଗଲରୁ ଉଦ୍ଧାର ହେବା ଘଟଣା କୋରାପୁଟ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। କୋରାପୁଟ ବ୍ଲକ୍ ଅନ୍ତର୍ଗତ ଲଙ୍କାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ଏହି ଘଟଣା ଘଟିଛି। କେଉଁ କାରଣରୁ ଛାତ୍ରମାନେ ଏଭଳି ଦୁଃସାହସିକ ପଦକ୍ଷେପ ନେଲେ, ତାହା ଜଣାପଡ଼ିନାହିଁ। ଅପରପକ୍ଷେ, ଏହି ଘଟଣା ପରେ ଅଭିଭାବକମହଲରେ ଚିନ୍ତା ବଢ଼ି ଯାଇଛି। ଏହି ଘଟଣାରେ ଅଭିଭାବକମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହ ତଦନ୍ତ ଦାବି କରିଛନ୍ତି।

ସୂଚନାନୁଯାୟୀ, ଲଙ୍କାପୁଟ ଉଚ୍ଚ ବିଦ୍ୟାଳୟରେ ହଷ୍ଟେଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବହୁ ଛାତ୍ର ରହୁଛନ୍ତି। ସେଥିମଧ୍ୟରୁ ୨୦ଛାତ୍ର ଗତ ରାତିରେ ହଷ୍ଟେଲ ପାଚେରି ଡେଇଁ ପାଖ ଜଙ୍ଗଲକୁ ପଳାଇଥିଲେ। ଆଜି ସକାଳୁ ହଷ୍ଟେଲ କର୍ତ୍ତୃପକ୍ଷ ଏ ସଂପର୍କରେ ଜାଣିବା ପରେ ସେମାନଙ୍କ ଅଭିଭାବକମାନଙ୍କୁ ଖବର ଦେଇଥିଲେ। ମଧ୍ୟାହ୍ନରେ ହଷ୍ଟେଲ ସମ୍ମୁଖରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ନିଖୋଜ ଥିବା ଛାତ୍ରଙ୍କ ଅଭିଭାବକମାନେ ହଷ୍ଟେଲରେ ପହଞ୍ଚି କନ୍ଦାକଟା କରିଥିଲେ। ଅଭିଭାବକମାନଙ୍କ କହିବାନୁଯାୟୀ, ଗତରାତିଠାରୁ ସେମାନଙ୍କ ପିଲା ହଷ୍ଟେଲରେ ନାହାନ୍ତି ବୋଲି ସ୍କୁଲ ପକ୍ଷରୁ ସେମାନଙ୍କୁ ଫୋନ୍‌ରେ ଜଣାଯାଇଥିଲା। ଏ ସଂପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଧ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ପରେ ଅଭିଭାବକ ଓ ସ୍କୁଲର ରୋଷେୟା ନିକଟସ୍ଥ ଜଙ୍ଗଲ ଓ ଗ୍ରାମରେ ଖୋଜାଖୋଜି କରିଥିଲେ। ସ୍କୁଲଠାରୁ ୯ କିମି ଦୂର ପଣ୍ଡି ଜଙ୍ଗଲ ନିକଟରେ ନିଖୋଜ ପିଲାମାନଙ୍କୁ ଠାବ କରାଯାଇଥିଲା। ପରେ ସେମାନଙ୍କୁ ସ୍କୁଲକୁ ଅଣାଯାଇଥିଲା। କେଉଁ କାରଣରୁ ସେମାନେ ଏପରି ପଦକ୍ଷେପ ନେଲେ, ତାହା ଜଣାପଡ଼ିନାହିଁ। ଅପରପକ୍ଷେ, ଖବର ପାଇ କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍କୁଲରେ ପହଞ୍ଚି ପିଲାଙ୍କୁ ଭେଟିବା ସହ କେଉଁ କାରଣରୁ ସେମାନେ ଏଭଳି ପଦକ୍ଷେପ ନେଇଥିଲେ, ସେ ସଂପର୍କରେ ଅନୁସନ୍ଧାନ କରୁଥିବା ଜଣାପଡ଼ିଛି।

## ଜଳ ପ୍ରତିରୋଧ ଓ ପ୍ରଦୂଷଣ ନିୟନ୍ତ୍ରଣ ସଂଶୋଧନ ଆଇନ ୨୦୨୪

# ବିରୋଧୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ବିଲ୍ ପାରିତ

### ସଂଶୋଧିତ ଆଇନରେ ଜେଲ୍ ବଦଳରେ ଜରିମାନା ବ୍ୟବସ୍ଥା

ଭୁବନେଶ୍ୱର,୧।୧୨(ସମିସ): ଗତ ୨୦୨୪ ମସିହା ଫେବୃଆରୀ ୧୫ ତାରିଖରେ କେନ୍ଦ୍ର ସରକାର ଜଳ (ପ୍ରତିରୋଧ ଓ ପ୍ରଦୂଷଣ ନିୟନ୍ତ୍ରଣ) ସଂଶୋଧନ ଆଇନ୍, ୨୦୨୪ର ବିଜ୍ଞପିତ କରିଛନ୍ତି। ଏହି ସଂଶୋଧନ ପରେ ଓଡ଼ିଶାରେ ଏହାକୁ ଲାଗୁ କରିବା ପାଇଁ ରାଜ୍ୟ ସରକାର ଏହି ସଂଶୋଧନ ପ୍ରସ୍ତାବକୁ ସଂକଳ୍ପ ଆକାରରେ ସୋମବାର ଗୃହରେ ଆଗତ କରିଥିବା ବେଳେ ଏହା ପାରିତ ହୋଇଛି। ଏହି ସଂକଳ୍ପ ପାରିତ ପୂର୍ବରୁ ସଂଶୋଧନ ପ୍ରସ୍ତାବରେ ରହିଥିବା ବିଭିନ୍ନ ଦିଗକୁ ନେଇ ବିରୋଧୀ ବିଜେଡି, କଂଗ୍ରେସ ଓ ଶାସକ ବିଜେପି ମଧ୍ୟରେ ଘମାଘୋଟ୍ ବିତର୍କ ହୋଇଛି।

ଏହି ସଂକଳ୍ପ ବିରୋଧରେ ନିଜର ପକ୍ଷ ରଖି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ଏହି ସଂକଳ୍ପ ପାରିତ ହେବା ପରେ ରାଜ୍ୟ ସରକାରଙ୍କ କ୍ଷମତା ବହୁମାତ୍ରାରେ ସଂକୁଚିତ ହେବା ସହ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ହିଁ ରାଜ୍ୟ ଉପରେ ଲଦି ଦିଆଯିବ। ଏହାସହିତ ଏହି ସଂକଳ୍ପରେ ପୂର୍ବରୁ ପ୍ରଦୂଷଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ପାଇଁ ଫୌଜଦାରୀ ମାମଲା ସହ ଜେଲ୍ ଦଣ୍ଡାଦେଶ ବ୍ୟବସ୍ଥା ରହିଥିଲା; ମାତ୍ର ଏହି ବ୍ୟବସ୍ଥାକୁ ଉଚ୍ଛେଦ କରି ଖିଲାପକାରୀଙ୍କ ପାଇଁ କେବଳ ଜରିମାନା ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ଏଣିକି ପ୍ରଦୂଷଣ କ୍ଷେତ୍ରରେ ଶିଳ୍ପ ସଂସ୍ଥାମାନଙ୍କର ଆଦୌ ଭୟ ରହିବ ନାହିଁ ବୋଲି ଶ୍ରୀ ସ୍ୱାଇଁ ନିଜ ଯୁକ୍ତିରେ ଦର୍ଶାଇଛନ୍ତି। ତେଣୁ ଏହାକୁ ଲୋକଙ୍କ ମତାମତ ଲୋଡ଼ିବା ପାଇଁ ପଠାଇବାକୁ ସେ ପ୍ରସ୍ତାବ ଦେଇଛନ୍ତି।

ସେହିପରି ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ ସାରା ଦେଶରେ ୧୧ ପ୍ରତିଶତ ପାଣି ଓଡ଼ିଶାରେ ରହିଛି। ଏହି ସଂକଳ୍ପ ଦ୍ୱାରା ସବୁ ପାଣି କେନ୍ଦ୍ର ହାତକୁ ଚାଲିଯିବ। ଏହି ସଂକଳ୍ପ ଲାଗୁ ଦ୍ୱାରା କେନ୍ଦ୍ର ସରକାର ଚାହିଁଲେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରମ ବୋର୍ଡ ନିଷ୍ପତ୍ତିକୁ ମାନି ନ ପାରନ୍ତି। ଏହାସହିତ ଯଦି କୌଣସି ସଂସ୍ଥା ଆବଶ୍ୟକ ଅନୁମତି ନ ନେଇ ଶିଳ୍ପ କରିନ୍ତି, ତେବେ ସେମାନଙ୍କୁ ମାତ୍ର ୧୫ ଲକ୍ଷ ଜରିମାନା ଦେବାକୁ ହେବ। ସେହିପିର ଏହି ନିୟମ ସବୁ ସଂସ୍ଥାଙ୍କ ପାଇଁ ମଧ୍ୟ ଲାଗୁ ହେବ ନାହିଁ ବୋଲି ଏଥିରେ ବ୍ୟବସ୍ଥା ରହିଛି, ଯାହାକି ଗ୍ରହଣୀୟ ନୁହେଁ। ଏହି ବିଲ୍‌କୁ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ନିଜ ନିଜ ରାଜ୍ୟରେ ଲାଗୁ କରି ନ ଥିବା ବେଳେ ଓଡ଼ିଶାରେ କାହିଁକି ଏହାକୁ ଲାଗୁ କରିବାକୁ ସରକାର ତରତର ହେଉଛନ୍ତି, ତାକୁ ନେଇ ଶ୍ରୀ ଦେବ ପ୍ରଶ୍ନ କରିଛନ୍ତି।

ସେହିପରି ବିଧାୟକ ଅରବିନ୍ଦ ମହାପାତ୍ର ବଡ଼ ସଂସ୍ଥାଙ୍କ ପାଇଁ ୧୫ ଲକ୍ଷ ଜରିମାନା ଝାଲ୍‌ମୁଢ଼ି ସଦୃଶ କହି ସମାଲୋଚନା କରିଥିଲେ।

କଂଗ୍ରେସ ପକ୍ଷରୁ ବିଧାୟକ ସିଏସ୍ ରାଜନ ଏକ୍କା ସଂକଳ୍ପକୁ ବିରୋଧ କରି ରାଜ୍ୟର ନଦୀଗୁଡ଼ିକ ସ୍ଥିତି ଅତି ଖରାପ ଥିବା କହିବା ସହ ଜେଲ୍ ଦଣ୍ଡ ବଦଳରେ ଜରିମାନା ବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିଛନ୍ତି। ଏହାସହିତ ନୂତନ ଆଇନ୍‌ରେ ଜଣେ ନ୍ୟାୟ ନିର୍ଣ୍ଣୟ ଅଧିକାରୀ ନିଯୁକ୍ତି ନେଇ ବ୍ୟବସ୍ଥା ହୋଇଥିବା ବେଳେ ଜଣେ ସଚିବ ସ୍ତରର ଅଧିକାରୀ ଏହି କାର୍ଯ୍ୟ କରିବେ। ତେଣୁ କୋର୍ଟ ପରିବର୍ତ୍ତେ ତାଙ୍କ ନିଷ୍ପତ୍ତି ସରକାରଙ୍କ ସପକ୍ଷରେ ଯିବ ବୋଲି ଦର୍ଶାଇ ଶ୍ରୀ ଏକ୍କା କହି ବିଲ୍‌କୁ ବିରୋଧ କରିଛନ୍ତି।

ବିଲ୍ ସପକ୍ଷରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ଏହାଦ୍ୱାରା ବର୍ଷ ବର୍ଷ ଧରି କୋର୍ଟରେ ପଡ଼ି ରହିଥିବା ମାମଲାର ସମାଧାନ ହେବ। ବର୍ତ୍ତମାନ ଏ ସମ୍ପର୍କିତ ୧୭୩୭ ମାମଲା କୋର୍ଟରେ ରହିଥିବା ବେଳେ ଏଥିମଧ୍ୟରୁ ମାତ୍ର ୩୯ ଟିରେ ଦଣ୍ଡ ବିଧାନ କରାଯାଇଛି। ଏହି ସଂକଳ୍ପ ଦ୍ୱାରା କୋର୍ଟକୁ ଦୌଡ଼ୁଥିବା ସଂସ୍ଥାମାନେ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ କକ୍ଷ ତ୍ୟାଗ କରିଥିବା ବେଳେ ସଂକଳ୍ପଟି ପାରିତ ହୋଇଛି।

## କୋଣାର୍କ ଉତ୍ସବ ଉଦ୍‌ଘାଟିତ

# ଦର୍ଶକଙ୍କ ମନ ମୋହିଲା ଓଡ଼ିଶୀ ଓ ଭାରତନାଟ୍ୟମ୍

### ଚନ୍ଦ୍ରଭାଗା ବେଳାଭୂମିରେ ୧୩୧ଜଣ ଶିଳ୍ପୀଙ୍କ ବାଲୁକା କଳା ପ୍ରଦର୍ଶିତ

କୋଣାର୍କ, ୧।୧୨(ସମିସ): ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଆନୁକୂଲ୍ୟରେ ସୋମବାର କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ପାଞ୍ଚଦିନିଆ ୩୬ତମ କୋଣାର୍କ ଉତ୍ସବ ଓ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି।


ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ ବାଲୁକା କଳା ଉତ୍ସବରେ ସ୍ପେନ୍, ରୁଷିଆ, ଜାପାନ, ପର୍ତ୍ତୁଗାଲ ଓ ଶ୍ରୀଲଙ୍କାରୁ ୫ଜଣ ବାଲୁକା ଶିଳ୍ପୀଙ୍କ ସମେତ ଭାରତର ୧୩୧ଜଣ ବାଲୁକା ଶିଳ୍ପୀ ୪୫ଟି ଷ୍ଟଲ୍‌ରେ ବାଲୁକା କଳା ପ୍ରଦର୍ଶନ କରିଛନ୍ତି। ଏଥିସହ ଦର୍ଶକଙ୍କ ମନମୁଗ୍ଧ କରିଥିଲା ଓଡ଼ିଶୀ ଓ ଭାରତନାଟ୍ୟମ୍। କୋଣାର୍କ ଉତ୍ସବର ପ୍ରଥମ ସନ୍ଧ୍ୟାର ପ୍ରଥମ ଉପସ୍ଥାପନରେ ଥିଲା ସୋନାଲି ମହାପାତ୍ରଙ୍କ ନୃତ୍ୟ ଅନୁଷ୍ଠାନ ନୃତ୍ୟ ଉପାସନା ପୀଠର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ। ସେମାନଙ୍କ ପ୍ରଥମ ପ୍ରସ୍ତୁତିରେ ଥିଲା ସନ୍ଥ ତୁଳସୀ ଦାସଙ୍କ ଦ୍ୱାରା ରଚିତ ହନୁମାନ ଚାଳିସା। ଏହାର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଅଭିରାମ ନନ୍ଦ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ସୋନାଲି ମହାପାତ୍ର। ସେମାନଙ୍କ ଦ୍ୱିତୀୟ ପ୍ରସ୍ତୁତିରେ ଥିଲା ସାରଙ୍ଗ ପଲ୍ଲବୀ। ଏହାର ନୃତ୍ୟ ସଂରଚନା କରିଛନ୍ତି ଗୁରୁ ସୋନାଲି ମହାପାତ୍ର ଏବଂ ସଙ୍ଗୀତ ଓ ତାଳ ସଂଯୋଜନା କରିଛନ୍ତି ନିର୍ମଳ କୁମାର ମହାପାତ୍ର। ଶେଷରେ ନୃତ୍ୟ ଉପାସନା ପୀଠର ଶିଳ୍ପୀମାନଙ୍କ ପ୍ରସ୍ତୁତିରେ ଥିଲା ଚାରି ଯୁଗ ଦେବୀ। ଏଥିରେ ଦେବୀ ଦୁର୍ଗାଙ୍କ ଦିବ୍ୟ ଶକ୍ତିକୁ ବର୍ଣ୍ଣନା କରଯାଇଥିଲା। ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମକୁ ମଞ୍ଚରେ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲ୍ଲମ୍। ପରିଚାଳନରେ ସହଯୋଗ କରିଥିଲେ ଡ. ସଂଗୀତା ଗୋସାଇଁ। ଉତ୍ସବ ପରିଚାଳନା କରିଥିଲେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ।



କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ରାଜ ଭବନ ହେଲା 'ଲୋକ ଭବନ'

ଭୁବନେଶ୍ୱର,୧।୧୨(ସମିସ): ବଦଳିଲା ରାଜଭବନର ନାମ। ଆନୁଷ୍ଠାନିକ ଭାବେ 'ରାଜ ଭବନ'ର ନାମ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ନାମରେ ନାମିତ କରାଯାଇଥିବା ସୋମବାର ରାଜ ଭବନ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ୨୦୨୪ ମସିହାରେ ରାଜ୍ୟପାଳମାନଙ୍କ ସମ୍ମିଳନୀ ସମୟରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜ ଭବନଗୁଡ଼ିକର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ 'ଲୋକ ଭବନ' ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ ଅଟେ। 'ଲୋକ ଭବନ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବା ସହ ସମସ୍ତଙ୍କ ସୁଗମତା ଉପରେ ଧ୍ୟାନ ଦେବ।






# ସମ୍ବଲପୁର ଅଟୋ ଚାଳକ ମହାସଂଘର ବିକ୍ଷୋଭ ଓ ସମାବେଶ

**ସମ୍ବଲପୁର, ୧।୧୨ (ସମିସ)**

ସମ୍ବଲପୁର ତଥା ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଟୋ ଚାଳକ ସଂଘ ମାନଙ୍କୁ ନେଇ ସମ୍ବଲପୁର ଅଟୋ ଚାଳକ ମହାସଂଘ ପକ୍ଷରୁ ଆଜି ଶୋଭାଯାତ୍ରା ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଅଟୋ ଚାଳକ ମହାସଂଘର ଉପଦେଷ୍ଟା ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଆଜି ଲକ୍ଷ୍ମୀଟକିଜ ଛକରୁ ବାହାରି ଗୋଲବଜାର ଦେଇ ଏକ ହଜାରରୁ ଉର୍ଦ୍ଧ୍ୱ ଅଟୋ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ଏକ ବିକ୍ଷୋଭ ସମାବେଶ ଆୟୋଜିତ ହୋଇଥିଲା। ଏହି ସଭାରେ ସମ୍ବଲପୁରରେ ଥିବା ୫ ହଜାର ଅଟୋଚାଳକଙ୍କ ଜୀବନ ଜୀବିକା ଓ ତାଙ୍କ ପରିବାରର ୨୦ ହଜାର ସଦସ୍ୟଙ୍କ ସୁରକ୍ଷା, ଭବିଷ୍ୟତ ପାଇଁ ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ନିଅନ୍ତୁ ବୋଲି ଉପଦେଷ୍ଟା ସଞ୍ଜିତ ମହାନ୍ତି ବକ୍ତବ୍ୟ ପ୍ରକାଶ କରିବା ସହ ଅଟୋଚାଳକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ହିନ୍ଦ୍ ମଜଦୂର ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି ଉଦବୋଧନ ଦେଇ ଅଟୋଚାଳକ ମାନେ ଆଜି ଶକ୍ତି ପ୍ରଦର୍ଶନ କରି ନିଜର ଦାବୀ ଜଣାଇଥିବାରୁ ଅଭିନନ୍ଦନ ଜଣାଇଥିଲେ। ଏହାସହିତ ମହାସଂଘର ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଜଣାଇଥିଲେ।



ବିଭିନ୍ନ ଦାବି ମଧ୍ୟରେ ଅଟୋଚାଳକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ, ସାମାଜିକ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ କରିବା ଯଥା - ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଚିକିତ୍ସା ସହାୟତା, ମୃତ୍ୟୁକାଳୀନ ଆର୍ଥିକ ସହାୟତା ପ୍ରଦାନ, ଭତ୍ତା ପ୍ରଦାନ ଆଦି ଦାବୀ ସମେତ ସମ୍ବଲପୁରରେ ଥିବା ଅଟୋଷ୍ଟାଣ୍ଡର ଚିହ୍ନଟ ଜମି ପ୍ରଦାନ, ସରକାରୀ ଅନୁମୋଦନ ସହ ସହରର ବିଭିନ୍ନ ସ୍ଥାନରେ ଅଟୋଷ୍ଟାଣ୍ଡ ନିର୍ମାଣ, ଅଟୋଷ୍ଟାଣ୍ଡରେ ଚାଳକ ଓ ଯାତ୍ରୀମାନଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା, ଆମ ବସ୍ ଓ ଇ.ଭି. ବସ୍ ଚଳାଚଳ ପୂର୍ବରୁ ବିଭିନ୍ନ ସ୍ଥାନରେ ବସ୍ ରହଣି ପାଇଁ ବସ୍ ବେ ନିର୍ମାଣ, ବସ୍‌ର ରୁଟ ଚାର୍ଟ ପ୍ରସ୍ତୁତ କରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବା, ବସ୍ ଚଳାଚଳରେ ବସ୍ ମାନଙ୍କ ମଧ୍ୟରେ ପାର୍ଥକ୍ୟ ସମୟ ନିର୍ଘଣ୍ଟ, ଇଣ୍ଟର୍ ଡିଷ୍ଟ୍ରିକ୍ଟ ପାଇଁ ଆସିଥିବା ଇଭି ବସ୍ ଗୁଡିକୁ କାହାରି ଚାପରେ ବା କାହାରି ଲାଭ ପାଇଁ କେବଳ ସହର ଭିତରେ ସୀମିତ ରଖାନଯାଉ ବୋଲି ଦାବି କରାଯାଇଛି। ପ୍ରତିବାଦ ସଭାରେ ଏଚ.ଏମ୍.ଏସ. ଉପସାଧାରଣ ସମ୍ପାଦକ ଗୋକୁଳ ମେହେର, ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ଏଆଇଟିୟୁସି ରବୀନ୍ଦ୍ର ମହାନ୍ତି, ଭିଏସଏସ ସଂଘର ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ସୌରୀ ପାଣିଗ୍ରାହୀ, ମିଲନ ହୋତା, ପ୍ରକାଶ ଡାଙ୍ଗ, ସୁମିତ ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ମଣ୍ଟୁ ମହାନ୍ତି, ଚୁମନ ପ୍ରଧାନ, ସଞ୍ଜୀବ ସାହୁ, ଆର୍ଯ୍ୟନ ବହିଦାର, ଚିତ୍ରସେନ ନାୟକ, ଜାଫର ଅଲ୍ଲୀ ଖାଁ, ଅଶୋକ ପଟେଲ, ଏମ୍‌ଡି ଇଶାକ, ବାଲ୍ମୀକି ନାୟକ, ମଞ୍ଜୁ ଓରାମ ସମେତ ବିଭିନ୍ନ ସଂଘର ସଭାପତି ମଧ୍ୟରେ ଦିଲ୍ଲୀପ ନାୟକ, ବୁଲୁ ବାରିକ, ସନ୍ତୋଷ ଦାସ, ନୀତେଶ ନନ୍ଦ, ଶ୍ରୀକାନ୍ତ ପାଣ୍ଡେ, ଶରତ ତାଣ୍ଡି, ପ୍ରଶାନ୍ତ ମୁଣ୍ଡା, ଏମ୍‌ବି ଉସମନ୍, ଏସକେ ମୁରୁଦ୍ଦିନ, ପପୁ ମହାପାତ୍ର, ବିନୋଦ ପୋଢ଼, ଏମ୍‌ଡି ସରିଫ୍, ଜଗନ୍ନାଥ ନାଥ, ମୋନଜ୍ ଜୟସୁରିଆ, ମିଥୁନ ଭାଇ, ଯୁଗଳ କିଶୋର, ଜ୍ଞାନ ସିଂ, ସନ୍ତୋଷ ବିଭାର, ସୁଶାନ୍ତ ସାହୁ, ପ୍ରସନ୍ନ ମୁଣ୍ଡା, ରାଜକୁମାର ଗୁପ୍ତା, ମହାଦେବ ଲାକ୍ରା, ବିରେନ୍ଦ୍ର ସାହୁ, ରାଜୁ ଦେହୁରୀ, ଯୁଗଳ ଭୋଇ, ସୟତ ସିରାଉଦ୍ଦିଲ୍ଲ, ପଞ୍ଚାନନ ମିଶ୍ର, ଜୁନସ ମୁଣ୍ଡା, ସନ୍ତୋଷ ମହାକୁଲ, ସଞ୍ଜିତ ଘଡେଇ, ଆର୍ଯ୍ୟନ୍ ବେହେରା, ପ୍ରବୀଣ ବେହେରା, ଉତ୍ତମ ବାଘ, ବିଷ୍ଣୁ ସିଲ, ଆଶିଷ ଦତ୍ତ ଗଡଡ, ବିଭୀଷଣ କାଣ୍ଡ ପ୍ରମୁଖ ସାମିଲ ହୋଇଥିଲେ।



ସମ୍ବଲପୁର : ବ୍ୟବସ୍ଥିତ ହୋଇପାରିନି ମଣ୍ଡି
ଜମନକିରା ବ୍ଲକ୍ କୁଲୁଣ୍ଡି ଲ୍ୟାମ୍ପସରେ ସଜ ମାଟିରେ ଫସିଗଲା ଧାନଗାଡ଼ି

# ଧାନ କିଣିବା ସମସ୍ୟା ଜଟିଳ ହେବାରେ ଲାଗିଛି

**ସମ୍ବଲପୁର, ୧।୧୨ (ସମିସ) :** ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ପ୍ରେସବିବୃତିରେ କହିଛନ୍ତି ଯେ ସମ୍ବଲପୁରରେ ଗତ ମାସ ୨୮ ତାରିଖରୁ ଆଜି ପର୍ଯ୍ୟନ୍ତ ମଣ୍ଡିରୁ ବିଧିବଦ୍ଧ ଭାବରେ ବସ୍ତାଏ ବି ଧାନ କିଣା ଯାଇ ପାରିନାହିଁ କି ଧାନ ମିଲ ଭିତରକୁ ପ୍ରବେଶ ହୋଇ ପାରିନାହିଁ। ଚାଷୀମାନେ ଘୋର ହତାଶା ମଧ୍ୟରେ ଅଛନ୍ତି ଏବଂ ମଣ୍ଡି ମାନଙ୍କରେ ଚାଷୀ ପଡ଼ି ରହିଛନ୍ତି। ଏପରି ପରିସ୍ଥିତିରେ ସରକାରଙ୍କ ଖାଦ୍ୟ ଯୋଗାଣ ମନ୍ତ୍ରୀ ବାରମ୍ବାର ମଣ୍ଡିର ସମସ୍ୟା ଓ ଧାନ କିଣା ସମସ୍ୟା ସମାଧାନ ହୋଇଗଲାଣି ବୋଲି ରଖୁଥିବା ବକ୍ତବ୍ୟ ମିଥ୍ୟା ଓ ପ୍ରତାରଣାରେ ପରିଣତ ହୋଇଛି। ଆଜି ତାହାର ପ୍ରମାଣ ଚାଷୀ ମାନଙ୍କ ଦ୍ୱାରା ରାସ୍ତା ଅବରୋଧ ଆନ୍ଦୋଳନ ସରକାରଙ୍କ ଉଦାସୀନତା ଏବଂ ପ୍ରତାରଣାକୁ ପ୍ରମାଣିତ କରୁଛି। ମିଲ ମାଲିକ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ହେଉଥିବା ଆଲୋଚନା ବିଫଳ ହେଉଥିବା ଦେଖାଯାଉଛି। ଏହି ସମସ୍ୟା ରାଜ୍ୟ ସରକାରଙ୍କ ପ୍ରଶାସନିକ ସମସ୍ୟା ଏଦିଗରେ ସରକାରଙ୍କ ପ୍ରଚେଷ୍ଟାରେ ଆନ୍ତରିକତା ନଥିବା ଦେଖାଯାଉଛି। ଏଣୁ ରାଜ୍ୟ ସରକାର ବିଳମ୍ବ ନ କରି ମଣ୍ଡି ମାନଙ୍କରୁ ଚାଷୀ ମାନଙ୍କ ଧାନ ସୁରୁଖୁରୁରେ ଉଠିବା ପାଇଁ ଦୃଢ଼ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ମହାନ୍ତି ଦାବୀ କରିଛନ୍ତି। ପ୍ରକାଶ ଥାଉ କି ଦୁଇଦିନ ପୂର୍ବରୁ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ବିଜେଡି ପ୍ରତିନିଧି ଦଳ ମଣ୍ଡି ଅବ୍ୟବସ୍ଥାକୁ ନେଇ ଜିଲ୍ଲାପାଳଙ୍କ ସହ ସାକ୍ଷାତକରି ଦୃଷ୍ଟି ଆକର୍ଷଣ କରିଥିଲେ।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ୨ ଗିରଫ

**ରେଢ଼ାଖୋଲ, ୧।୧୨(ସମିସ):** କଲେଜ ପଢୁଆ ବଡ଼ ଭଉଣୀକୁ ଗାଁ ଛକରେ ଅପେକ୍ଷା କରିଥିବା ସାନ ଭଉଣୀକୁ ନିଛାଟିଆ ଦେଖି ଦୁଷ୍କର୍ମ ଉଦ୍ୟମ ମାମଲାରେ ଦୁଇ ଅଭିଯୁକ୍ତ ଯୁବକକୁ ଗିରଫ କରି ସୋମବାର ଦିନ କୋର୍ଟ ଚାଲାଣ କରିଛି ରେଢ଼ାଖୋଲ ପୁଲିସ। ଅଭିଯୋଗ ଅନୁଯାୟୀ ଯୁକ୍ତ ଦୁଇ ପଢୁଥିବା ନାବାଳିକା ବଡ଼ ଭଉଣୀ ସବୁଦିନ ପରି ଗତକାଲି ସନ୍ଧ୍ୟାରେ ଲକ୍ଷ୍ମୀ ବସ୍ ଯୋଗେ ଘରକୁ ଫେରୁଥିବା ବେଳେ ବଡ଼ ଭଉଣୀକୁ ଆଣିବା ପାଇଁ ଗାଁ ଛକରେ ଅପେକ୍ଷା କରିଥିବା ଅଷ୍ଟମ ଶ୍ରେଣୀ ପଢୁଥିବା ନାବାଳିକା ସାନ ଭଉଣୀକୁ ଏକୁଟିଆ ଗାଁ ଛକରେ ଦେଖି ଅରଖକୁଦ ଗାଁର ଦୁଇ ଯୁବକ ଟେକି ନେଇ ଦୁଷ୍କର୍ମ କରିଥିଲେ। ବଡ଼ ଭଉଣୀ ଆସିବା ପରେ ଦୁଇ ଯୁବକ ବଡ଼ ଭଉଣୀକୁ ଦୁଷ୍କର୍ମ ଉଦ୍ୟମ କରିବା ସହିତ କାହାକୁ କିଛି କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ଆଜି ରେଢ଼ାଖୋଲ ପୁଲିସ ଅରଖକୁଦ ଗାଁର ବାସିନ୍ଦା ମୁଖ୍ୟ ଅଭିଯୁକ୍ତ ପ୍ରମୋଦ ପ୍ରଧାନ(୨୨) ଏବଂ ଅନ୍ୟ ଜଣେ ୧୭ ବର୍ଷୀୟ ନାବାଳକ ଅଭିଯୁକ୍ତକୁ ଡାକ୍ତରୀ ଯାଞ୍ଚ କରି କୋର୍ଟ ଚାଲାଣ କରାଯାଇଥିଲା। ଏଥିରେ ନାବାଳକ ଅଭିଯୁକ୍ତ ଯୁବକକୁ ଯୁଭିନାଇଲ କୋର୍ଟ କୁ ଚାଲାଣ କରାଯିବ ବୋଲି ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ପ୍ରତିକ୍ରିୟା ଦେଇଛନ୍ତି।

# ଚିପିଲିମା ଜଳ ବିଦ୍ୟୁତ୍ କେନ୍ଦ୍ରର ପାୱାର ହାଉସରେ ଅଗ୍ନିକାଣ୍ଡ

**ସମ୍ବଲପୁର, ୧।୧୨(ସମିସ):** ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଅଧିନ ସମ୍ବଲପୁର ଜିଲ୍ଲା ଚିପିଲିମା ଜଳ ବିଦ୍ୟୁତ୍ କେନ୍ଦ୍ରର ପାୱାର ହାଉସ ସ୍ୱିଚୟାର୍ଡ ସେକ୍ସନରେ ସର୍କିଟ ହୋଇ ୨ ଟି ସିଟି (କରେଣ୍ଟ ଟ୍ରାନ୍ସଫର୍ମର) ଫାଟିବାରୁ ଭୟଙ୍କର ଅଗ୍ନିକାଣ୍ଡ ଘଟି ସ୍ୱିଚୟାର୍ଡର ଭିତରେ ବିଛା ଯାଇଥିବା କେବୁଲ ତାର ପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ସମଗ୍ର ଅଞ୍ଚଳ ଆଲୋକମୟ ହୋଇପଡ଼ିଥିଲା। ସ୍ୱିଚୟାର୍ଡରେ ଥିବା କେବୁଲ ଟ୍ରେଞ୍ଚରେ ନିଆଁ ଲାଗି ବିଭିନ୍ନ କେବୁଲ ଗୁଡ଼ିକ ତଥା ବିଭିନ୍ନ ଯନ୍ତ୍ରାଂଶ ଜଳି ଯାଇଥିଲା। ତୁରନ୍ତ ବୁର୍ଲା ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦିଆ ଯାଇଥିଲା ସେମାନେ ପହଞ୍ଚିବା ପୂର୍ବରୁ ଜଳ ବିଦ୍ୟୁତ୍ ଶକ୍ତି କେନ୍ଦ୍ରର ଅଧିକାରୀ ଓ କର୍ମଚାରୀ ଜଳୁଥିବା ନିଆଁକୁ ଆୟତ୍ତ କରିବାରେ ସମର୍ଥ ହୋଇଥିଲେ। ଅଗ୍ନିକାଣ୍ଡ ଯୋଗୁଁ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ ଠପ୍ ହୋଇଯିବାରୁ ସମଗ୍ର ଅଞ୍ଚଳ ଅନ୍ଧକାର ହୋଇପଡ଼ିଛି। ମଙ୍ଗଳବାର ମରାମତି କାର୍ଯ୍ୟ କରାଯିବ ବୋଲି ପ୍ରକଳ୍ପ ମୁଖ୍ୟ ଇଂ ବି ଶଙ୍କର ସୁବୁଦ୍ଧି ସୂଚନା ଦେଇଛନ୍ତି।



■ ଆୟୁଷ ଛାତ୍ରଛାତ୍ରୀ ଆନ୍ଦୋଳନକୁ ୨୬ ଦିନ ପୂରିଲା

# ଦିନରାତି ଧାରଣା ଦେଇ ୟୁନିଫର୍ମ ବର୍ଜନ କଲେ


**ସମ୍ବଲପୁର, ୧।୧୨(ସମିସ):** ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ୨୬ ଦିନ ପୂରିଲା। ସ୍ୱାସ୍ଥ୍ୟ ମନ୍ତ୍ରୀ ଠାରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀଙ୍କୁ ଆୟୁଷ ସଂଘ ନିଜର ଦାବିକୁ ଜଣାଇଥିଲା। ୨୬ ଦିନ ଧରି କଳାବ୍ୟାଚ୍ ପରିଧାନ କଲେ, କଲେଜ ସମ୍ମୁଖରେ ୮ ଦିନ ହେଲାଣି ତାଲା ପଡ଼ିଛି। ହେଲେ କେହି କର୍ଣ୍ଣପାତ କରିନଥିଲେ। ଆଜି ବାଧ୍ୟ ହୋଇ ସଂଘ ପକ୍ଷରୁ ଛାତ୍ରଛାତ୍ରୀ ନିଜର ଧଳା ୟୁନିଫର୍ମ ବର୍ଜନ କରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବି ପତ୍ର ମଧ୍ୟ ଦେଇଥିଲେ। କୌଣସି ସମାଧାନ ହୋଇନଥିବାରୁ ଆଜି ସମ୍ବଲପୁର ସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଆଣ୍ଡ ରିସର୍ଚ୍ଚର ଛାତ୍ରଛାତ୍ରୀ ପୋଷ୍ଟ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ନିଜର ଧଳା ୟୁନିଫର୍ମ ବର୍ଜନ କରିଛି। ଆଗାମୀ ଦିନରେ ସମାଧାନ ନ ହେଲେ ପ୍ରତିବାଦ ଜୋରସୋର ହେବ ବୋଲି ସଂଘ ଚେତାବନୀ ଦେଇଛି।

# ବିକାଶ ନର୍ସିଂ କଲେଜର ପାବପାଲି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ



**ସମ୍ବଲପୁର, ୧।୧୨ (ସମିସ) :** ସମ୍ବଲପୁର ଜିଲ୍ଲା ଶାସନ ଗ୍ରାମ ପଞ୍ଚାୟତ ଅଧିନସ୍ଥ ପାବପାଲି ଗ୍ରାମରେ ବିଶ୍ୱ ଏଡ୍‌ସ ଦିବସ ଅବସରରେ ବିକାଶ ନର୍ସିଂ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତା ରାଲି ତଥା ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଦେବେଇପାଲି ଜନସ୍ୱାସ୍ଥ୍ୟ ଅଧିକାରୀ ରୁନି ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ମହାପାତ୍ରଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ କଲେଜର ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଓ ଗ୍ରାମବାସୀମାନେ ଭାଗ ନେଇଥିଲେ। ଛାତ୍ରଛାତ୍ରୀମାନେ ସ୍ଲୋଗାନ ସହ ପ୍ଲାକାର୍ଡ ଓ ବ୍ୟାନର ଧରି ରାଲି କରି ଲୋକମାନଙ୍କୁ ସଚେତନ କରିଥିଲେ। ଜନସ୍ୱାସ୍ଥ୍ୟ ଅଧିକାରୀ ରୁନି ପଟ୍ଟନାୟକ କହିଲେ ଯେ, ଏଡ୍‌ସ ସମ୍ପର୍କରେ ଭ୍ରାନ୍ତି ଓ ଅଜ୍ଞାନତା ହେଉଛି ସବୁଠାରୁ ବଡ ଚିନ୍ତାର ବିଷୟ। ସମାଜ ଯଦି ସଠିକ ତଥ୍ୟ ପାଏ ଏବଂ ଯୁବପିଢ଼ି ଏପରି ପ୍ରଚାର ଅଭିଯାନରେ ସକ୍ରିୟ ହୁଏ, ତେବେ ଏଡ୍‌ସ ପ୍ରତିରୋଧ ଅଧିକ ପ୍ରଭାବଶାଳୀ ହେବା ନିଶ୍ଚିତ ସମ୍ଭବ।

କାର୍ଯ୍ୟକ୍ରମରେ ବିକାଶ ଅନୁଷ୍ଠାନ ସମୂହର ଚେୟାରମ୍ୟାନ ଜି. ଭାସ୍କର ରାଓ, ନିର୍ଦ୍ଦେଶକ ଜି. ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ, ବିକାଶ ନର୍ସିଂ କଲେଜର ଅଧକ୍ଷ ପ୍ରଫେସର ଈଶ୍ୱର ନାଗ ତଥା ବିକାଶ ନର୍ସିଂ କଲେଜର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ସମାଜରେ ସଚେତନତା ସୃଷ୍ଟି କରିବାର ଏକ ମୁଖ୍ୟ ସ୍ରୋତ ବୋଲି ଚେୟାରମ୍ୟାନ ଶ୍ରୀ ଭାସ୍କର ରାଓ ଦୃଢୋକ୍ତି ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀମାନେ ଏଡ୍‌ସ ଉପରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ କଲେଜର ଶିକ୍ଷୟିତ୍ରୀ ସୁନିତା ଓରାମ ଓ କ୍ରିଷ୍ଟିୟାନା ୱିଲ୍ଲିୟମ ପରିଚାଳନା କରିଥିଲେ।




# ଏଡ୍‌ସ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ନିବାରଣକୁ ଗୁରୁତ୍ୱ

## ସମ୍ବଲପୁର ରେଳ ମଣ୍ଡଳ

**ସମ୍ବଲପୁର, ୧।୧୨ (ସମିସ)**

ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ଆଜି ବିଶ୍ୱ ଏଡସ୍ ଦିବସ ପାଳନ କରିଛି ଯାହାର ଉଦ୍ଦେଶ୍ୟ ହେଉଛି ଏଡସ୍ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ରୋଗର ପ୍ରସାର ରୋକିବାରେ ସାମୂହିକ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା। ସମ୍ବଲପୁରର ମଣ୍ଡଳ ରେଳ ହସ୍ପିଟାଲରେ ଏକ ସ୍ୱତନ୍ତ୍ର ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା। ଯେଉଁଠାରେ ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଏଚ୍.ଏସ୍. ବାରିକ ଏବଂ ରେଳ ସ୍ୱାସ୍ଥ୍ୟ ୟୁନିଟର ଅନ୍ୟାନ୍ୟ ଚିକିତ୍ସା ଅଧିକାରୀମାନେ କର୍ମଚାରୀଙ୍କୁ ଏଡସ୍ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ନିବାରଣର ଗୁରୁତ୍ୱ ଏବଂ ଏହା ଚାରିପାଖରେ ଥିବା ମିଥ୍ୟାକୁ ଦୂର କରିବାର ଆବଶ୍ୟକତା ବିଷୟରେ ଅବଗତ କରାଇଥିଲେ। ସୂଚନାପ୍ରଦ ଅଡିଓ-ଭିଜୁଆଲ୍ ଉପସ୍ଥାପନା ଏବଂ ପାରସ୍ପରିକ ଆଲୋଚନା ମଧ୍ୟ କରାଯାଇଥିଲା। ସ୍ୱାସ୍ଥ୍ୟ ଏବଂ ଅନ୍ତର୍ଭୁକ୍ତିର ବାର୍ତ୍ତା ପ୍ରସାର ପାଇଁ ସମ୍ବଲପୁରର ରେଳ ନଗରରେ ସଚେତନତା ରାଲି ଆୟୋଜିତ ହୋଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ଏଡସ୍ ବିରୋଧରେ ଲଢ଼ିବାରେ ସାମୁଦାୟିକ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କର୍ମଚାରୀଙ୍କୁ ଅବଗତ ରହିବା ଏବଂ ଅନ୍ତର୍ଭୁକ୍ତ ସ୍ୱାସ୍ଥ୍ୟ ପଦକ୍ଷେପକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ।

## ମହିଳା ମହାବିଦ୍ୟାଳୟ

**ସମ୍ବଲପୁର:** ବିଶ୍ୱ ଏଡସ୍ ଦିବସ ଉପଲକ୍ଷେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଯୁବ ରେଡକ୍ରସ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହଭାଗିତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ ଆବାହକ ପ୍ରଫେସର ପବିତ୍ର ମୋହନ ବେହେରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ବିଶ୍ୱାଳ, ଜିଲ୍ଲା ନିଶା ନିବାରଣ ଚିକିତ୍ସକ ଡ. ଅରୁଣ କୁମାର ଡାଲମିଆ ଓ ମହାବିଦ୍ୟାଳୟ ଯୁବ ରେଡକ୍ରସ ସଂଯୋଜକ ଡ. ଦୀପକ କୁମାର ଓଝା ଯୋଗଦାନ କରିଥିଲେ। ପ୍ରଫେସର ଓଝା ରେଡକ୍ରସର ବାର୍ଷିକ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଯୁବ ରେଡକ୍ରସର କର୍ମକର୍ତ୍ତା ପ୍ରଫେସର ଶୁଭ ସ୍ୱରାଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ରେଡକ୍ରସ କର୍ମକର୍ତ୍ତା ପ୍ରଫେସର ପୁନମ ରଶ୍ମିତା ଟୋପୋ, ମଧୁସ୍ମିତା ବିଶ୍ୱାଳ, ସୁପ୍ରଭା ଭୋଇ, ସିଦ୍ଧାର୍ଥ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାଠଶାଳା

**ସମ୍ବଲପୁର:** ସ୍ଥାନୀୟ ବସୁନ୍ଧରା କମ୍ୟୁନିଟି ସେଣ୍ଟର ଦ୍ୱାରା ପରିଚାଳିତ ଦେୟମୁକ୍ତ ଶିକ୍ଷାଦାନ କେନ୍ଦ୍ରରେ ବିଶ୍ୱ ଏଡ୍‌ସ ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ଶେଖର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସଦର ଡାକ୍ତରଖାନାର ପରିଚାଳକ ସୁଦୀପ୍ତ ଦତ୍ତ ଯୋଗଦେଇଥିବା ବେଳେ ଅନୁଷ୍ଠାନର ଉପସଭାନେତ୍ରୀ ଝୁନୁ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଉପଦେଷ୍ଟା ଗୁଣରଞ୍ଜନ ସାଲିମା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏଡ୍‌ସ ଉପରେ ଆଧାରିତ ନୃତ୍ୟ ନାଟିକା ପ୍ରଦର୍ଶନ କରାଯାଥିଲା। ସମ୍ପାଦକ ପ୍ରବୀଣ ନାୟକ, ନୀଳିମା ବାରୁ, ରୁବିଲତା ମଲ୍ଲିକ, ଦେବେନ୍ଦ୍ର ନାଥ, ପ୍ରଶାନ୍ତ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶରତ ବହିଦାର, କିଶୋର ଧରେଇ, ମନୀଷା ନାୟକ ଓ ଜ୍ୟୋତି ମୁଣ୍ଡା ସହଯୋଗ କରିଥିବାବେଳେ ବରିଷ୍ଠ ଉପଦେଷ୍ଟା ପ୍ରଶାନ୍ତ ପାଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଏସଡବ୍ଲ୍ୟୁ ଫାଉଣ୍ଡେସନ

**ସମ୍ବଲପୁର:** ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଶ୍ରୀପୁରା ଏବଂ ବାଞ୍ଜିବେର୍ଣ୍ଣା ଶ୍ରମିକ କଲୋନିରେ ବିଶ୍ୱ ଏଡ୍‌ସ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଛି। ପ୍ରତିରୋଧକ ସ୍ୱାସ୍ଥ୍ୟ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମାଜ (ଓଏସଏସିଏସ), ଗ୍ରାମ୍ୟ ବିକାଶ ସଂଗଠନ, ହେଲ୍ଥଏଜ୍ ଇଣ୍ଡିଆ ସହଯୋଗରେ ଆୟୋଜିତ ହୋଇଥିଲା। ଶ୍ରମିକ, ପ୍ରବାସୀ ଶ୍ରମିକ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ଏହି ରୋଗର ନିବାରଣ, ସଂକ୍ରମଣ, ପ୍ରାରମ୍ଭିକ ପରୀକ୍ଷା ଏବଂ ସମୟୋଚିତ ଚିକିତ୍ସା ସେବାର ଗୁରୁତ୍ୱ ଉପରେ ଶିକ୍ଷା ଦେଇଥିଲେ। ସମସ୍ତଙ୍କୁ ସଚେତନତା ସାମଗ୍ରୀ, ସୂଚନାମୂଳକ ଲିଫଲେଟ୍ ଏବଂ ପ୍ରତିରୋଧକ ସାମଗ୍ରୀ ବଣ୍ଟନ କରାଯାଇଥିଲା। ମୋଟ ୧୧୪ ଜଣ ଭାଗ ନେଇଥିଲେ। ନିକଟବର୍ତ୍ତୀ ଗ୍ରାମର ତିନୋଟି ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ବିଷୟବସ୍ତୁ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ମା' ଝାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ସମ୍ବଲପୁର:** ମା' ଝାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠାନର ୟୁଥ ରେଡକ୍ରସ ଓ ରେଡ୍ ରିବନ କ୍ଲବ ପକ୍ଷରୁ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଛି। ଅଧକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ଅଧିକାରୀ ଡ. ପ୍ରତାପ ଚନ୍ଦ୍ର ନାଏକ ଏଡସ୍ ବ୍ୟାପିବା କାରଣ ଓ ଏଥିରୁ ସମାଜକୁ ମୁକ୍ତ କରିବା ନିମନ୍ତେ ବିଭିନ୍ନ ପ୍ରତିକାରାତ୍ମକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଡ.ଚାନ୍ଦିନୀ ମେହେର ଏଡସ୍ ପ୍ରତି ସଚେତନ ହେବା ସହ ଏଡ୍‌ସ ରୋଗୀଙ୍କୁ ସହାୟତା କରିବା ସହ ସେମାନଙ୍କୁ ମାନସିକ ସହଯୋଗ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏଏନମ୍ ସାବିତ୍ରୀ ଓରାମ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ।ୟୁଥ ରେଡକ୍ରସ ୟୁନିଟର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ସ୍ମାରକୀ ମାହାର ପ୍ରାରମ୍ଭିକ ସୂଚନା ସହ ଧନ୍ୟବାଦ ଅର୍ପଣ କରିଥିଲେ ବେଳେ ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁରଙ୍କ ସଂଯୋଜନାରେ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମିନତି ଦାଶ, ଆନନ୍ଦିନୀ ପଣ୍ଡା ଦଦୀପ୍ତୀରେଖା ପଣ୍ଡା, ସ୍ୱାତି ପତି, ମୌସୁମୀ ଷଡଙ୍ଗୀ, ଅନ୍ତର୍ଯ୍ୟାମୀ ମହାକୁର, ସୁଶୀଲ କୁମାର ବାଗ, ସୁଶ୍ରୀତ ଷଡଙ୍ଗୀ, ପ୍ରମୋଦ କୁମାର ଲହରିଆ, ଜୀବର୍ଦ୍ଧନ ସେଠ, ଚୈତନ୍ୟ ସେନାପତି, ଅରୁଣ କୁମାର ଲୁହୁରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ହୀରାକୁଦ ମହାବିଦ୍ୟାଳୟ

**ସମ୍ବଲପୁର:** ସୋମବାର ହୀରାକୁଦ ମହାବିଦ୍ୟାଳୟରେ ଯୁବ ରେଡ୍ କ୍ରସ୍ ଏବଂ ରେଡ୍ ରିବନ୍ କ୍ଲବ୍‌ର ଆନୁକୂଲ୍ୟରେ ଅଧକ୍ଷା ଦାୟିତ୍ୱରେ ଥିବା ସୀମାନ୍ତିକା ଦାସଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଏଡ୍‌ସ୍ ଦିବସ ପାଳିତ ହୋଇଛି। ବାଣିଜ୍ୟ ବିଭାଗର ଅଧ୍ୟାପକ ତଥା ସଂଯୋଜକ ଡ. ସଞ୍ଜୟ ଜେନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଆଇକ୍ୟୁଏସିର ସଂଯୋଜକ ଡ. ଅକ୍ଷୟ କୁମାର ସୁତାର, ଡ. ମଞ୍ଜୁଲତା ପଣ୍ଡା, ଡ. ସିଦ୍ଧାନ୍ତ ମହାନ୍ତି ମଞ୍ଚାସୀନ ଥିଲେ। ହୀରାକୁଦ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଏନଏସ୍‌ସିବି ମହାବିଦ୍ୟାଳୟ

**ସମ୍ବଲପୁର :** ସ୍ଥାନୀୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ଅଧକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ନେତୃତ୍ୱରେ ବିଶ୍ୱ ଏଡ୍‌ସ ଦିବସ ଏବଂ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଛି। ଏହି ଅବସରରେ ଏନଏସଏସ ଓ ରେଡ କ୍ରସ ୟୁନିଟ ତରଫରୁ ଏକ ବିଶାଳ ରାଲି ଆୟୋଜିତ ହୋଇଥିଲା। ଏହି ସମୟରେ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।ଏଡସ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ରେଡକ୍ରସ ଅଧିକାରୀ ଡ. ମିଲି ସାହୁ, ଡ. ସନ୍ଧ୍ୟା କୁଅଁର ଏବଂ ଏନଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ମେଞ୍ଜା ପୁର୍ତ୍ତି ଓ ସତ୍ୟପ୍ରକାଶ ଟୁଡୁ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରମୁଖ ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ପଣ୍ଡା ତଥା ଅଧ୍ୟାପକ ସୁଧାଂଶୁ ଆଚାର୍ଯ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କୁଚିଣ୍ଡା କଲେଜ

**କୁଚିଣ୍ଡା:** କୁଚିଣ୍ଡା କଲେଜରେ ବିଶ୍ୱ ଏଡସ ଦିବସ ପାଳନ କରାଯାଇଛି।ଛାତ୍ରଛାତ୍ରୀ କଲେଜରୁ ଏଡସ୍ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ। ପରେ କଲେଜ ଅଡିଟୋରିୟମରେ ଛାତ୍ରଛାତ୍ରୀଙ୍କୁ ଏଚଆଇଭି / ଏଡ୍‌ସ ସମ୍ବନ୍ଧରେ ସଚେତନତା କରାଗଲା। ସଭାରେ କଲେଜର ଭରପ୍ରାପ୍ତ ଅଧକ୍ଷ ଡ. ସୁମନ୍ତ ପଟେଲଙ୍କ ଅଧକତାରେ ଆୟୋଜନ କରାଗଲା। ଡ. ସୁବୋଧ କୁମାର ନାୟକ ଏବଂ ଡ. ପ୍ରତୀକ୍ଷା ପ୍ରିୟଦରଶନୀ ପଣ୍ଡା ଏଚଆଇଭି / ଏଡସ୍‌ର କାରଣ ଏବଂ ନିରାକରଣ ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟକର୍ମକୁ ଯୁବ ରେଡକ୍ରସର ଅଧିକାରୀ ଭିଖାରି ଓରାମ ଏବଂ ସୁସୁମା କରଙ୍କ ନେତୃତ୍ୱରେ ଆୟୋଜନ କରଯାଇଥିଲା।ସଚେତନତା ସଭାରେ ଅନ୍ୟ ଅଧ୍ୟାପକ ମହାଦେବ ମେହେର, କାହ୍ନୁ ଚରଣ ମୁନ୍ନା, ପ୍ରୋମୋଦ କୁମାର ପ୍ରଧାନ, ମନୋଜ କୁମାର ଜେନା ଏବଂ ଅଧ୍ୟାପିକା ଗଜମାତି କୁମୁରା, ରିତୁପ୍ରିୟ ନାୟକ ଉପସ୍ଥିତ ଥିଲେ।

## ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ

**ନାକଟିଦେଉଳ:** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରୁ ୟଥ୍ ରେଡ଼କ୍ରସ ୟୁନିଟ୍ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହେବା ସହ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱ ଓ ଯୁବ ରେଡ଼କ୍ରସ ପରାମର୍ଶଦାତା ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡାକ୍ତର ଅଭିଷେକ ଦାଶ, ସମ୍ମାନିତ ଅତିଥି ଭାବରେ ଯୁବ ସଂଗଠକ ପ୍ରଦୀପ କୁମାର ବିଶ୍ୱାଳ, ବ୍ଲଡ଼ ବ୍ୟାଙ୍କର ଭାରପ୍ରାପ୍ତ ସହଯୋଗୀ ଅଧିକାରୀ ନୃସିଂହ ଚରଣ ବିଶ୍ୱାଳ ଓ ରେଢ଼ାଖୋଲ ବ୍ଲଡ୍‌ବ୍ୟାଙ୍କର ଟେକ୍ନିସିଆନ ଇନ୍ଦ୍ରମଣି ବେହେରା ଯୋଗ ଦେଇ ଏଡ୍‌ସ ରୋଗର କାରଣ ତଥା ନିରାକରଣ, ପ୍ରତିକାର ସମ୍ପର୍କରେ ଆଲୋକପାତ କରିଥିଲେ। ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ତଥା ବ୍ଲଡ୍ ବ୍ୟାଙ୍କର ସହଯୋଗରେ ପରିଚାଳିତ ରକ୍ତଦାନ ଶିବିରରେ ମୋଟ୍ ୩୦ଜଣ ରକ୍ତଦାନ କରିଥିଲେ। ଇନ୍ଦ୍ରମଣି ବେହେରା ଓ ମନୋରମା ଧଳଙ୍କ ସଂଯୋଜନାରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ଶେଷଦେବ ବିଶ୍ୱାଳ, ଅଧ୍ୟାପିକା ଗିରିଶି ବାଳା ନାୟକ, ଲିଟିନା ପ୍ରିୟ ଦର୍ଶନୀ, ଜୟନ୍ତୀ ପ୍ରଧାନ ଏବଂ ଶ୍ୱେତାଶ୍ରୀ ପ୍ରଧାନ ସହଯୋଗ କରିଥିଲେ।

## ଭୀମଭୋଇ କଲେଜ

**ରେଢାଖୋଲ:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍, ରେଡ ରିବନ କ୍ଲବ୍, ଏନସିସି ତରଫରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସେଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କଲେଜର ଅଧକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଶୋଭାଯାତ୍ରାକୁ ଉଦ୍‌ଘାଟନ କରି ଏଡସ୍ ରୋଗର ନିରାକାରଣ ପାଇଁ ସଚେତନତା ହିଁ ଏକମାତ୍ର ମାଧ୍ୟମ ବୋଲି କହିଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଅଞ୍ଜନ କୁମାର ମିଶ୍ର ଏବଂ ଜାତୀୟ ସେବା ଯୋଜନାର ଅଧିକାରୀ ଲିବନେସ କିଣ୍ଡୋଙ୍କ ତତ୍ତ୍ୱାଧାନରେ ଛାତ୍ରଛାତ୍ରୀ ଶୋଭାଯାତ୍ରା କରି ଜନସାଧାରଣଙ୍କୁ ସଚେତନ କରିଥିଲେ।ପରେ ଅଧକ୍ଷ ଶ୍ରୀ ପାଢ଼ୀଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ଡ. ଅଂଶୁମାନ କର ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇ ଏଡସ୍ ରୋଗର କାରଣ ଓ ନିରାକାରଣ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ, , ଅଧ୍ୟାପକ ସୁଶାନ୍ତ ନନ୍ଦ, ଡ.ବିରଞ୍ଚି ଖଡିଆ, ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ରାଜା ପ୍ରଧାନ, ଶ୍ରେୟାଂଶୁ ମହାପାତ୍ର, ସନ୍ତୋଷ୍ମିତା ବିଶ୍ୱାଳ, ଗାୟତ୍ରୀ ସାହୁ ଓ ଅନିଶା ଶାସନୀ ପ୍ରମୁଖ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।ଶେଷରେ ଅଧ୍ୟାପିକା ସମିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମେଘୁଆ ପାଗ ଚିନ୍ତାରେ ଚାଷୀ, ନିରବ ନେତା



ପଦ୍ମପୁର, ୧।୧୨(ସମିସ)

ପଦ୍ମପୁର ଉପଖଣ୍ଡରେ ଗତ ୨୮ ତାରିଖରୁ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ସଂଗ୍ରହ ପ୍ରକ୍ରିୟାକୁ ସୋମବାର ୪ ଦିନ ବିତିଥିବା ବେଳେ ସୋମବାର ଭୋରରୁ ବର୍ଷା ହୋଇଛି। ଅନେକ ସ୍ଥାନରେ କ୍ଷେତ, ଖଳାରେ ପଡ଼ିଥିବା ଅମଳ ଧାନ ଭିଜିଯାଇଛି। ଏହା ଚାଷୀଙ୍କ ଚିନ୍ତା ବଢ଼ାଇଛି। ହେଲେ ପଦ୍ମପୁର ଉପଖଣ୍ଡର ୬ ବ୍ଲକରେ ଏପର୍ଯ୍ୟନ୍ତ ଧାନ କିଣାବିକା ସ୍ୱାଭାବିକ ହୋଇନାହିଁ। କିଛି ଚାଷୀଙ୍କ ଟୋକନ ଆସିଥିବା ବେଳେ ସେମାନେ ମଣ୍ଡିକୁ ଧାନ ଧରି ଆଣିଛନ୍ତି। ବିକ୍ରି ଆଶା ନେଇ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମଣ୍ଡିରେ ଭୋକ ଉପାସରେ ରହୁଛନ୍ତି। କିନ୍ତୁ ମଣ୍ଡିକୁ ଆଣିଥିବା ଧାନ ବିକ୍ରି ହେଉ ନାହିଁ ଏବଂ ଶେଷରେ ଚାଷୀଙ୍କୁ ନିରାଶରେ ଘରକୁ ଫେରିବାକୁ ପଡୁଛି। ଅନ୍ୟପଟେ ମିଲର୍ସମାନେ ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାନ ସଂଗ୍ରହ ପ୍ରକ୍ରିୟାରେ ଚୁକ୍ତିନାମା କରିବେ ନାହିଁ ଏବଂ ଧାନ ଉଠାଇବେ ନାହିଁ ବୋଲି ନିଜ ଜିଦ୍‌ରେ ଅଟଳ ଅଛନ୍ତି। ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ଅସହାୟ ହୋଇ ପଡ଼ିଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନୀରବତା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଜିଲ୍ଲାବ୍ୟାପୀ ଚାଷୀ ମହଲରେ ଅସନ୍ତୋଷ ଲାଗି ରହିଛି। ଭବିଷ୍ୟତରେ ବଡ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବାର ସମ୍ଭାବନା ଜୁଟାଉଛି। ଏପର୍ଯ୍ୟନ୍ତ ଜିଲ୍ଲାର ୫ ହଜାରରୁ ଅଧିକ ଚାଷୀ ଧାନବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟା ପୂର୍ବରୁ ସମସ୍ତ ଚାଷୀ ପଞ୍ଜୀକୃତ ହେବେ ବୋଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣାସ୍ଥଳୀରେ ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ ପ୍ରତିଶ୍ରୁତି ଦେଇଥିଲେ। ତାହା ଏବେ ପାଣିର ଗାର ସାବ୍ୟସ୍ତ ହୋଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୩୦୦ଟଙ୍କା ଏବଂ ଇନପୁଟ୍ ବୋନସ୍ ୮୦୦ ଟଙ୍କା ମିଶାଇ ୩୧୦୦ ଟଙ୍କା ପୂର୍ବରୁ ପ୍ରଦାନ କରିବାକୁ ସରକାର କହିଥିଲେ। କିନ୍ତୁ କେନ୍ଦ୍ର ସରକାର ଏଥର ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୨୩୬୯ଟଙ୍କାକୁ ବୃଦ୍ଧି କରିଛନ୍ତି। ଏଣୁ ଚାଷୀ ଧାନ କ୍ୱିଣ୍ଟାଲ ପ୍ରତି ୩୧୬୯ଟଙ୍କା ପାଇବା କଥା। ମାତ୍ର ତାହା ଦେବା ପାଇଁ ଏବେ ସରକାର ଅରାଜି। ବୋନସ ସହିତ ଧାନଦର କ୍ୱିଣ୍ଟାଲ ପ୍ରତି ପୂର୍ବଭଳି ୩୧୦୦ ଟଙ୍କାରେ ସୀମିତ ରଖିବା ସାଧାରଣରେ ଆଲୋଚିତ ହେଉଛି। ଏଭଳି ସ୍ଥିତିରେ ସରକାର ନିଜ ଘୋଷିତ ବୋନସ ରାଶିକୁ ୮୦୦ରୁ ୭୩୧ ଟଙ୍କା ହ୍ରାସ କରିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସାଧାରଣତଃ ଅକ୍ଟୋବର ମାସ ଶେଷ ସୁଦ୍ଧା ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବସି ନଭେମ୍ବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ପଦ୍ମପୁର ଉପଖଣ୍ଡରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ମାତ୍ର ଇତିମଧ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାର ୪ ଦିନ ବିତିଥିଲେ ସୁଦ୍ଧା ମଣ୍ଡି ଗୁଡିକରେ ବସ୍ତାଟିଏ ମଧ୍ୟ ଧାନ ଉଠି ପାରି ନାହିଁ।

ସେପଟେ ମିଲର୍ସମାନେ ସେମାନଙ୍କ ଦାବି ହାସଲ ନେଇ ଜିଦ୍‌ରେ ଅଟଳ। ରବିବାର ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅଲ୍ ଓଡ଼ିଶା ମିଲର୍ସ ଆସୋସିଏଶନର ବୈଠକ ବସିଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମିଲର୍ସମାନେ ମଣ୍ଡିରୁ ଧାନ ଉଠାଇବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଆସୋସିଏସନର ମୁଖ୍ୟ ଉପଦେଷ୍ଟା ସନ୍ତୋଷ ଅଗ୍ରୱାଲ କହିଛନ୍ତି, ମିଲର୍ସ ଆସୋସିଏସନ ଗତବର୍ଷରୁ ସରକାରଙ୍କ ପାଖରେ ଦାବି ରଖି ଆସିଛି। ଏଥର ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ସେହି ଦାବି ସରକାରଙ୍କଠାରେ ଉପସ୍ଥାପନ କରିସାରିଛି। ମାତ୍ର ସରକାର ତାକୁ ଗୁରୁତ୍ୱ ଦେଇ ନଥିବାରୁ ଦାବି ପୂରଣ ନହେବା ଯାଏଁ ଧାନ ଉଠାଇବୁ ନାହିଁ। ବିଭିନ୍ନ ରାଜ୍ୟରେ ସରକାର ଧାନ କିଣି ନିଜ ହେପାଜତରେ ରଖୁଛନ୍ତି ଏବଂ ମିଲର୍ସଙ୍କ ଆବଶ୍ୟକତା ଅନୁସାରେ କଷ୍ଟମ ମିଲିଂ ପାଇଁ ଦିଆଯାଉଛି। କିନ୍ତୁ ଆମ ଏଠାରେ ମିଲର୍ସଙ୍କ ଉପରେ ସବୁ ବୋଝ ଲଦି ଦିଆଯାଉଛି। ଅନ୍ୟପଟେ ମିଲର୍ସମାନେ ଧାନ ସଂରକ୍ଷଣ ପାଇଁ ବୀମା କରୁଛନ୍ତି ଏବଂ କ୍ୱିଣ୍ଟାଲ ପ୍ରତି ସାଢ଼େ ୩ ରୁ ୪ଟଙ୍କା ନିଜ ହାତରୁ ଖର୍ଚ୍ଚ କରୁଛନ୍ତି। ଏହାସତ୍ତ୍ୱେ ସରକାର ମିଲିଂ ଚାର୍ଜ ବୃଦ୍ଧି ସହିତ ଅନ୍ୟ ଦାବି ପୂରଣ କରୁ ନାହାନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାନ ସଂଗ୍ରହ ପ୍ରକ୍ରିୟାରେ ଚୁକ୍ତିନାମା କରିବାକୁ କୌଣସି ମିଲର୍ସ ସହମତି ପ୍ରକାଶ କରୁ ନାହାନ୍ତି।

## ସୁନା ଦୋକାନରୁ ଚୋରି ଘଟଣା

# ୮ ଦିନ ପରେ ବି ପୁଲିସ ହାତ ଖାଲି

**ଭେଡେନ, ୧।୧୨(ସମିସ):** ଭେଡେନ ଥାନା ନିକଟରୁ ମାତ୍ର ୨୦୦ ମିଟର ଦୂରରେ ଭେଡେନ ଅଞ୍ଚଳର ଶ୍ରୀକୃଷ୍ଣ ସୁନା ଦୋକାନରୁ ଚୋରି ଘଟଣାକୁ ଇତି ମଧ୍ୟରେ ୮ ଦିନ ବିତିଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ଅସଫଳ ହୋଇଛି। ଗତ ୨୩ ତାରିଖରେ ଦିନ ସନ୍ଧ୍ୟା ସମୟରେ ଦୋକାନ ମାଲିକ ସାହେବ ସାହୁ ଦୋକାନରେ ଥିବା ସମୟର ମଟର ସାଇକେଲରେ ଦୁଇଜଣ ଅଜଣା ବ୍ୟକ୍ତି ଆସିଥିଲେ। ଜଣେ ଦୋକାନ ବାହାରେ ଗାଡି ପାଖରେ ଥିବାବେଳେ ଅନ୍ୟ ଜଣେ ଦୋକାନକୁ ଆସି ସୁନାରେ ତିଆରି ବିନ୍ଦି ଦେଖାଇବାକୁ କହିଥିଲେ। ଦୋକାନ ମାଲିକ ବ୍ୟସ୍ତ ଥିବାର ସୁଯୋଗ ନେଇ ସେ ତାଙ୍କ ଡ୍ରଅର ଜରିରେ ଥିବା ୩୦ଗ୍ରାମ ସୁନା ଅଳଙ୍କାର ନେଇ ଦୁଇଜଣ ଦୁର୍ବୃତ୍ତ ମଟର ସାଇକେଲରେ ଫେରାର ହୋଇଯାଇଥିଲେ। ଏନେଇ ଦୋକାନ ମାଲିକ ଭେଡେନ ଥାନାରେ ଲିଖିତ ଅଭିଯୋଗ କରିବା ସହ ଦୋକାନରେ ଲାଗିଥିବା ସିସି ଟିଭିରେ କଏଦ ହୋଇଥିବା ଚୋରି କରୁଥିବା ଚୋରର ଫଟୋ ଦେଇଥିଲେ। ଏନେଇ ଭେଡେନ



ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣା ତଦନ୍ତ କରିଥିଲା। ହେଲେ ଆଜକୁ ଆଠ ଦିନ ବିତିଯାଇଥିଲେ ମଧ୍ୟ ଚୋରକୁ ଧରିବାରେ ପୁଲିସ ଅସଫଳ ରହିଥିବାର ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଶିକ୍ଷକ ଆନ୍ଦୋଳନକୁ ପ୍ରାଥମିକ ଶିକ୍ଷକ ସଂଘର ସମର୍ଥନ

**ପଦ୍ମପୁର, ୧।୧୨(ସମିସ):** ପ୍ରାଥମିକ ଶିକ୍ଷକ ମହାସଂଘ ଓଡ଼ିଶା ପକ୍ଷରୁ ଦୁଇଗୋଟି ଦାବିକୁ ନେଇ ଆସନ୍ତା ଡିସେମ୍ବର ୫ ତାରିଖରେ ଦେଇଥିବା ଆନ୍ଦୋଳନ ଡାକରାକୁ ନୂତନ ପେନସନ ଭୁକ୍ତ ରାଜବୋଡ଼ାସମ୍ବର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦୃଢ଼ ସମର୍ଥନ କରାଯାଇଛି। ଏନେଇ ସଂଘ ସଭାପତି ହେମନ୍ତ କୁମାର ଛୁରା, ସମ୍ପାଦକ ଅଶୋକ କୁମାର ସାହୁ ଘୋଷଣା କରିଛନ୍ତି। ପୂର୍ବତନ ସଂଘ ସଭାପତି ସରୋଜ ପ୍ରସାଦ ଷଡ଼ଙ୍ଗୀ, ରଘୁନାଥ ପୁରୀଙ୍କ ମାର୍ଗଦର୍ଶନରେ ରାଜବୋଡ଼ାସମ୍ବର ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘ ପକ୍ଷରୁ ରଖାଯାଇଥିବା ଦାବି ଯାହାକି ପ୍ରାଥମିକ ଶିକ୍ଷକମାନଙ୍କର ମୂଳ ପୋଷ୍ଟକୁ ଅପଗ୍ରେଡ କରାଯାଇ ମୂଳ ବେତନକୁ ୩୫୪୦୦ କରାଯିବା ଏବଂ ୨୦୦୧ ମସିହାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କର ଠିକା କାର୍ଯ୍ୟକୁ ମୂଳ ଚାକିରିରେ ଗଣନା କରି ୬ଟି ନେସନାଲ୍ ଇନକ୍ରିମେଣ୍ଟ ପ୍ରଦାନକୁ ଦୃଢ଼ ସମର୍ଥନ ଜଣାଇ ରାଜବୋଡ଼ାସମ୍ବର ବ୍ଲକର ଶିକ୍ଷକମାନେ ଆନ୍ଦୋଳନରେ ଯୋଗଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଶିକ୍ଷକ ନେତ୍ରାନନ୍ଦ ସାହୁ, ମନୋଜ ସାହୁ, ସାନ୍ତନୁ ସରାଫ୍, ଶିକ୍ଷୟିତ୍ରୀ ମମତା ମିଶ୍ର, ନିଳାଦ୍ରୀ ନାଏକ ପ୍ରମୁଖ ଅନ୍ଦୋଳନକୁ ଦୃଢ଼ ସମର୍ଥନ ଦେଇଥିଲେ।

# ଜେଜେ ବାପା ଜେଜେ ମାଆ ସମ୍ମିଳନୀ

**ପଦ୍ମପୁର, ୧।୧୨(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଜେଜେ ବାପା ଜେଜେ ମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିଶୁମାନଙ୍କୁ ଠିକ୍ ଭାବରେ ଗଢ଼ି ତୋଳିବାରେ ଜେଜେ ବାପା ଜେଜେ ମାଆଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ମାର୍ଗ ଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତ ଶିକ୍ଷକ ହରିହର ସାହୁ ଯୋଗଦେଇ ପ୍ରବଚନ କାର୍ଯ୍ୟକ୍ରମ କରିଥିଲେ। ଶିଶୁ ଭଉଣୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାପତି ପୃଥ୍ୱିରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଞ୍ଜୀବ ସାହୁ ଓ ସସ୍ମିତା ଶତପଥୀ ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୫୦ ଜଣ ଜେଜେ ବାପା ଜେଜେ ମାଆ ଓ ମାତୃଭାରତୀର ସଦସ୍ୟାମାନେ ମଧ୍ୟ ଉପସ୍ଥିତ ଥିଲେ।

## ପୁସ୍ତକର ପଠନ ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ଘଟିଥାଏ

# ବରଗଡ଼ ପୁସ୍ତକ ମେଳା ଉଦ୍‌ଯାପିତ



**ବରଗଡ଼, ୧।୧୨(ସମିସ):** ବରଗଡ଼ ପୁସ୍ତକ ମେଳା ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ପ୍ରକାର ପୁସ୍ତକର ପଠନ ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ଘଟିଥାଏ ବୋଲି କହିଛନ୍ତି ବିଶିଷ୍ଟ ନାଟ୍ୟକାର, ଲେଖକ, ଶିକ୍ଷାବିତ ତଥା ସାରସ୍ୱତ ସାଧକ ଡ.ଉମେଶ ଚନ୍ଦ୍ର ଶତପଥୀ ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ହେଉଥିବା ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଛନ୍ତି। ସେ ଉଦାହରଣ ଦେଇ କହିଥିଲେ ଯେ ବିଶ୍ୱର ବଡ଼ ବଡ଼ ଚିନ୍ତା ନାୟକ ଡ. ବି ଆର ଆମ୍ବେଦକର ହୁଅନ୍ତୁ କି ଆବ୍ରାହମ୍ ଲିଙ୍କନ ହୁଅନ୍ତୁ ସେମାନଙ୍କ ମଧ୍ୟ ସବୁ ବ୍ୟସ୍ତତା ଭିତରେ ପୁସ୍ତକ ପଠନ ନିତ୍ୟ ନୈମିତ୍ୟ ଅଭ୍ୟାସ ଥିଲା। ଜାପାନର ଲୋକଙ୍କ ପୁସ୍ତକ ପଠନ ର ଉଦାହରଣ ଦେବା ସହ ଭାରତବର୍ଷର ଜେଏନୟୁ ରେ ମଧ୍ୟ ଲାଇବ୍ରେରୀ ୨୪ ଘଣ୍ଟା ଖୋଲା ରହିବା ପୁସ୍ତକ ପଠନ ଅଭ୍ୟାସର ଅନନ୍ୟ ଉଦାହରଣ ଅଟେ ବୋଲି ଡ. ଶତପଥୀ କହିଥିଲେ। ପାଠାଗାରର ସଭାପତି ଅରୁଣ କୁମାର ମହାନ୍ତିଙ୍କ ସଭାପତିତ୍ୱ ଓ ଉପସଭାପତି ମନୋରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଗାନ୍ଧୀଙ୍କ ନାମରେ ଗାନ୍ଧୀ ସ୍ମୃତି ପାଠାଗାର ହୋଇଥିବାରୁ ଖୁସି ବ୍ୟକ୍ତ କରିବା ସହ ସ୍ୱାଧୀନତା ସଂଗ୍ରାମରେ ମହାତ୍ମାଗାନ୍ଧୀଙ୍କ ସାଲିସ ବିହୀନ ସଂଘର୍ଷର ସ୍ମୃତି ଚାରଣ କରିଥିଲେ। ସଭା ପୂର୍ବରୁ ମୁଖ୍ୟ ଅତିଥି ଶ୍ରୀ ପୁରୋହିତ ଓ ମୁଖ୍ୟବକ୍ତା ଡ.ଶତପଥୀ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଆରମ୍ଭ କରିଥିଲେ। ଉଭୟ ଅତିଥିଙ୍କୁ ପାଠାଗାର ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବ ଅବସରରେ ଗାନ୍ଧୀ ସ୍ମୃତି ପାଠାଗାର ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅଶୋକ ଯୋଷୀଙ୍କ ଦ୍ୱାରା ପ୍ରଯୋଜିତ ଦୟାଲାଲ ଯୋଷୀ ସ୍ମୃତି ସମ୍ମାନ ପାଇଥିଲେ ସାରସ୍ୱତ ସାଧକ ଅଧ୍ୟାପକ ମୋହନ ସାହୁ। ହରିଶ୍ଚନ୍ଦ୍ର ମେହେରର ଦ୍ୱାରା ପ୍ରାୟୋଜିତ ଗଙ୍ଗାଧର ସାହିତ୍ୟ ସ୍ମୃତି ସମ୍ମାନ ପାଇଥିଲେ ଲେଖକ, ସାହିତ୍ୟିକ ଡ.ଘନଶ୍ୟାମ ପାଣିଗ୍ରାହୀ, ସାଗରିକା ସାହୁ ଓ ସମୀର ସାହୁଙ୍କ ପ୍ରାୟୋଜିତ ଡୋଲାମଣି ସାହୁ ସ୍ମୃତି ସମ୍ମାନ ପାଇଥିଲେ ଜଟଲା ଗ୍ରାମର ଚାଷୀ ମୃତ୍ୟୁଞ୍ଜୟ ଭୋଇ।

ସେହିପରି କନକ ପ୍ରଧାନଙ୍କ ଦ୍ୱାରା ପ୍ରଯୋଜିତ ବୁଦ୍ଧଦେବ ପ୍ରଧାନ ସ୍ମୃତି ସମ୍ମାନ ପାଇଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ରୀନା ଦାଶଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବରୁ ଦ୍ୱିତୀୟ ସନ୍ଧ୍ୟାରେ ଡ.ରାମ ବଲ୍ଲଭ ମିଶ୍ରଙ୍କ ଦ୍ୱାରା ପ୍ରାୟୋଜିତ ବାଲୁଙ୍କେଶ୍ୱର ମିଶ୍ର ସ୍ମୃତି ସମ୍ମାନ ପାଇଥିଲେ ଆର୍ନ୍ତଜାତିକ କ୍ରିଡାବିଦ୍ ବରଗଡ଼ର ପ୍ରତୀକ ମହାରଣା। ଏହି ସମସ୍ତ ସମ୍ମାନ ନଗଦ ୫୦୦୦ ଟଙ୍କା, ସ୍ମାରକୀ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ପୁସ୍ତକ ମେଳା ପାଠାଗାର ସଭାପତି ଶ୍ରୀ ମହାନ୍ତି, ଉପସଭାପତି ଶ୍ରୀ ସାହୁ, ସମ୍ପାଦକ ରବି ପଣ୍ଡା, ଯୁଗ୍ମସମ୍ପାଦକ ଅନୁପ ଦର୍ଜି, କୋଷାଧ୍ୟକ୍ଷ ହୃଷୀକେଶ ଦାଶ, ବରିଷ୍ଠ ସଦସ୍ୟ ପତିତପାବନ ସାହୁ, ସନ୍ତୋଷ ପଣ୍ଡା, ଜୟ ପ୍ରକାଶ ଶତପଥୀ, ଜୟଶ୍ରୀ ସାହୁ, ଡ.ସଂଘମିତ୍ରା ମିଶ୍ର, ବିକ୍ରମାଦିତ୍ୟ ପଣ୍ଡା, ଉମେଶ ଚନ୍ଦ୍ର ବିଶ୍ୱାଳ, ଅମିୟ ଭୂଷଣ ସାହୁ, ଗୌରୀ ଶଙ୍କର ପଣ୍ଡା, ଡ.ରବି ନାରାୟଣ ସାହୁ, ଡୋଲାମଣି ଶତପଥୀ, ଶୁଭମ ଭିତିରିଆ, ମିଳନ ପ୍ରଧାନ ପ୍ରମୁଖଙ୍କ ସକ୍ରିୟ ସହଯୋଗ କରିଥିଲେ।

# ଶ୍ରୀଅରବିନ୍ଦ ସ୍କୁଲର ବାର୍ଷିକ କ୍ରୀଡ଼ା

**ପଦ୍ମପୁର, ୧।୧୨(ସମିସ):** ପଦ୍ମପୁର ଅଦିତି ବିହାରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର





ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରୀତିରଞ୍ଜନ ପ୍ରଧାନ ମାତୃପତାକା ଉତ୍ତୋଳନ କରି କ୍ରୀଡ଼ୋତ୍ସବକୁ ଉଦ୍‌ଘାଟିତ କରିଥିଲେ। ଖେଳ ଶିକ୍ଷକ ଜଗନ୍ନାଥ ସାହୁ ଏବଂ ସୁବ୍ରତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ତଥା ପ୍ରଶାସକ ଭରତ ଚନ୍ଦ୍ର ସାହୁଙ୍କ ମାର୍ଗଦର୍ଶନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ପଦକ ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ପରିଚାଳନା ପରିଷଦର ଆଦିତ୍ୟ ରଥ, ରଘୁମଣି ପୁରୋହିତ, ଦିଲୀପ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ।ଶେଷରେ ଅଧ୍ୟକ୍ଷା ଆହ୍ଲାଦିନୀ ଦଲାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟ ମା'ପୁଢ଼ି କ୍ରିକେଟ୍ କପ୍ କ୍ରିକେଟ୍

# ସରେଇକେଲା ଚାମ୍ପିଅନ



**ପଦ୍ମପୁର, ୧।୧୨(ସମିସ):** ପଦ୍ମପୁର ଉପଖଣ୍ଡ ସରେଇକେଲା ଗ୍ରାମର ଜୟ ମା' ପୁଢ଼ି କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ ପଡ଼ିଆରେ ପଞ୍ଚମ ଜୟ ମା' ପୁଢ଼ି କ୍ରିକେଟ ଟୁର୍ନାମେଣ୍ଟ-୨୦୨୫ ଅନୁଷ୍ଠିତ ହୋଇ ଉଦଯାପିତ ହୋଇଯାଇଛି। ସରେଇକେଲା ଜୟ ମା'ପୁଢ଼ି କ୍ରିକେଟ କ୍ଲବ୍ ଓ ନେତାଜୀ ସ୍ପୋର୍ଟିଂ ଖଲିଆପାଲି ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ୧୩ ରନରେ ନେତାଜୀ ସ୍ପୋର୍ଟିଂକୁ ହରାଇ ଜୟ ମା' ପୁଢ଼ି କ୍ରିକେଟ କ୍ଲବ୍ ଚମ୍ପିଅନ ହୋଇଥିଲା। ମ୍ୟାଚ୍‌ରେ ଜୟ ମା'ପୁଢ଼ି କ୍ରିକେଟ କ୍ଲବ୍‌ରୁ ମ୍ୟାନ ଅଫ ଦି ମ୍ୟାଚ୍ ଗୌରବ ସାହୁ, ନେତାଜୀ ସ୍ପୋର୍ଟିଂରୁ ମ୍ୟାନ ଅଫ ଦି ସିରିଜ ବଣ୍ଟି ବରିହା ବିବେଚିତ ହୋଇଥିଲେ। ଫାଇନାଲ ଦିନ ବିନୋଦ ବିହାରୀ ସାହୁ, ବାବୁଲାଲ ପ୍ରଧାନ, ସତ୍ୟ ସାହୁ, କୃଳମଣି ବାରିକ, ଅରୁଣ ପ୍ରଧାନ, ମାନସ ପଟେଲ, ଅଶୋକ ପ୍ରଧାନ ଅତିଥି ଭାବେ ଯୋଗଦାନ କରି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସରେଇକେଲା ଗ୍ରାମବାସୀ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କ ତାଲିମ ଶିବିର ଉଦ୍‌ଯାପିତ


**ପଦ୍ମପୁର, ୧।୧୨(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଯୁବ ରେଡ୍ କ୍ରସ୍ ସ୍ୱେଚ୍ଛାସେବୀଙ୍କ ଅଧ୍ୟୟନ ତଥା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଦିବସର ଶୁଭାରମ୍ଭ ଯୋଗାଭ୍ୟାସ ଓ ପରିସର ସଫେଇ କାର୍ଯ୍ୟକ୍ରମରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଛଅଟି ବ୍ଲକରୁ ଯୋଗଦାନ କରିଥିବା ୧୨୬ଜଣ ସ୍ୱେଚ୍ଛାସେବକ-ସେବିକା, ୪୦ଜଣ ସଂଯୋଜକ, ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା ଏବଂ ଅଧ୍ୟାପକ, ଅଧ୍ୟାପିକାଙ୍କ ମିଳିତ ସହାୟତାରେ ଯୁବ ରେଡ୍ କ୍ରସ୍‌ର ସଚେତନତା ବାର୍ତ୍ତା ନେଇ ପଦ୍ମପୁର ସହର ମଧ୍ୟରେ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦ୍ମପୁର ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ବିଶ୍ୱମ୍ଭର ବିଶ୍ୱାଳ ଓ ସହକର୍ମୀ ଶିବିରର ଅନ୍ତିମ ଦିବସରେ ଯୋଗଦାନ କରି ଅଗ୍ନିର ପ୍ରକାରଭେଦ, ସଂଯୋଗର କାରଣ ଓ ତା'ର ନିରାକରଣ ସମ୍ପର୍କରେ ଦୃଷ୍ଟାନ୍ତ ସହିତ ସ୍ୱେଚ୍ଛାସେବୀମାନଙ୍କୁ ବୁଝାଇ ଥିଲେ। ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ପଦ୍ମପୁର ଉପଜିଲ୍ଲାପାଳ ତଥା ଉପଖଣ୍ଡ ଦଣ୍ଡାଧିକାରୀ କୁମାରୀ ସ୍ନେହା ଆରୁଗୁଲା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ର ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀମାନ୍ ପତିତପାବନ ସାହୁ, ଗାଇସିଲାଟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀ ଓ ସହକାରୀ ପ୍ରଫେସର୍ ଶ୍ରୀମାନ ମାନଭଞ୍ଜନ ପାଣିଗ୍ରାହୀ ଯୋଗଦାନ କରି ଯୁବ ରେଡ୍‌କ୍ରସ୍ ପ୍ରତିଷ୍ଠାତାଙ୍କ ଜୀବନୀ, ଉଦ୍ଦେଶ୍ୟ ଓ ସେବା ବିଷୟରେ ଜ୍ଞାନ ଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଯୋଜକ ପ୍ରମୋଦ ପାଣିଗ୍ରାହୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ, ଜିଲ୍ଲା ସଂଯୋଜକ ପରମାନନ୍ଦ ରଥ ଶିବିର ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଯୋଜକ ଦୟାନିଧି ବଗର୍ତ୍ତୀ। ଶିବିରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ସ୍ୱେଚ୍ଛାସେବୀ, ଅଂଶଗ୍ରହଣ କରିଥିବା ସ୍ୱେଚ୍ଛାସେବୀ ଓ ସମସ୍ତ ସଂଯୋଜକଙ୍କୁ ଅତିଥିମାନେ ସ୍ମାରକୀ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ସଂଯୋଜିକା ଡ. ମମତାମୟୀ ଗୁରୁ ଧନ୍ୟବାଦ ଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କନ୍ୟା ଶିବିର

**ପଦ୍ମପୁର, ୧।୧୨(ସମିସ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାପତି ପୃଥ୍ୱିରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା ଯୋଗଦେଇ ଶିଶୁ ଭଉଣୀମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଦୃଷ୍ଟିରୁ ନିଜର ଉନ୍ନତି ସଂଗେ ସଂଗେ ସମାଜର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଅଞ୍ଚଳ ମହାବିଦ୍ୟାଳୟର ଜୀବ ବିଜ୍ଞାନ ପ୍ରାଧ୍ୟାପିକା ତାପିନୀ ପଣ୍ଡା ଯୋଗଦେଇ ବର୍ତ୍ତମାନ ଯୁଗରେ ଝିଅମାନଙ୍କର ବେଶଭୂଷା, ଖାଦ୍ୟପେୟ, ଚାଲିଚଳନ ଓ ଆତ୍ମସୁରକ୍ଷା ଉପରେ ବିଷଦ ଭାବେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଆଇସିସି କମିଟି ସଭାପତି ପଙ୍କଜିନୀ ପ୍ରଧାନ ଯୋଗଦେଇ ମାଆ ବାପାଙ୍କ ସ୍ୱପ୍ନକୁ ବିଫଳ କରିବାରେ ଫେସବୁକ୍, ହ୍ୱାର୍ଟସ୍‌ଅପ୍, ଇନ୍‌ଷ୍ଟାଗ୍ରାମ୍‌ର କୁପ୍ରଭାବ ଉପରେ ମାର୍ଗ ଦର୍ଶନ କରିଥିଲେ। ସୁଷମା ବିଶ୍ୱାଳ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କଲ୍ୟାଣୀ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ କହିଥିଲେ। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଭଉଣୀମାନେ ଶିବିରରେ ଯୋଗ ଦେଇଥିଲେ।

# ମାଧୋ ସିଂଙ୍କ ଫାଶୀ ଦିବସ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

**ପଦ୍ମପୁର, ୧।୧୨(ସମିସ):** ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଘେଁସ ମାଟିର ସଂଗ୍ରାମୀ ସହିଦ ବୀର ମାଧୋ ସିଂ ଏବଂ ତାଙ୍କର ଚାରି ପୁତ୍ର ହଟେ ସିଂ, କୁଞ୍ଜଲ ସିଂ, ଅଏରୀ ସିଂ, ବୈରୀ ସିଂ ଇଂରେଜଙ୍କ ସହିତ ଲଢ଼େଇରେ ସହିଦ ହୋଇ ଯାଇଛନ୍ତି। ଏଥିପାଇଁ ଆସୁଛି। ଚଳିତ ବର୍ଷର ଡିସେମ୍ବର ୩୧ ତାରିଖ ଦିନ ବହୁତ ଆଡ଼ମ୍ବରରେ ବୀରତା ଦିବସ ପାଳନ କରାଯିବ। ଏଥିପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ଓ ଗଣଶିକ୍ଷା ମାନ୍ୟବର



ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦାନ କରିବାକୁ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲାର ସଂଘର ପ୍ରତିଷ୍ଠାତା ଶ୍ରୀମାନ ଗୋବର୍ଦ୍ଧନ ଭୋଏଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ଗୋବିନ୍ଦ ବରିହା, ଜିଲ୍ଲା ସମ୍ପାଦକ ଶ୍ରୀ ତ୍ରିଲୋଚନ ଭୁଏ, ସଞ୍ଜୟ ଜରଜରିଆ ଏବଂ ଭଟଲି ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଇରାଶିଷ ଆଚାର୍ଯ୍ୟ ଉପସ୍ଥିତ ରହି ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି। ପ୍ରତେକ ବର୍ଷ ଡିସେମ୍ବର ୩୧ ତାରିଖରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲା ପକ୍ଷରୁ ସହିଦ ବୀର ମାଧୋ ସିଂଙ୍କ ଫାଶୀ ଦିବସ ସ୍ମୃତି ଉଦ୍ଦେଶ୍ୟରେ ବୀରତା ଦିବସ ଭାବରେ ମାଧୋ ସିଂଙ୍କ ଜନ୍ମମାଟି ଘେଁସ ଗ୍ରାମରେ ପାଳନ ହୋଇ

## ସହାୟତା ପାଇଁ ନିବେଦନ

# କର୍କଟ ରୋଗରେ ପୀଡ଼ିତ ଦାଶରଥୀ



**ବରଗଡ଼, ୧।୧୨(ସମିସ):** ବରଗଡ଼ ଜିଲ୍ଲା ବରପାଲି ବ୍ଲକ କୁମ୍ଭାରୀ ଗ୍ରାମର ଦାଶରଥୀ ସେଠ। ଏକ ଗରିବ ପରିବାରରେ ଜନ୍ମ ହୋଇ ମହାତ୍ମାଗାନ୍ଧୀଙ୍କ ଜୀବନୀରେ ପ୍ରଭାବିତ ହୋଇ ପିଲା ଦିନରୁ ମହାରା ଗାନ୍ଧୀଙ୍କ ଅବିକଳ ପ୍ରତିମୂର୍ତ୍ତି ଭାବେ ନିଜକୁ ସଜାଡି ଘଣ୍ଟା ଘଣ୍ଟା କାଳ ଛିଡା ହୋଇ ରହିବା କଳାରେ ପାରଙ୍ଗମ ହୋଇ ପାରିଥିଲେ। ତେଣୁ ଅନେକ ସରକାରୀ ଓ ରାଜନୈତିକ କାର୍ଯ୍ୟକ୍ରମ ତଥା ପ୍ରତ୍ୟେକ ବିବାହ, ବ୍ରତ, ଜନ୍ମଦିନ, ଏହିଭଳି ଅନେକ ଉତ୍ସବରେ ଷ୍ଟେଚୁ

**ମହାତ୍ମାଗାନ୍ଧୀଙ୍କ ଷ୍ଟାଚ୍ୟୁ ହୋଇ ସାଉଁଟିଥିଲେ ସ୍ୱତନ୍ତ୍ର ପରିଚୟ**

ହୋଇ ଯାହା କିଛି ରୋଜଗାର କରୁଥିଲେ ସେଥିରେ ପରିବାର ପ୍ରତିପୋଷଣ କରି ଆସୁଥିଲେ ଦାଶରଥି। ହେଲେ ଦଇବ ସହିଲା ନାହିଁ, ପୁତ୍ର ସନ୍ତାନ ପାଇ ଆନନ୍ଦ ହେବା ପରିବର୍ତ୍ତେ ଦୁଃଖରେ ଭାଙ୍ଗି ପଡ଼ିଥିଲେ ଉଭୟ ସ୍ୱାମୀ ସ୍ତ୍ରୀ, କାରଣ ପୁଅ ଅନ୍ଧ ହୋଇ ଜନ୍ମ ହୋଇଥିଲା, ଯେଉଁ ପୁଅ ବଡ଼ ହୋଇ ବୃଦ୍ଧ ସମୟରେ ମା' ବାପାଙ୍କ ସାହାରା ହୋଇଥାନ୍ତା ସେହି ପୁଅର ସାହାରା ହୋଇଯାଇଥିଲେ ଦାସରଥୀ ଓ ତାଙ୍କ ସ୍ତ୍ରୀ। ହେଲେ ଏତିକିରେ ଦାସରଥୀଙ୍କ ଦୁଃଖ ସରିନ ଥିଲା, ଗତ ୫ ମାସ ହେବ କର୍କଟ ରୋଗରେ ଆକ୍ରାନ୍ତ ହୋଇପଡ଼ିଲେ ଦାସରଥୀ। ତାଙ୍କ ଚିକିତ୍ସା ପାଇଁ ଘରେ ଯାହା ଥିଲା ସବୁକିଛି ବିକ୍ରି କରି ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି ଦାସରଥୀ। ଦାସରଥୀ ସପ୍ତାହକୁ ଦୁଇଥର କୁମ୍ଭାରୀ ଗ୍ରାମରୁ ବୁର୍ଲା ଧାଉଁଛନ୍ତି ଚିକିତ୍ସା ପାଇଁ। ଅର୍ଥ ଅଭାବ ଏବେ ଦାସରଥୀଙ୍କ ଚିକିତ୍ସାରେ ବାଧକ ସାଜିଥିବା ବେଳେ ଘରେ ଖାଇବାକୁ ଦାନା ଗଣ୍ଡେ ନାହିଁ। କେବଳ କଳାକାର ଭତ୍ତା ଦୁଇ ହଜାର ଟଙ୍କାରେ ନାଁ ଦାସରଥୀଙ୍କ ଘରର ଚୁଲି ଜଳିବ ନାଁ ତାଙ୍କ ଚିକିତ୍ସା ହୋଇପାରିବ। ଯାହାକୁ ନେଇ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି ପରିବାର। ଚିକିତ୍ସା ସହାୟତା ପାଇଁ ଦୁଇମାସ ହେଲାଣି ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି ଦାଶରଥି ଏବଂ ଚିକିତ୍ସା ପାଇଁ ଅପେକ୍ଷାରେ ରହିଛନ୍ତି। ଏତେ ଦିନ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ, ତେଣୁ ସମଗ୍ର ଓଡ଼ିଶାବାସୀଙ୍କୁ ଆକୁଳ ନିବେଦନ କରି ଦୁଃଖ ଜଣାଇ ତାଙ୍କ ଆକାଉଣ୍ଟ ନମ୍ବରରେ ସହୃଦୟ ବ୍ୟକ୍ତିଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି ଦାସରଥି। ଭଗବାନ ଦାସରଥୀଙ୍କୁ ଶୀଘ୍ର ଆରୋଗ୍ୟ ପାଇଁ କାମନା କରିଛନ୍ତି ବିଶିଷ୍ଟ କଳାକାର ତଥା ସାମ୍ବାଦିକ ପ୍ରଭୁ ଚରଣ ମହାନ୍ତି। ଏଥିସହ ତାଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି।


# ବୁଡ଼ୁ ଦାଶଙ୍କ ପରଲୋକ

ବରପାଲି/ମହଦା, ୧।୧୨(ସମିସ): ବରପାଲି ବ୍ଲକ ମହଦାର ବୁଡ଼ୁ ଦାଶଙ୍କ ପରଲୋକ ହୋଇଯାଇଛି। ତାଙ୍କର ଅନ୍ତିମ ସମୟରେ ବଡ ପୁଅ ପୂର୍ଣ୍ଣଚନ୍ଦ୍ର ଦାଶ, ସାନ ପୁଅ ପ୍ରମୋଦ ଦାଶଙ୍କ ସମେତ ସମସ୍ତ ପରିବାର ଜନଙ୍କ ସହ ପୁତ୍ରବଧୂ, ଝିଅ, ନାତିନାତୁଣିମାନେ ଉପସ୍ଥିତ ଥିଲେ।



ସେ ଜଣେ ମେଳାପି, ଶାନ୍ତ ସ୍ୱଭାବର, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କର ପରଲୋକ ଖବର ପ୍ରସାରିତ ହେବା ପରେ ଅଞ୍ଚଳର ବିଭିନ୍ନ ଶ୍ରେଣୀର ବହୁ ଲୋକଙ୍କ ଭିଡ଼ ବୃଦ୍ଧି ପାଇଥିଲା। ତାଙ୍କର ଶେଷକୃତ୍ୟ ସ୍ଥାନୀୟ ରାଞ୍ଜୀ ନଦୀ କୂଳରେ ଅନୁଷ୍ଠିତ ହୋଇଥିଲା। ମୁଖାଗ୍ନି ଜ୍ୟେଷ୍ଠପୁତ୍ର ପୂର୍ଣ୍ଣଚନ୍ଦ୍ର ଦାଶ ଦେଇଥିଲେ।

# ସମ୍ପାଦକୀୟ



ନ୍ୟାୟର ଅର୍ଥ ବିବେକ, କିନ୍ତୁ ବ୍ୟକ୍ତିଗତ ନୁହେଁ, ସାରା ମାନବଜାତିର ବିବେକ !
-ଆଲେକଜାଣ୍ଡର ସୋଲଝେନିତସିନ

ସକାଳ
THE SAKALA

## ସମୃଦ୍ଧିର ନୂଆ ଦିଗନ୍ତ

ଦେଶର ଅର୍ଥନୀତି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଗତିଶୀଳତାର ଶିଖର ଛୁଇଁବାକୁ ଯାଉଛି। ଏହା ସ୍ପଷ୍ଟ ହୋଇଛି ଅର୍ଥନୀତିର ଦ୍ୱିତୀୟ ତ୍ରୟମାସିକ ରିପୋର୍ଟରୁ। ୨୦୨୫-୨୬ ଆର୍ଥିକ ବର୍ଷର ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ମୋଟ ଘରୋଇ ଉତ୍ପାଦନ ୮.୨ ପ୍ରତିଶତ ଭଳି ଉଚ୍ଚ ଅଙ୍କରେ ଅଭିବୃଦ୍ଧି ହାସଲ କରିଛି। ଏସଂକ୍ରାନ୍ତରେ ସବୁ ଅର୍ଥନୀତିଜ୍ଞ ଏପରିକି ରିଜର୍ଭ ବ୍ୟାଙ୍କ ଆକଳନ ଭୁଲ ପ୍ରମାଣିତ ହେଇଛି। ଯେତେଦୂର ମନେ ହୁଏ ଚଳିତ ଆର୍ଥିକ ବର୍ଷର ହାରାହାରି ଜିଡିପି ୭ ପ୍ରତିଶତ ଅତିକ୍ରମ କରିବ। ସୂଚନାଯୋଗ୍ୟ ଯେ ପୂର୍ବ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସିକ ରିପୋର୍ଟରେ ଜିଡିପି ହାର ୫.୬ ପ୍ରତିଶତ ନେଇ ବିଭିନ୍ନ ମହଲରେ ଯେଉଁ ନୈରାଶ୍ୟ ସୃଷ୍ଟି ହୋଇଥିଲା ସେଥିରୁ ବର୍ତ୍ତିବା ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପରୁ ସୁଫଳ ମିଳିଛି। ଆଗାମୀ ଦିନରେ ବିଶ୍ୱରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରର ମାନ୍ୟତା ପୂର୍ବଭଳି ବଜାୟ ରଖିବ। ଆସନ୍ତା ଅର୍ଥିକ ବର୍ଷ ଶେଷ ସୁଦ୍ଧା ଆମ ଦେଶ ୫ଟ୍ରିଲିୟନ ଅର୍ଥନୀତିର ମାନ୍ୟତା ହାସଲ କରିବା ସହ ପରବର୍ତ୍ତୀ ଦୁଇବର୍ଷ ମଧ୍ୟରେ ବିଶ୍ୱର ତୃତୀୟ ଅର୍ଥନୀତି ହେବାର ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ଏହି ଗତିଶୀଳତା ଜାରି ରହିଲେ ପୂରଣ ହେବା କିଛି ବିଚିତ୍ର ନୁହେଁ।

ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିବା ଏହି ରିପୋର୍ଟ ଅନୁଯାୟୀ ବିନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ୯.୧, ନିର୍ମାଣରେ ୭.୨ ଏବଂ ଆର୍ଥିକ, ରିଅଲ ଇଷ୍ଟେଟ୍, ପେସାଦାର ସେବା ଅଭିବୃଦ୍ଧି ହାର ୧୦.୨ ପ୍ରତିଶତ ହୋଇଛି। ତେବେ କୃଷି କ୍ଷେତ୍ରର ଅଭିବୃଦ୍ଧି ହାର ୩.୫ ପ୍ରତିଶତରେ ସୀମିତ ରହିଛି। ଦର୍ଶାଯାଇଥିବା ଏହି ହିସାବରୁ ସରକାରଙ୍କ ଅଗ୍ରାଧିକାର କ୍ଷେତ୍ର ଆକଳନ କରାଯାଇପାରେ। ଏହି ପରିସଂଖ୍ୟାନ ଆଧାରରେ ରିଜର୍ଭବ୍ୟାଙ୍କ ଆଗାମୀ ଦିନରେ ମୁଦ୍ରା ପ୍ରଚଳନକୁ ଅଧିକ ମୁକ୍ତ କରିବା ସମ୍ଭାବନା ଅଛି। ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ରେପୋ ରେଟ ହ୍ରାସ ମାଧ୍ୟମରେ ବ୍ୟାଙ୍କ ଋଣଗ୍ରହୀତାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବେ। ଅର୍ଥନୀତିର ଏହି ଅନୁକୂଳ ଦିଗ ସଂପର୍କରେ ତର୍ଜମା କଲା ବେଳେ ସ୍ୱତଃ ମନରେ ଉଙ୍କିମାରେ ବିଶ୍ୱ ବାଣିଜ୍ୟ କାରବାରରେ ପରିଲକ୍ଷିତ ଶିଥିଳତାକୁ ଲକ୍ଷ୍ୟ କରି ଏକ ଭୟାଙ୍କର ମାନ୍ଦାବସ୍ଥା ମାଡ଼ି ଆସୁଛି ବୋଲି ଅର୍ଥନୀତି ବିଶାରଦମାନେ ସତର୍କ କରାଇଛନ୍ତି। ଆମ ଦେଶର ପରିସ୍ଥିତି ସେଭଳି ସକାରାତ୍ମକ ସ୍ଥିତିରେ ନାହିଁ ଯେ ପରିଲକ୍ଷିତ ବାଣିଜ୍ୟ ନିଅଣ୍ଟକୁ ଏତେ ସହଜରେ ଅତିକ୍ରମ କରି ହେବ। ତେଣୁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଦର୍ଶାଇଥିବା କେତେକ ତ୍ରୁଟିକୁ ଏଡ଼ାଇଯିବା ଏତେ ସହଜ ନୁହେଁ। ଦେଶର ଜାତୀୟ ଆକାଉଣ୍ଟ ତଥ୍ୟର ଆକଳନକୁ ମୁଦ୍ରାପାଣ୍ଠି ସି ଗ୍ରେଡ ଦେଇଛି। ସେମାନଙ୍କ କହିବା କଥା ହେଲା, ଜିଡିପି ଓ ଜିଭିଏ ଭଳି ପ୍ରମୁଖ ପରିସଂଖ୍ୟାନ ନିର୍ଦ୍ଧାରଣରେ ଜାତୀୟ ଆକାଉଣ୍ଟର ପଦ୍ଧତିଗତ ତ୍ରୁଟି ରହିଛି। ସେହିଭଳି ଉପଭୋକ୍ତା ମୂଲ୍ୟସୂଚକାଙ୍କ ନିର୍ଦ୍ଧାରଣ ପ୍ରକ୍ରିୟାକୁ ମଧ୍ୟ ବି ଗ୍ରେଡ ଦିଆଯାଇଛି। ମୁଦ୍ରାପାଣ୍ଠିର ଏହି ପ୍ରତିକୂଳ ମତାମତ ସତ୍ତ୍ୱେ ବିଶ୍ୱ ଅର୍ଥନୀତିରେ ପରିଲକ୍ଷିତ ମାନ୍ଦାବସ୍ଥା ପ୍ରଭାବରୁ ଆମେ ମୁକ୍ତ ଓ ଗତଶୀଳତା ଅବ୍ୟାହତ ରହିଥିବା କେହି ଅସ୍ୱୀକାର କରିପାରିବେନି।

ବଜାର ଅର୍ଥନୀତିରେ କ୍ରେତାଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ମୁଦ୍ରାସ୍ଫୀତି ହ୍ରାସରୁ ସ୍ପଷ୍ଟ ଯେ କ୍ରୟଶକ୍ତିରେ ଦୁର୍ବଳତା ରହିଛି। ଏହା କୌଣସି ପରିସ୍ଥିତିର ଅଭିବୃଦ୍ଧି କାରକ ନୁହେଁ। ସେହିଭଳି ବର୍ଷକ ମଧ୍ୟରେ ଭାରତୀୟ ମୁଦ୍ରା ୪.୨ ପ୍ରତିଶତ ଡଲାର ତୁଳନାରେ ଅଧିକ ଦୁର୍ବଳ ହୋଇଛି। ଏହି ଦୁଇଟି ପ୍ରସଙ୍ଗକୁ ଜିଡିପି ଆକଳନ ବେଳେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

## ବିକାଶ-ମାନବ ସମ୍ବଳ-ଶିକ୍ଷା

ଆମ ରାଜ୍ୟର ସରକାରୀ ବିଦ୍ୟାଳୟ ଅବସ୍ଥା ଏତେ ଶୋଚନୀୟ ହୋଇପଡ଼ିଛି ଯେ ଯେତେଯାହା କଲେ ମଧ୍ୟ ଅଭିଭାବକଙ୍କ ଆଉ ଭରସାଯୋଗ୍ୟ ହୋଇପାରୁନି। ଛାତ୍ରଛାତ୍ରୀ ମଧ୍ୟ ଏକ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ଅଧାରୁ ପାଠ ଛାଡୁଛନ୍ତି। ଅଧିକାଂଶ ଅଭିଭାବକଙ୍କ ଭରସାଯୋଗ୍ୟ ହୋଇଛି ଘରୋଇ ବିଦ୍ୟାଳୟ। ସରକାରୀ ଶିକ୍ଷା ବ୍ୟବସ୍ଥାରେ କେଉଁଠି ନିରାପଦ ବିଦ୍ୟାଳୟଗୃହ ନାହିଁ ତ କେଉଁଠି ଶିକ୍ଷକ ନାହାନ୍ତି। ଶିକ୍ଷକଙ୍କ ଦାବିକୁ ନେଇ ବର୍ଷତମାମ ଆନ୍ଦୋଳନ ଚାଲିଛି। ବିଭିନ୍ନ ଗଣମାଧ୍ୟମରେ ଶିରୋନାମା ମଣ୍ଡନ କରୁଛି। ରାଜ୍ୟ ସରକାରୀ ବିଦ୍ୟାଳୟରେ ଅଧାରୁ ପାଠ ଛାଡ଼ିଛନ୍ତି ୧ ଲକ୍ଷ ୨୩ ହଜାର ପିଲା ଏବଂ ନବମରେ ସାଢ଼େ ୧୩ ହଜାର ପିଲା ଅକୃତକାର୍ଯ୍ୟ। ଶିକ୍ଷାକ୍ଷେତ୍ରରେ ଯେତେ ସମସ୍ୟା ମୁଣ୍ଡ ଟେକିଛି ସେ ନେଇ ପ୍ରଶ୍ନ କଲେ ସରକାରଙ୍କ ନିକଟରେ ଉତ୍ତର ଅଭାବ ନାହିଁ। କିନ୍ତୁ ସମସ୍ୟା ଯେଉଁଠି ସେଇଠି ଅଟକି ରହିଛି।

ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଚାଲିଥିବା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଆହୁରି ଉପର ଶ୍ରେଣୀକୁ ବଢ଼ି ଚାଲିଛି। ରାଜ୍ୟର ନବମ ଓ ଦଶମ ଶ୍ରେଣୀର ୧୦ ଲକ୍ଷ ୮୦ ହଜାର ପିଲାଙ୍କୁ ସିଏମ ପୋଷଣ କାର୍ଯ୍ୟକ୍ରମ ମାଧ୍ୟମରେ ମାଧ୍ୟାହ୍ନ ଭୋଜନ ଦିଆଯିବାର ବ୍ୟବସ୍ଥା ହୋଇଛି। ସେହିପରି ଏକାଦଶ ଶ୍ରେଣୀ ଏସଟି ପିଲାଙ୍କୁ ବର୍ଷକୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଦିଆଯାଇଛି। ଶିକ୍ଷକମାନେ ପାଠପଢ଼ା ଛାଡୁଥିବା ପିଲାଙ୍କ ଅଭିଭାବକଙ୍କୁ ବୁଝାଇ ସେମାନଙ୍କ ବିଦ୍ୟାଳୟକୁ ଫେରାଇ ଅଣାଯିବାର ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନଭୋଜନ, ୟୁନିଫର୍ମ ଓ ପାଠ୍ୟବସ୍ତୁ ଯୋଗାଇ ଦେବାର ମଧ୍ୟ ବ୍ୟବସ୍ଥା ହୋଇଛି। ସରକାରଙ୍କ ଏହି ସ୍ପଷ୍ଟୀକରଣ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଭିନ୍ନ କଥା। ଶିକ୍ଷା ବର୍ଷ ଶେଷ ହେବାକୁ ବସିଥିଲେ ମଧ୍ୟ କେଉଁଠି ୟୁନିଫର୍ମ ମିଳିନି ତ ଓ କେଉଁଠି ପାଠ୍ୟ ପୁସ୍ତକ ନାହିଁ। ଅସଲରେ ବ୍ୟବସ୍ଥାର ଉନ୍ନତି ଆଣିବାରେ ସରକାରଙ୍କ ଏହି ଘୋଷଣା କେତେଦୂର ସହାୟକ ହେବ ସେନେଇ ସନ୍ଦେହ ରହିଛି। ପିଲାଙ୍କ ଅସ୍ଥାଭାଜନ ହେଲା ଭଳି ବିଦ୍ୟାଳୟରେ ଶିକ୍ଷା ପରିବେଶ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ। ଏପରିକି ରାଜ୍ୟରେ ସ୍ୱତନ୍ତ୍ର ପତିଆରା ସୃଷ୍ଟି କରିଥିବା ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ ପାଉଥିବାର ଲକ୍ଷ୍ୟ କରାଯାଉଛି। ଉଚ୍ଚମାନର ଶିକ୍ଷାପ୍ରଦାନ ପାଇଁ ସୁଯୋଗ୍ୟ ଶିକ୍ଷକ ନିଯୁକ୍ତିକୁ ଏପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଇନାହିଁ। ବିଭିନ୍ନ ବିଷୟରେ ପାଠ ପଢ଼ାଇବା ସକାଶେ ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ। ସବୁଚାଲିଛି କାମଚଳା ଅବସ୍ଥାରେ। ଏଭଳି ପରିବେଶରେ ବିଜ୍ଞାନ ଅଧ୍ୟୟନ ସକାଶେ ଲାବୋରାଟୋରୀ, କମ୍ପ୍ୟୁଟର ଓ ପୁସ୍ତାକାଗାର ଆଶା କରିବା ବୃଥା। ତେଣୁ ଯେଉଁ ବିକାଶ କଥା କୁହାଯାଉଛି ତାହା ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ବିନା କିପରି ସମ୍ଭବ, ସନ୍ଦେହ ସୃଷ୍ଟି ହେଉଛି।

# ଅବସରପ୍ରାପ୍ତ ଅଧ୍ୟାପକ ନିଯୁକ୍ତି କେତେ ଯୁକ୍ତିଯୁକ୍ତ

ଶ୍ରୀବତ୍ସ ନାୟକ

ଉଚ୍ଚଶିକ୍ଷା ବିଭାଗରେ ଅବସରପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ସ୍ଥିର କରିଛନ୍ତି ଓଡ଼ିଶା ସରକାର। ଚଳିତ ଶିକ୍ଷା ବର୍ଷରୁ ସରକାରୀ ଅନୁଦାନପ୍ରାପ୍ତ (୪୮୮ ବର୍ଗ) ଓ ବେସରକାରୀ ଅନୁଦାନପ୍ରାପ୍ତ (୬୬୨ ବର୍ଗ) ମହାବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପ୍ରକ୍ରିୟାରେ ସିଧାସଳଖ ଯୋଡ଼ି ହେବେ ଅବସରପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକ। ଏଥିସହିତ ଖୁବଶୀଘ୍ର ସ୍ଥାୟୀ ଅଧ୍ୟାପକ ମଧ୍ୟ ନିଯୁକ୍ତି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଫଳରେ ଉଚ୍ଚଶିକ୍ଷା ବିଭାଗରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ପଦବୀ ପୂରଣ ହେବା ସହ ଶିକ୍ଷାଦାନରେ ଉପୁଜିଥିବା ସମସ୍ୟା ସମାଧାନ ହେବ। ଏହା ନିଶ୍ଚିତଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ଉଚ୍ଚଶିକ୍ଷା ବିଭାଗର ପତ୍ରସଂଖ୍ୟା ୫୭୧୯୮ ତା ୨୩.୧୦.୨୫ ରିଖ ଅନୁଯାୟୀ ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ହେବା ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକମାନଙ୍କୁ ନେଇ ଶିକ୍ଷାଦାନ ଚାଲିବ। ଏମିତିକି ଅତିଥି ଅଧ୍ୟାପକ ନିଯୁକ୍ତି ନେଇ ଯୋଗ୍ୟତା ଓ ମାପଦଣ୍ଡ କ'ଣ ରହିବ ତା' ମଧ୍ୟ ନିୟମାବଳୀରେ ଉଲ୍ଲେଖ ରହିଛି। ସହକାରୀ ପ୍ରଫେସର ପାଇଁ ଦରମା ୨୫ ହଜାର ଟଙ୍କାରୁ ଆରମ୍ଭ କରି ପ୍ରଫେସରଙ୍କ ଦରମା ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଏଥିପାଇଁ ଅତିକମ୍‌ରେ ୫୦ଟି କ୍ଲାସ କରିବା ବାଧ୍ୟତାମୂଳକ। ଯଦି ତା'ଠୁ କମ୍ ହୁଏ ତା'ହାଲେ ପାରିଶ୍ରମିକ କମିବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ମାର୍ଗଦର୍ଶିକାରେ କୁହାଯାଇଛି ଅତିଥି ଅଧ୍ୟାପକମାନେ ବର୍ଷକୁ ୧୦ ଦିନର ଛୁଟି ପାଇବେ। ଚାକିରି ଛାଡ଼ିବା ଆଗରୁ ୩୦ ଦିନର ନୋଟିସ୍ ଦେବେ।

ତେବେ ଅବସରପ୍ରାପ୍ତମାନଙ୍କୁ ପୁନଃନିଯୁକ୍ତି କ୍ଷେତ୍ରରେ ଅନେକ ପ୍ରଶ୍ନ ସାଧାରଣରେ ଉଙ୍କିମାରେ। ଶିକ୍ଷକତା କେବଳ ଏକ ବୃତ୍ତି ନୁହଁ, ବରଂ ଶିକ୍ଷାଦାନ ହେଉଛି ଶିକ୍ଷକ ଜୀବନର ବ୍ରତ। ଶିକ୍ଷକ କେବେ ଅବସର ନେଇପାରେ ନାହିଁ। ବିପଥଗାମୀ ସମାଜକୁ ସଜାଡ଼ିବାରେ ସେମାନଙ୍କର ଭୂମିକା ଅବର୍ଣ୍ଣନୀୟ। କିନ୍ତୁ ସରକାରଙ୍କର ବିଧିବିଧାନ ଅନୁସାରେ ଶାରୀରିକ ଅକ୍ଷମତା ଦୃଷ୍ଟିରୁ ଶିକ୍ଷକମାନଙ୍କୁ ୬୦ ବର୍ଷ ବୟସରେ ଶିକ୍ଷକତା ବୃତ୍ତିରୁ ଅବସର ଦିଆଯାଏ ଏବଂ ଅବଶିଷ୍ଟ ଜୀବନ ଆତ୍ମସମ୍ମାନର ସହ ବଞ୍ଚିବା ପାଇଁ ସରକାର ପେନସନ୍ ମଧ୍ୟ ଦେଇଥା'ନ୍ତି। ଏଠି ପ୍ରଶ୍ନ ଉଠୁଛି ବୟସାଧିକ୍ୟ କାରଣରୁ ଯାହାକୁ ଅବସର ଦେଲେ ତାଙ୍କୁ ପୁଣି କାର୍ଯ୍ୟକୁ ନିମନ୍ତ୍ରଣ କରିବା ତାଙ୍କ ପାଇଁ ଅସମ୍ମାନ ନୁହେଁ କି? ଯଦି ସେମାନେ ନିଯୁକ୍ତି ହୁଅନ୍ତି ସେମାନେ ଶାରୀରିକ ଓ ମାନସିକ ଭାବେ ଶିକ୍ଷାଦାନ କରିବା ପାଇଁ ପ୍ରସ୍ତୁତ ଥିବେ ତ? ଯଦି ସେମାନେ ଏବେ ପାଠ ପଢ଼େଇବାକୁ ସକ୍ଷମ, ତା' ହେଲେ ସରକାର ତାଙ୍କୁ ଅବସର ଦେଉଛନ୍ତି କାହିଁକି?

ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକ, ଯାହାଙ୍କର ବୟସ ସୀମା ୬୦ ରୁ ୬୯ ମଧ୍ୟରେ ହୋଇଥିବ ସେମାନେ ଶିକ୍ଷାଦାନ କରିବେ। ଅର୍ଥାତ୍ ପାଖାପାଖି ଏକ ଦଶନ୍ଧି ଧରି ସରକାର ବୋଧହୁଏ ସ୍ଥାୟୀ ନିଯୁକ୍ତି କରିବେ ନାହିଁ! ବେକାରୀ ସମସ୍ୟା ଉତ୍କଟ ହେବ। ଓଡ଼ିଶା ରାଜ୍ୟ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର ତଥ୍ୟ ଅନୁସାରେ ୨୦୨୫ ବର୍ଷ ଆରମ୍ଭରୁ ରାଜ୍ୟରେ ୪୮, ୬୭୮ ଜଣ ସ୍ନାତକୋତ୍ତର ଅଧ୍ୟାପକ ନିମନ୍ତେ ଯୋଗ୍ୟ ଥିଲେ ମଧ୍ୟ ନିଯୁକ୍ତି ନ ପାଇ ବେକାର ଅଛନ୍ତି। ଦିନକୁ ଦିନ ଏହି ଶିକ୍ଷିତ ଯୁବ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ସେମାନଙ୍କ ପାଇଁ ସରକାର କ'ଣ ସବୁ ରୂପରେଖ ପ୍ରସ୍ତୁତ କରିଛନ୍ତି, ତାହା ସାର୍ବଜନୀନ ହେବା ନିହାତି ଜରୁରୀ।

୧୯୮୮ ମସିହାରୁ ୨୦୧୬ ମସିହା ପର୍ଯ୍ୟନ୍ତ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ସରକାର ସ୍ଥାୟୀ ଅଧ୍ୟାପକ ନିଯୁକ୍ତି କରିପାରିଲେ ନାହିଁ। ଫଳରେ ସେ ସମୟରେ ଅନେକ ଯୁବ ଅଧ୍ୟାପକ ମହାବିଦ୍ୟାଳୟର ପରିଚାଳନା ସମିତି ଅଧୀନରେ ରହି ଶିକ୍ଷାଦାନ କଲେ। ଯେଉଁମାନଙ୍କ ମଧ୍ୟରୁ କେତେଜଣ ସରକାରୀ ବ୍ୟବସ୍ଥାର ଚରମ ଅବହେଳାର ଶିକାର ହୋଇ ରିକ୍ତ ହସ୍ତରେ ଅବସର ନେଇ ସାରିଲେଣି ତ କେତେଜଣ ଅବସର ନେବାକୁ ପ୍ରସ୍ତୁତ ହେଲେଣି। ଦୀର୍ଘ ଦିନ ଅଧ୍ୟାପନା କଲା ପରେ ମଧ୍ୟ ସେମାନଙ୍କୁ କୌଣସି ଚାକିରି ସର୍ତ୍ତାବଳୀ ମିଳିଲା ନାହିଁ। ସରକାରୀ ଚାକିରିର କୌଣସି ସୁବିଧା ସେମାନେ ପାଇଲେ ନାହିଁ। ପଦୋନ୍ନତି ଓ ପେନସନ୍ ସହିତ ଚାକିରି ସର୍ତ୍ତାବଳୀ ନିମନ୍ତେ ଗୁହାରି କଲେ ମଧ୍ୟ ସରକାର ପ୍ରତ୍ୟାଖାନ କଲେ। ସେମାନଙ୍କର ଅତୀତ ଅଭିଶପ୍ତ, ବର୍ତ୍ତମାନ ରୁଗ୍‌ଣ ଓ ଭବିଷ୍ୟତ ଅନ୍ଧକାରମୟ। ସରକାର ସେମାନଙ୍କ ପ୍ରତି ଦୟା ମନୋଭାବ ପୋଷଣ କରିବା ଉଚିତ।

ଏ କ୍ଷେତ୍ରରେ ପୂର୍ବ ତ୍ରୁଟିବିଚ୍ୟୁତି ସଂଶୋଧନପୂର୍ବକ ତୁରନ୍ତ ସଂସ୍କାର ଆଣି ବିହିତ ପଦକ୍ଷେପ ନ ନେଇ ଅବସରଙ୍କୁ ପୁନଃନିଯୁକ୍ତି କେତେ ଯୁକ୍ତିଯୁକ୍ତ? ଅବସରପ୍ରାପ୍ତ ଅଧ୍ୟାପକ ଅଭିଜ୍ଞ, କିନ୍ତୁ ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରି ଭାରତ ସରକାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣି ଯେଉଁ ସୁଚିନ୍ତିତ, ସୁଦୃଢ଼, ସୁ-ସଙ୍ଗଠିତ ଶିକ୍ଷାନୀତି (ଜାତୀୟ ଶିକ୍ଷାନୀତି ୨୦୨୦) ପ୍ରଣୟନ କରିଛନ୍ତି, ସେଥିନିମନ୍ତେ ସେମାନେ କେତେ ଯୋଗ୍ୟ ତାହା ସରକାରଙ୍କୁ ଜଣା। କହିବା ବାହୁଲ୍ୟ ଯେ ଏକବିଂଶ ଶତାବ୍ଦୀର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗରେ ଯେତେବେଳେ ସରକାର ଶିକ୍ଷାରେ ଆଧୁନିକୀକରଣ କରିଛନ୍ତି ସେତେବେଳେ ଅବସରପ୍ରାପ୍ତ ଶିକ୍ଷକମାନେ ସେହି ପାରମ୍ପରିକ ଶୈଳୀରେ ରହିଯାଇଛନ୍ତି, ଯାହା ଜାତୀୟ ଶିକ୍ଷାନୀତିର ମୌଳିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିପାରେ। ସରକାର ଗୋଟେ ପଟେ ଅଭିନବ ଶିକ୍ଷାନୀତିର କଥା କହୁଥିବା ବେଳେ ପୁଣି ପୁରୁଣାଙ୍କୁ ମନେପକାଇବା କେତେ ସମୀଚୀନ? ବାର୍ଦ୍ଧକ୍ୟରେ ଯୌବନର ଉତ୍ସାହ କାହୁଁ ଆସିବ?

ଅନ୍ୟପକ୍ଷରେ ଦେଖିଲେ କୌଣସି କ୍ଷେତ୍ରରେ ପୁରୁଖାମାନେ କାହିଁକି ଯୁଗାନ୍ତକାରୀ ପରିବର୍ତ୍ତନର ସ୍ୱପ୍ନ ଦେଖିବେ? ଆମ ଦେଶର ଶିକ୍ଷା ପ୍ରଣାଳୀରେ ଯେଉଁଭଳି ଯୁଗୋପଯୋଗୀ ସଂସ୍କାରମାନ ଆସୁଛି ସେଥିପାଇଁ ସଦ୍ୟତମ ଯୁବ ଉଦ୍ଦୀପନାର ଆବଶ୍ୟକତା ରହିଛି। ନୂତନ ପିଢ଼ିଙ୍କର ନିଯୁକ୍ତି ସୁସ୍ଥ ସାମାଜିକ ବ୍ୟବସ୍ଥା ପାଇଁ ଏକ ସାଧନା। ଯୁବ ଅଧ୍ୟାପକମାନଙ୍କର ଲମ୍ବା ଚାକିରି ସମୟ ସୀମା ଥିବାରୁ ସେମାନେ ଉତ୍ସାହର ସହିତ ଶିକ୍ଷାଦାନରେ ନିଜକୁ ସାମିଲ୍ କରିପାରିବେ। ସରକାର ଅନ୍ତତଃପକ୍ଷେ ଏ ସବୁ ବିଷୟ ପ୍ରତି ଦୃଷ୍ଟି ଦେବାର ଥିଲା। ଅଧୁନା ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ଶିକ୍ଷକମାନଙ୍କର ଜାତିଭେଦ। ମହାବିଦ୍ୟାଳୟରେ ଅଧ୍ୟାପକମାନଙ୍କୁ ସରକାର ବିଭିନ୍ନ ଶ୍ରେଣୀରେ ବିଭାଜିତ କରିଛନ୍ତି। ସମାନ କାମକୁ ସମାନ ଦରମାର ନାରା ଦେଉଥିବା ସରକାର ଶିକ୍ଷକମାନଙ୍କୁ ୟୁଜିସି ଅଧ୍ୟାପକ, ଏସଏସବି ଅଧ୍ୟାପକ, ଗ୍ରାଣ୍ଟ ଇନ୍ ଏଡ ଅଧ୍ୟାପକ, ବ୍ଲକ ଗ୍ରାଣ୍ଟ ଅଧ୍ୟାପକ, ମ୍ୟାନେଜମେଣ୍ଟ ଅଧ୍ୟାପକ, ଠିକା ଅଧ୍ୟାପକ, ଅତିଥି ଅଧ୍ୟାପକ ଆଦି ଶ୍ରେଣୀରେ ବିଭକ୍ତ କରି ଭିନ୍ନ ଭିନ୍ନ ବେତନ ଦେଇଥା'ନ୍ତି। ଗୋଟିଏ ବୃତ୍ତିରେ ଥାଇ ସମାନ କାମ କରି ଭିନ୍ନ ଭିନ୍ନ ବେତନ ପାଉଥିବାରୁ ଅଧ୍ୟାପକମାନେ ହୀନ ମାନସିକତାର ଶିକାର ହେଉଛନ୍ତି। ଏଥିପାଇଁ ଅଧ୍ୟାପକମାନେ ବାରମ୍ବାର ଗୁହାରି କରୁଛନ୍ତି; କିନ୍ତୁ ଫଳ ଶୂନ୍ୟ। ଫଳରେ ସ୍ୱଳ୍ପ ବେତନ ପାଉଥିବା ଅଧ୍ୟାପକମାନେ ନାନା ଦୁଶ୍ଚିନ୍ତା ଭିତରେ ରହିଥା'ନ୍ତି, ଯାହାର ପ୍ରତିକୂଳ ପ୍ରଭାବ ସମଗ୍ର ଶିକ୍ଷା ଉପରେ ପଡ଼ିଥାଏ। ଯେଉଁ ଅଧ୍ୟାପକମାନେ ବେତନ ଦାବି କରୁଛନ୍ତି ସେମାନଙ୍କୁ ରାଜ୍ୟ ସରକାର ଉପଯୁକ୍ତ ବେତନ ନ ଦେଇ ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ପେନସନ ସହିତ ଅତିଥି ଅଧ୍ୟାପକର ବେତନ ଦେବା ତେଲିଆ ମୁଣ୍ଡରେ ତେଲ ସଦୃଶ।

ଶିକ୍ଷା ବ୍ୟବସ୍ଥାକୁ ନ ସୁଧାରିଲେ ସାମାଜିକ ସୁଧାର ବିଳମ୍ବିତ ହୋଇଥାଏ। ସାମାଜିକ ସଦଭାବ ପାଇଁ କରାଯାଉଥିବା ପ୍ରୟାସ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ସମାନତାର ଅବସର ପ୍ରଦାନ କରିବାର ସାମ୍ବିଧାନିକ ଆଶ୍ୱାସନା ଉଲ୍ଲଂଘନ ହୋଇଥାଏ। ଭାରତର ମନୀଷୀମାନଙ୍କର ସ୍ୱପ୍ନ ଥିଲା ଯେ ଶିକ୍ଷାର ବିକାଶରେ ଭାରତର ସୁନେଲି ସକାଳ ଅଣାଯାଇପାରିବ। କିନ୍ତୁ ସରକାରଙ୍କର କେତେକ ନିଷ୍ପତ୍ତି ଯୋଗୁଁ ଉଚ୍ଚଶିକ୍ଷା ଅସ୍ତଗାମୀ ସୂର୍ଯ୍ୟ ସଦୃଶ ପ୍ରତୀୟମାନ ହେଲାଣି। ଶିକ୍ଷା ପ୍ରଶାସନ ଶିକ୍ଷାବିତ୍‌ଙ୍କ ହାତରେ ରହିବା ସହିତ ଶିକ୍ଷା ସମ୍ବନ୍ଧୀୟ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଏହି ବ୍ୟବସ୍ଥା ସହ ଜଡ଼ିତ ଥିବା ମହଲର ମତାମତ ନେଲେ କିଛି ସୁଫଳ ଆଶା କରାଯାଇପାରେ। ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷକମାନଙ୍କର ଦକ୍ଷତା, ଅଭିକ୍ଷମତା, ଉତ୍କର୍ଷ ଓ ପାରଦର୍ଶିତା ଆଦି ପ୍ରତି ଗୁରୁତ୍ୱାରୋପ କରୁଥିବା ବେଳେ ଓଡ଼ିଶା ସରକାର କେଉଁଭଳି ପରିସ୍ଥିତିରେ ଅବସରପ୍ରାପ୍ତମାନଙ୍କୁ ନିଯୁକ୍ତି ଦେବେ ତାହା ଚିନ୍ତାର ବିଷୟ ହୋଇଛି। ଯୁବ ଶକ୍ତି ରାଷ୍ଟ୍ର ଶକ୍ତି। ଯୁବକମାନଙ୍କୁ ବେକାର ରଖି କେତେ ଯୁକ୍ତିଯୁକ୍ତ ତାହା ବିଚାର କରିବାର ଆବଶ୍ୟକତା ରହିଛି।

(ଅଧ୍ୟାପକ, ବାଣିଜ୍ୟ ବିଭଗ)
କଟକ, ମୋ: ୯୪୩୮୦୭୦୮୪୯

# ଧୈର୍ଯ୍ୟହରା ଯୁବସମାଜ ଓ ଆତ୍ମବିଶ୍ୱାସର ପରିବେଶ

ଡ.ବିମଳ ଷଡ଼ଙ୍ଗୀ

ବିଜ୍ଞାନର ଅଗ୍ରଗତି ସହିତ ଆଜିର ଯୁବପିଢ଼ିର ସବୁଠୁ ବଡ଼ ସମସ୍ୟା ହେଉଛି ଡିଜିଟାଲ ନିର୍ଭରତା। ଘଣ୍ଟାଘଣ୍ଟା ଧରି କମ୍ପ୍ୟୁଟର ଗେମ୍, କ୍ରିକେଟ, ସିନେମା, ରିଲ୍ସ, ସାମାଜିକ ଗଣମାଧ୍ୟମ, ନିରନ୍ତର ଡୋପାମିନର ଆସକ୍ତି ଆଦିରୁ ଜାତ ଅତ୍ୟଧିକ ଚାପ ଯୁବସମାଜର ଧ୍ୟାନଶକ୍ତି କମାଇ ଧୈର୍ଯ୍ୟକୁ ନଷ୍ଟ କରୁଛି। ଜୀବନର ଲକ୍ଷ୍ୟରୁ ଭ୍ରମିତ କରୁଛି। ଆଜିର ଯୁବସମାଜ ଚାହାନ୍ତି ତୁରନ୍ତ ସଫଳତା। କିନ୍ତୁ ସଫଳତାକୁ ପାଇବାକୁ ହେଲେ ପରିଶ୍ରମ, ଶିଷ୍ଟାଚାର, ସହନଶୀଳତା, ଧୈର୍ଯ୍ୟ ଆଦି ଗୁଣର ଆବଶ୍ୟକତାକୁ ଭୁଲିଯାଆନ୍ତି ସେମାନେ। ଅନୁକରଣର ସଂସ୍କୃତି ସେମାନଙ୍କୁ ବିପଥଗାମୀ କରିଛି। ସାମାଜିକ ଗଣମାଧ୍ୟମ, ଗ୍ଲାମର୍, ଧନ, ଚାକଚକ୍ୟ ଜୀବନଶୈଳୀ, ନୀତିହୀନ ସେବା ଓ ତ୍ୟାଗହୀନ ଓ ଜ୍ଞାନହୀନ ତତ୍ତ୍ୱ ସେମାନଙ୍କ ଆଦର୍ଶ ହୋଇଯାଇଛି। ଚରିତ୍ର ଓ ନୀତିର ଅଭାବ ହେତୁ ଅନେକ ସ୍ଥାନରେ ଅସତ୍ୟ, ଠକେଇ, ଭ୍ରଷ୍ଟାଚାର, ଦୁର୍ନୀତି ଆଦି ଯୁବସମାଜକୁ ଆକର୍ଷିତ କରୁଛି। ଅନୁଶାସନହୀନତା ସହିତ ଅନିୟମିତ ଜୀବନଶୈଳୀ, ଅପପୁଷ୍ଟିକର ଖାଦ୍ୟର ଲାଳସା ଆଦି ସେମାନଙ୍କ ମନ ଓ ଦେହକୁ ଦୁର୍ବଳ କରୁଛି। ଶଠତାପୂର୍ଣ୍ଣ ନେତୃତ୍ୱ ଓ ଅପସଂସ୍କୃତି ଆଜି ଯୁବସମାଜକୁ ଉଦ୍‌ଭ୍ରାନ୍ତ କରୁଛି।

୨୦୦୦ ମସିହା ପରଠାରୁ ଭାରତରେ ଜନ୍ମିତ ପିଲାମାନେ ପିଲାଦିନରୁ ଅପେକ୍ଷାକୃତ ଆରାମଦାୟକ ପରିବେଶରେ ବଢ଼ି ଆସିଛନ୍ତି। ଅଧିକାଂଶ ପିଲା ଜନ୍ମରୁ ଅଭାବ ଓ ସଂଘର୍ଷ କ'ଣ ଜାଣିବାର ସୁଯୋଗ ପାଇ ନାହାନ୍ତି। ଡିଜିଟାଲ୍ ଯୁଗରେ ସେହି ପିଲାମାନେ ଆଜି ଯୁବାବସ୍ଥାରେ ପହଞ୍ଚିଛନ୍ତି। ରାଜନୈତିକ ଦଳମାନେ ସ୍ୱାର୍ଥ ପାଇଁ ସେମାନଙ୍କୁ ମଦ, ମାଂସ ଓ ବିଭିନ୍ନ ଅନୀତିକର କାର୍ଯ୍ୟ ଦ୍ୱାରା ନିୟୋଜିତ କରନ୍ତି ଏବଂ ସେମାନଙ୍କ ପାଇଁ ଏକ ଅସୁରକ୍ଷିତ ଭବିଷ୍ୟତର ଆଚ୍ଛାଦନ ସୃଷ୍ଟି କରନ୍ତି। ସହଜଲବ୍ଧ ସାମାଜିକ ଗଣମାଧ୍ୟମ ପ୍ରଭାବରେ ଅନ୍ୟମାନଙ୍କ ସହ ତୁଳନାରେ ନିଜକୁ ହେୟ ଭାବିବା ସହିତ ନିଜ ଭିତରେ କ୍ଷୋଭ, ଚିଡ଼ିଚିଡ଼ା ପଣ, କ୍ରୋଧ, ପ୍ରତିକ୍ରିୟା ଓ ଧୈର୍ଯ୍ୟ ହ୍ରାସ ଆଦି ସ୍ୱଭାବ ସୃଷ୍ଟି ହୋଇଛି। ଆଜିର ପିଲାମାନଙ୍କ ଭିତରେ କୌଣସି କାର୍ଯ୍ୟକ୍ଷେତ୍ରରେ ସେମାନଙ୍କର ଆତ୍ମୀୟତା ପରିଲକ୍ଷିତ ହୁଏ ନାହିଁ। ଏହା 'ଜବ ହୋପିଙ୍ଗ' ସଂସ୍କୃତି ନାମରେ ବେଶ ଆଦୃତ। ନିଜର ପିତାମାତାଙ୍କ ସହିତ ସେମାନଙ୍କର ସମ୍ପର୍କ ବିବାହ ପରେ ସଂକୀର୍ଣ୍ଣ ହୋଇଥାଏ। ସେହି ମନୋବୃତ୍ତିରୁ ସେମାନଙ୍କ ବୈବାହିକ ସମ୍ପର୍କ ମଧ୍ୟ କ୍ଷଣସ୍ଥାୟୀ ହୋଇଥାଏ। କ୍ରମଶଃ ଏକ ନିଃସଙ୍ଗ ଚାପଗ୍ରସ୍ତ ଜୀବନଶୈଳୀର ସାଥୀ ହୋଇ ସମାଜର ଦୁର୍ଗତିର କାରଣ ହୁଅନ୍ତି।

ଆମର ପ୍ରଥମ କର୍ତ୍ତବ୍ୟ ଯୁବସାମାଜଙ୍କ ସମସ୍ୟାକୁ ଭଲଭାବରେ ଶୁଣିବା ଓ ବୁଝିବା। କାରଣ ଆମେ ସେମାନଙ୍କୁ ତୁରନ୍ତ ପରାମର୍ଶ ଦେଲେ ସେମାନେ ଆମକୁ ଅନୁସରଣ କରିବେ ନାହିଁ। ଯେତେବେଳେ ସେମାନେ ଆପଣଙ୍କୁ ବୁଝିପାରିବେ ସେତେବେଳେ ସେମାନେ ମାର୍ଗଦର୍ଶନ ପାଇଁ ଆପଣଙ୍କର ସାହାଯ୍ୟ ନେବେ। ସେମାନଙ୍କୁ ସମ୍ମାନ ମାଧ୍ୟମରେ ବିଶ୍ୱାସ ସୃଷ୍ଟି କରିବାକୁ ପଡ଼ିବ। କେବେବି ସେମାନଙ୍କୁ ଅପମାନ, ତୁଳନା କିମ୍ବା ଲଜ୍ଜିତ କରିବା ଠିକ ନୁହେଁ। ଉଦାହରଣ ସ୍ୱରୂପ ଆମକୁ କହିବାକୁ ପଡ଼ିବ 'ମୁଁ ବୁଝିପାରୁଛି ତୁମେ କେଉଁ ସମସ୍ୟା ଦେଇ ଗତି କରୁଛ', 'ଆମେ ଏହାକୁ ଏକାଠି ସମାଧାନ କରିପାରିବା' ଇତ୍ୟାଦି। ସମ୍ମାନ, ଧୈର୍ଯ୍ୟ, ଗଠନମୂଳକ ଚିନ୍ତାଧାରା ସହିତ ସମସ୍ୟା ସମାଧାନର ଦ୍ୱାର ଖୋଲିଥାଏ। ସୁବିଧା, ଅସୁବିଧା କ'ଣ ସେମାନଙ୍କୁ ବୁଝାନ୍ତୁ। କେବଳ ନିୟମ ନୁହେଁ, ଆଜିର ଯୁବସମାଜ ଯେତେବେଳେ ନିଜର ଲାଭକୁ ପାଇବା ଅନୁଭବ କରନ୍ତି ସେତେବେଳେ ସେମାନେ ନିୟମ ପାଳନ କରନ୍ତି। ସେହିପରି ମୋବାଇଲ ଫୋନ୍ ବ୍ୟବହାର ହ୍ରାସ କରିବାକୁ ପରାମର୍ଶ ପରିବର୍ତ୍ତେ ଆପଣ କହିପାରନ୍ତି 'ଯଦି ତୁମେ ପ୍ରତିଦିନ ଗୋଟିଏ ଘଣ୍ଟା ପାଇଁ ଫୋନ୍ ବ୍ୟବହାର ହ୍ରାସ କର ତେବେ ତୁମର ଏକାଗ୍ରତା ବୃଦ୍ଧି ପାଇବ ଏବଂ ତୁମେ କମ୍ ଚାପ ଅନୁଭବ କରିବ।'

ଛୋଟ ଛୋଟ ସଫଳତା ପାଇବାକୁ ଉତ୍ସାହିତ କରନ୍ତୁ। ବଡ଼ ପରିବର୍ତ୍ତନ ପାଇଁ ବାଧ କରନ୍ତୁ ନାହିଁ। ସରଳ ଅଭ୍ୟାସ ସହିତ ସେମାନଙ୍କୁ ପରାମର୍ଶ ଦିଅନ୍ତୁ। ଯେପରି, ଦିନକୁ ବାହାରେ ୧୦ ମିନିଟ୍ ଚାଲିଲେ ଆତ୍ମବିଶ୍ୱାସ ଓ ଧୈର୍ଯ୍ୟ ବୃଦ୍ଧି ହୁଏ। ଅନ୍ୟ ସହିତ ତୁଳନା କରିବା ବନ୍ଦ କରନ୍ତୁ। ଏହା ଚାପ ହ୍ରାସ କରେ ଏବଂ ଧୈର୍ଯ୍ୟ ବୃଦ୍ଧି କରେ। ଏକ ସହାୟକ ପରିବେଶ ସୃଷ୍ଟି କରନ୍ତୁ। ପରିବେଶ ପରାମର୍ଶ ଅପେକ୍ଷା ଆଚରଣକୁ ଅଧିକ ଆକାର ଦିଏ। ବାସ୍ତବ ଜୀବନ କାର୍ଯ୍ୟକଳାପକୁ ଉତ୍ସାହିତ କରନ୍ତୁ। କ୍ରୀଡ଼ା, ଚାଲିବା, ଯୋଗ, ଯେକୌଣସି ହବି ଯଥା - ସଙ୍ଗୀତ, କଳା, ପଠନ ଆଦି କାର୍ଯ୍ୟକଳାପଗୁଡ଼ିକ ସ୍ୱାଭାବିକ ଭାବରେ ଧୈର୍ଯ୍ୟ ଓ ଶୃଙ୍ଖଳା ଶିଖାଏ। ସେମାନଙ୍କର ପ୍ରତ୍ୟେକ ଛୋଟ ଉନ୍ନତିକୁ ପ୍ରଶଂସା କରନ୍ତୁ। ପ୍ରଶଂସା ପ୍ରେରଣା ବଢ଼ାଏ ଆଉ ପ୍ରେରଣା ଧୈର୍ଯ୍ୟ ବଢ଼ାଏ। ଆପଣ ନିଜେ ଏକ ଆଦର୍ଶ ହୁଅନ୍ତୁ। ଆପଣ ମଧ୍ୟ ମୋବାଇଲ ଫୋନ ଓ ଟିଭିରୁ ମନ ହଟାଇବାକୁ ଚେଷ୍ଟା କରନ୍ତୁ। କାରଣ ସେମାନେ ଆପଣଙ୍କ ପରାମର୍ଶ ଅପେକ୍ଷା ଆପଣଙ୍କୁ ନିରୀକ୍ଷଣ କରି ଅଧିକ ଶିଖନ୍ତି। ଯଦି ଆପଣ ଶାନ୍ତ ରୁହନ୍ତି ଏବଂ ଧୈର୍ଯ୍ୟର ସହିତ ସମସ୍ୟାଗୁଡ଼ିକୁ ପରିଚାଳନା କରନ୍ତି ତେବେ ସେମାନେ ତାହାକୁ ଅନୁକରଣ କରିବେ।

ଧୈର୍ଯ୍ୟ ଗୋଟିଏ ଅଭ୍ୟାସ। ନିୟମିତ ସଠିକ ମାର୍ଗଦର୍ଶନ, ଶାନ୍ତ ପରିବେଶ ଓ ସକାରାତ୍ମକ ମନୋଭାବ ଦ୍ୱାରା ବୃଦ୍ଧି ହେବାକୁ ସମୟ ଲାଗେ। ଯଦି ଯୁବସମାଜ ଧୈର୍ଯ୍ୟଶୀଳ ହେବେ, ତେବେ ନିଜ ଜୀବନ, ସମାଜ ଓ ଦେଶ ଅଧିକ ସୁଦୃଢ଼ ହେଇପାରିବ। ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ଉନ୍ନତି ସହିତ ସଚ୍ଚୋଟତା, ଉତ୍କୃଷ୍ଟ ଶିକ୍ଷାପ୍ରଣାଳୀ, ପରିବାର ସହାୟତା ଓ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା, ସର୍ବୋପରି ସାମୂହିକ ପ୍ରୟାସ ଦ୍ୱାରା ଯୁବସମାଜ ନିଜର ଜୀବନକୁ ଧୈର୍ଯ୍ୟ, ସହିଷ୍ଣୁତା ଓ ଶାନ୍ତିପୂର୍ଣ୍ଣ ଦିଗକୁ ନେଇଯିବାକୁ ସମର୍ଥ ହୋଇପାରିବେ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ଦୀପ୍ତିମାନ ଗଛ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

କେତେକ ଜୀବଙ୍କର ଶୀତଳ ଆଲୋକ ବିକିରଣକାରୀ ଗୁଣ ରହିଛି। ଏହା ସେମାନଙ୍କ ଜୀବନଯାତ୍ରା ପ୍ରକ୍ରିୟାର ଏକ ଅଂଶ ବିଶେଷ। ଏହି ଆଲୋକକୁ ଜୀବୀପ୍ତି ବା ବାୟୋଲୁମିନ୍ସେନ୍ସ (Biolumінerscence) ବୋଲି କୁହାଯାଏ। ଜୁଳୁଜୁଳିଆ ପୋକ ତାହାର ତଳିପେଟରେ ଥିବା ଏକ ବିଶଷ ଅଙ୍ଗରୁ ଏହା କରେ। ତାର ଯୌନ ସାଥୀ ଏବଂ ଶିକାରକୁ ଆକୃଷ୍ଟ କରିବାରେ ଏହା ସହାୟକ ହୁଏ। ସେହିପରି ଅଙ୍ଗାରମାଛ (Angles fish) ର ପାଟି ଆଗକୁ ଥିବା ଏକ ଅଙ୍ଗରୁ ଏପରି ଅଲୋକ ବାହାରି ତା' ଶିକାରକୁ ଆକୃଷ୍ଟ କରେ। କେତେକ ଶ୍ରେଣୀର ସ୍କୁଇଡ (Squid)ଙ୍କର ବି ଆଲୋକ ସୃଷ୍ଟିକାରୀ ଅଙ୍ଗର ରହିଛି। ସେମାନେ ସେଥିରୁ ଆଲୋକର ବାଦଲ ନିର୍ଗତ କରିପାରନ୍ତି, ଯାହାକି ସେମାନଙ୍କ ଶିକାରୀଜୀବମାନଙ୍କୁ ଭୟଭୀତ କରେ। ଅନ୍ୟ ପକ୍ଷରେ କେତେକ ସମୁଦ୍ରବାସୀ ପ୍ଲାଙ୍କଟନ୍ (Plankrun) ଅଜ୍ଞାତ ପରିବେଶର ସମ୍ମୁଖୀନ ହେଲେ ଶରୀରରୁ ଆଲୋକ ସୃଷ୍ଟି କରନ୍ତି। ଏହା ତାଙ୍କ ଜୀବକୋଷ ମଧ୍ୟରେ ସୃଷ୍ଟି ହୁଏ ଏବଂ ଚତୁଃପାର୍ଶ୍ୱକୁ ଆଲୋକିତ କରେ। କେତେକ ଶ୍ରେଣୀର କବକ ବା ଫଙ୍ଗସ୍ (Fungus) ମଧ୍ୟ ଏପରି କରିପାରନ୍ତି। ଏହାକୁ ଫକ୍ସ ଫାୟାର୍ (Fox fine) ବୋଲି କୁହାଯାଏ। ଏହି ଜୀବୀପ୍ତ ସେମାନଙ୍କଠାରେ ଥିବା ଲ୍ୟୁସିଫେରିନ୍ (Luciferin) ନାମକ ଏକ ଜୈବରାସାୟନିକ ପଦାର୍ଥ ଏବଂ ଲ୍ୟୁମିସିଫେରେଜ (Luciferase) ନାମକ ଏନଜାଇମ ମଧ୍ୟରେ ପ୍ରତିକ୍ରିୟା ଯୋଗୁଁ ସୃଷ୍ଟିହୁଏ।

ଗଛଲତାମାନଙ୍କଠାରେ ସାଧାରଣତଃ ଏପରି ହେବାର ଦେଖାଯାଏ ନାହିଁ। ତେବେ ନିକଟରେ ବୈଜ୍ଞାନିକମାନେ 'ବାୟୋଲୁମିନ୍ସେନ୍ସ) କବକମାନ ବ୍ୟବହାର କରି ଏମାନଙ୍କୁ ଦୀପ୍ତିମାନ କରିବା ଏବଂ ତାଙ୍କଠାରୁ ଦୀପ୍ତିମାନ କାଠ ଉତ୍ପାଦନ କରିବାକୁ ସମର୍ଥ ହୋଇଛନ୍ତି। ଏହି ପ୍ରକିୟାରେ ସେମାନେ ଗଛମାନଙ୍କ ଦେହରେ ଏହି ଜାତୀୟ କବକ ଏବଂ ତା'ର ଅଭିବୃଦ୍ଧିରେ ସହାୟତା କରୁଥିବା କେତେକ ପୁଷ୍ଟି ଇଜେକ୍ସନ ଆକାରରେ ଦେଉଛନ୍ତି। ଫଳରେ ସେଗୁଡ଼ିକ ସେଥିରେ ବଂଶବିସ୍ତାର କରି ଶୀତଳ ନୀଳ ଆଲୋକ ଉତ୍ପନ୍ନ କରୁଛନ୍ତି। ଏପରିକି ଗଛର ମୃତ୍ୟୁପରେ ମଧ୍ୟ ଦୀର୍ଘକାଳ ଧରି ତାହା ତହିଁରୁ ନିର୍ଗତ ହେଉଛି।

ଆଶାକରାଯାଉଛି ଯେ ଏପ୍ରକାର ନୂତନତା ପ୍ରବର୍ତ୍ତନକାରୀ ସଫଳତା ପରିବେଶ ଅନୁକୂଳ ଆଲୋକର ଉତ୍ସ ରୂପେ କାର୍ଯ୍ୟ କରିପାରିବ। ଅତଏବ ପାରମ୍ପରିକ ବିଦ୍ୟୁତ୍ ଶକ୍ତିର ବ୍ୟବହାର ହ୍ରାସ ପାଇବ। ଏହି ଶକ୍ତିର ପ୍ରାୟ ୭୦ ଶତାଂଶ ଉତ୍ପନ୍ନ ହୋଇଥାଏ କୋଇଲା ଆଦି ଜୀବାଶ୍ମ ଇନ୍ଧନର ବ୍ୟବହାରରେ। ଫଳରେ ତହିଁରୁ ନିର୍ଗତ ହୁଏ ପ୍ରଚୁର ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ପ୍ରଦୂଷଣକାରୀ ପଦାର୍ଥ। ବର୍ତ୍ତମାନର ନୂତନ ପ୍ରକ୍ରିୟାଟି ବହୁଳ ଭାବେ ବ୍ୟବହାରକ୍ଷମ ହୋଇପାରିଲେ ଏ ସମସ୍ୟା ଲାଘବ ହେବ।

ବୈଜ୍ଞାନିକମାନେ ଜଙ୍ଗଲ ତଥା ନିର୍ଜନ ରାସ୍ତାଘାଟ କଡ଼ରେ ଥିବା ଗଛଲତାଙ୍କଠାରେ ଏହା ପ୍ରୟୋଗ କରିବା କଥା ଚିନ୍ତା କରୁଛନ୍ତି। ଅତଏବ ସେସବୁ ସ୍ଥାନ ଆଲୋକିତ ଓ ବିପଦମୁକ୍ତ ହୋଇପାରିବ। ପୁନଶ୍ଚ ଏବର ପ୍ରାକୃତିକ ଆଲୋକ ଜୀବଜନ୍ତୁମାନଙ୍କ ପାଇଁ ଅଧିକ ଗ୍ରହଣୀୟ ହେବ। ଅନ୍ୟପକ୍ଷରେ, ଏପ୍ରକାର ଗଛରେ କାଠରେ ଘରୋଇ ଉପକରଣମାନ ତିଆରି କରାଗଲେ ବିଦ୍ୟୁତ୍ ଆଦି କୃତ୍ରିମ ଆଲୋକର ଆବଶ୍ୟକତା ହ୍ରାସ ପାଇବ। ପୁନଶ୍ଚ ମନ୍ଦିର, ବିବାହ ମଣ୍ଡପ ଆଦିର ସାଜସଜାରେ ମଧ୍ୟ ଏହାର ବ୍ୟବହାର ହୋଇପାରିବ।

ଏଭଳି ବାୟୋଲୁମିନ୍ସେନସ ଉତ୍ପାଦନକାରୀ କବକ ବ୍ୟବହାର କରି ଦୀପ୍ତିମାନ ଗଛଲତା ଓ କାଠ ଉତ୍ପନ୍ନ କରିବା ଏକ ଅତ୍ୟନ୍ତ ସହନୀୟ ପ୍ରକ୍ରିୟା ହୋଇପାରିବ। ଏଥିରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ତାପଜ ବିଦ୍ୟୁତ୍ କେନ୍ଦ୍ର ବା ଜଳ ବିଦ୍ୟୁତ୍ କେନ୍ଦ୍ରମାନ ସ୍ଥାପନର ଆବଶ୍ୟକତା ହ୍ରାସ ପାଇବ। ଅତଏବ ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ପ୍ରଦୂଷକମାନଙ୍କ ନିର୍ଗମନ ତଥା ବନ ଧ୍ୱଂସ ଆଦି ସୀମିତ ହେବ। ପୁନଶ୍ଚ ଏହି ପରିବେଶ ଅନୁକୂଳ ଆଲୋକ ମଧ୍ୟ ମଣିଷ ଏବଂ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କ ସ୍ୱାସ୍ଥ୍ୟ ଅନୁକୂଳ ବୋଲି ମନେ କରାଯାଉଛି। ତେବେ ଏ ପ୍ରକ୍ରିୟାର ବ୍ୟାପକ ବ୍ୟବହାର ଲାଗି ଲୋଡ଼ା ଆହୁରି ଅନେକ ପରୀକ୍ଷା ନିରୀକ୍ଷା ଏବଂ ତାହାର ଅଧିକ ବିକାଶ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆରମ୍ଭରୁ ଏସ୍ଆଇଆର୍...

ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ମଧ ରାଧାକ୍ରିଷ୍ଣନଙ୍କ ସ୍ୱାଗତ କରି ଆଶା ପ୍ରକାଶ କରିଥିଲେ ଯେ ସେ ଗୃହ ପରିଚାଳନାରେ ନିରପେକ୍ଷତା ଅବଲମ୍ବନ କରି ସଂସଦୀୟ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବେ। ଏହି ସମୟରେ ସେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ପ୍ରସଙ୍ଗ ଉଠାଇଥିଲେ। ଧନଖଡ଼ଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇ ପାରିଲା ନାହିଁ ବୋଲି ସେ ଉଲ୍ଲେଖ କରିଥିଲେ। ତେବେ ତାଙ୍କର ଏହି ବକ୍ତବ୍ୟକୁ ସରକାରୀ ସଭ୍ୟ ଦୃଢ଼ ବିରୋଧ କରିଥିଲେ। ନୂଆ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଥିବା ବେଳେ ପୁରୁଣା କଥା ଉଠାଇବା ଠିକ୍ ନୁହେଁ ବୋଲି ମନ୍ତ୍ରୀ ରିଜିଜୁ ଏବଂ ଜେପି ନଡ୍ଡା କହିବା ସହିତ ଖଡ଼ଗେଙ୍କର ସମାଲୋଚନା କରିଥିଲେ। ନଡ୍ଡା କହିଥିଲେ ଯେ ଖଡ଼ଗେ ମାନସିକ ରୂପେ ଅସୁସ୍ଥ ଥିବାରୁ ସେ ତାଙ୍କୁ ଦୟା ଦେଖାଉଛନ୍ତି।

ଇତିମଧ୍ୟରେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ବିରୋଧୀ ସଭ୍ୟମାନେ ଦେଇଥିବା ଏକାଧିକ ମୁଲତବୀ ନୋଟିସ୍‌କୁ ରାଜ୍ୟସଭା ଅଧ୍ୟକ୍ଷ ଖାରଜ କରଦେଇଥିଲେ। ଜିରୋ ଆୱାର ବେଳେ ଏହି ପ୍ରସଙ୍ଗ ଉଠାଇବା ଲାଗି ରାଧାକ୍ରିଷ୍ଣନ ବିରୋଧୀ ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ବିରୋଧୀ ସଭ୍ୟ ଏହାକୁ ଗ୍ରହଣ ନକରି କକ୍ଷତ୍ୟାଗ କରିଥିଲେ। ଅନ୍ୟପକ୍ଷରେ ଆଜି ସଂସଦ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଗଣମାଧ୍ୟମରେ ଦେଇଥିବା ବିବୃତିକୁ ବିରୋଧୀ ଦଳ ସମାଲୋଚନା କରିଥିଲେ। ମୋଦୀ କହିଥିଲେ ଯେ କାମ କରିବା ପରିବର୍ତ୍ତେ ବିରୋଧୀ ସଭ୍ୟ ସଂସଦ ।।ରେ ଡ୍ରାମାବାଜି କରୁଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କର ସମାଲୋଚନା କରି କହିଲେ ଯେ ବିରୋଧୀ ସଭ୍ୟମାନେ ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ ଚାହାନ୍ତି। ଏହା କଣ ଡ୍ରାମାବାଜି ବୋଲି ସେ ପ୍ରଶ୍ନ କରିଥିଲେ।

## ୫ ସହରରେ...

କିଭଳି ଘରେ ଘରେ ପରିଚିତ ହୋଇପାରିଛି ଓ ପାଠକୀୟ ଆଦୃତି ଲାଭ କରିପାରିଛି ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ତଥା ପୂର୍ବତନ ସାଂସଦ,ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ମ୍ୟାନେଜର ତଥା ଆଇପିଏଲର ପୂର୍ବତନ ଅଧ୍ୟକ୍ଷ ରଞ୍ଜିବ ବିଶ୍ୱାଳ 'ସକାଳ'ର ପ୍ରୟାସକୁ ପ୍ରଶଂସା କରିଥିଲେ। ଚା' ପରି ଅନେକଙ୍କ ପାଇଁ ସମ୍ବାଦପତ୍ର ଅନେକଙ୍କ ପାଇଁ ଏକ ନିଶା ବୋଲି ଉଲ୍ଲେଖ କରି ସେ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅନୁରୂପ ଭାବରେ ଓଲିଉଡ୍ ଅଭିନେତ୍ରୀ ତଥା ସମାଜସେବୀ ବର୍ଷା ପ୍ରିୟଦର୍ଶିନୀ, ମିସେସ୍ ୱାଲର୍ଡ ୱାଇଡ୍(ଦୁବାଇ) ସଙ୍ଗୀତା ନାୟକ, ହିରୋ ମୋଟୋ କର୍ପର ଏରିଆ ମ୍ୟାନେଜର ଉଜ୍ୱଳ କୋହଲି ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ମିନି ମାରାଥନରେ ପୁରୁଷ ବିଭାଗରେ ପ୍ରଥମ ହୋଇଥିବା ଶଶିକାନ୍ତ ଓରାମ୍, ଦ୍ୱିତୀୟ ସ୍ଥାନ ଏସ୍. ଲୋକନାଥ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପରମେଶ୍ୱର ମାଝୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅନୁରୂପ ଭାବରେ ମହିଳା ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିବା ମାମିନା ମୁର୍ମୁ, ଦ୍ୱିତୀୟ ପ୍ରଜ୍ଞାଶ୍ରୀ ସୁନ୍ଦର ରାୟ ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବା ଜଲି ସ୍ୱାଇଁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

'ହିରୋ ମୋଟୋ କର୍ପ' ଓ 'ଫାଲକନ୍' ସହଯୋଗରେ ଅନୁଷ୍ଠିତ ଏହି ମିନି ମାରାଥନ ଉଦ୍‌ଘାଟନ ଓ ଉଦ୍‌ଯାପନୀ ଉତ୍ସବରେ 'ସକାଳ' ସିଇଓ ସୁବ୍ରତ ଦାସ, ପ୍ରକାଶକ ଅମିତ କୁମାର ମଲ୍ଲିକ, କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ବ୍ୟୁରୋ ମୁଖ୍ୟ ରଞ୍ଜିତ୍ ମହାନ୍ତି, ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ, ନନ୍ଦିଘୋଷ ଟିଭିର ସିଓଓ ଜବରସିଂ ପନୱର, ସମ୍ପାଦକ ଶିଶିର ଭଟ୍ଟମିଶ୍ର, ବିଜ୍ଞାପନ ବିଭାଗ ମୁଖ୍ୟ ନରୋତ୍ତମ ଗୁରୁ, ବାର୍ତ୍ତା ବିଭାଗ ସଂଯୋଜକ ତୁଷାର ରଞ୍ଜନ ମହାନ୍ତିଙ୍କ ସହ ସକାଳ ଓ ନନ୍ଦିଘୋଷ ଟିଭିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସକାଳର ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅବସରରେ ପ୍ରାୟୋଜକ ଓ ସହପ୍ରାୟୋଜକ ସଂସ୍ଥା ହିରୋ, ଅଜନ୍ତା, ଓମଫେଡ୍, ମଣିପାଲ ହସ୍ପିଟାଲ, ମେଫେୟାର ଗ୍ରୁପ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ମଞ୍ଜରୀ ଦେବୀ ନର୍ସିଂ ଏକାଡେମୀର ଉପସଭାପତି ଶରତ ବିଶ୍ୱାଳ, ନବଜ୍ୟୋତି କଲେଜ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ପ୍ରଧାନ, ବିନାୟକ କନସେପ୍ଟ ସ୍କୁଲ ପ୍ରତିଷ୍ଠାତା ସଞ୍ଜୟ ରାଜ୍, ଡିଓସି ବାଇକର ଗ୍ରୁପ୍, ସିଭି ରମଣ କଲେଜ, ୱିଙ୍ଗର ଭୁବନେଶ୍ୱର, ଫେଡ଼େରେସନ ଅଫ୍ ବ୍ଲଡ଼ ଡ଼ୋନେସନ ଅର୍ଗାନାଇଜେସନ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାୟାର ଇଞ୍ଜିନିଅରିଂ ଓ ସେଫ୍ଟି ମ୍ୟାନେଜମେଣ୍ଟ ଆଦି ସଂସ୍ଥାକୁ ଅତିଥିମାନେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ଉପସ୍ଥିତଥିବା ଓଡ଼ିଆ ସିନେମା 'ମନ୍ତ୍ରମୁଗଧ' ଟିମ୍‌କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂଜୀବ ଓ ସୋନାଲୀ ସଂଯୋଜନା କରିଥିଲେ।

ପ୍ରସାର ବିଭାଗର ବରିଷ୍ଠ ଅଧିକାରୀ ପ୍ରିୟବ୍ରତ ଦାସ, ପ୍ରମୋଦ ନାୟକ, ସୁଧାଂଶୁ ସାହୁ, ବିଜ୍ଞାପନ ଅଧିକାରୀ ଅଭିଷେକ ସାହୁ, ନନ୍ଦିଘୋଷ ଟିଭିର ସତ୍ୟ ମହାନ୍ତି, ସନ୍ତୋଷ ପରିଡ଼ା, ଚନ୍ଦ୍ରକାନ୍ତ ପଣ୍ଡା, ମନୋଜ ସାହୁ, ସକାଳ ଡ଼ିଜିଟାଲ ମୁଖ୍ୟ ତାପସ କୁମାର, ବିତ୍ତ ବିଭାଗ ମୁଖ୍ୟ ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୪୫ ମିନିଟରେ...

ପ୍ଲାଟଫର୍ମରେ ଉପଲବ୍ଧ ଥିବାରୁ ଅନେକାଂଶ ଟିକଟ ପାଇବା ଆଶା ଛାଡି ଦେଇଥିଲେ। ଅଗ୍ରୀମ ବୁକିଂ କରିଥିବା କ୍ରିକେଟପ୍ରେମୀ ଆସନ୍ତା ୮ ଏବଂ ୯ ତାରିଖରେ ଟିକଟର ହାର୍ଡକପି ପାଇବେ। ଏଥିନିମନ୍ତେ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଂଟର ଖୋଲାଯିବ।

ବାରବାଟୀରେ ଭାରତ ଓ ଦକ୍ଷିଣଆଫ୍ରିକା ମଧ୍ୟରେ ୯ ତାରିଖ (ମଙ୍ଗଳବାର) ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ମ୍ୟାଚ୍ ଦେଖିବା ନିମନ୍ତେ କ୍ରିକେଟପ୍ରେମୀଙ୍କ ଭିତରେ ଉତ୍କଣ୍ଠା ବହୁଗୁଣିତ ହେବାରେ ଲାଗିଲାଣି। ମ୍ୟାଚ୍ ଦିବସ ଯେତିକି ପାଖେଇଆସୁଛି ବାରବାଟୀ ମୁକାବିଲାକୁ ନେଇ ଆଲୋଚନା ସେତିକି ସରଗରମ ହେଉଛି। ଅନଲାଇନ ଟିକଟ ବିକ୍ରି ଶେଷ ହେବା ପରେ ଆସନ୍ତା ୩ ଏବଂ ୪ ତାରିଖରେ ଓସିଏ ଅନୁବନ୍ଧିତ ୟୁନିଟକୁ ଟିକଟ ବିକ୍ରି କରାଯିବ। ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, କ୍ଲବ, ଜିଲ୍ଲା ସଂଘ ଏବଂ ସଦସ୍ୟଙ୍କ ପାଇଁ ମୋଟ୍ ୧୧ହଜାର ଟିକଟ ବିକିବାକୁ ଓସିଏ ସ୍ଥିର କରିଛି। ପରେ ଅବଶିଷ୍ଟ ୧୦ହଜାର ଟିକଟ କାଉଣ୍ଟରକୁ ଚାଲିଯିବ। ଚଳିତଥର ୫ଟି କାଉଣ୍ଟର ଖୋଲିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ତନ୍ମଧ୍ୟରୁ ୨ଟି କାଉଣ୍ଟର କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ଅଫଲାଇନ୍ ଟିକଟ ବିକ୍ରି ନିମନ୍ତେ ୫ ଏବଂ ୬ ତାରିଖ ଧାର୍ଯ୍ୟ ହୋଇଛି। ଟିକଟ ବିକ୍ରି ପାଇଁ ଦୁଇଟି କନଟେନର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ବାରବାଟୀରେ ହାଇସ୍କୋରିଂ ହେବ ବୋଲି ଆଶା ରହିଛି। ଗତ ୨୦ଦିନ ହେବ ପିଚ୍ ଏବଂ ଆଉଟଫିଲ୍ଡରେ କାମ ଚାଲିଥିବା ବେଳେ ପିଚ୍‌ର ଚୂଡ଼ାନ୍ତ ପ୍ରସ୍ତୁତି ମଙ୍ଗଳବାରଠାରୁ ଆରମ୍ଭ କରାଯିବ ବୋଲି ଓସିଏ ପକ୍ଷରୁ ଜଣାପଡ଼ିଛି।

## ଡିଜିଟାଲ ଆରେଷ୍ଟ...

ଅଧିକାରୀଙ୍କୁ ଜେରା ଏବଂ ଫୋନ ତଥ୍ୟ ହାସଲ, ବ୍ୟାଙ୍କ ଆକାଉଣ୍ଟ ଜବତ କରିବାକୁ ଅଧିକାର ପ୍ରଦାନ କରିଛନ୍ତି ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ।

ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ ଯେ ଡିଜିଟାଲ ଆରେଷ୍ଟରେ ଠକ ନିଜକୁ ପୁଲିସ, କୋର୍ଟ କିମ୍ବା ସରକାରୀ ଏଜେନ୍ସିର ଅଧିକାରୀ କହି ଭିଡିଓ/ଅଡିଓ କଲ୍ ମାଧ୍ୟମରେ ପୀଡ଼ିତଙ୍କୁ, ବିଶେଷ କରି ବରିଷ୍ଠ ନାଗରିକଙ୍କୁ ଧମକ ଦେଉଛନ୍ତି। ସେମାନଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟ ଆର୍‌ବିଆଇକୁ ମଧ ନୋଟିସ ଜାରି କରିଛନ୍ତି। ସାଇବର ଠକେଇରେ ବ୍ୟବହୃତ ବ୍ୟାଙ୍କ ଖାତାକୁ ତୁରନ୍ତ ଟ୍ରାକ୍ ଏବଂ ଜବତ କରିବାକୁ ଏଆଇ କିମ୍ବା ମେସିନ ଲର୍ଣ୍ଣିଂ ଜ୍ଞାନକୌଶଳର କାହିଁକି ବ୍ୟବହାର କରାଯାଉ ନାହିଁ ବୋଲି ପଚାରିଛନ୍ତି। ସେହିପରି ଆଇଟି ଇଣ୍ଟରମିଡିଆରିଜ ଆଇନ ଅଧିନରେ ସିବିଆଇକୁ ଆବଶ୍ୟକୀୟ ସହଯୋଗ ଏବଂ ତଥ୍ୟ ଦେବାକୁ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦେଶରେ ଥିବା ସାଇବର ଅପରାଧୀଙ୍କ ପାଖରେ ପହଞ୍ଚିବାକୁ ଇଣ୍ଟରପୋଲର ସହାୟତା ନେବା ପାଇଁ ସିବିଆଇକୁ କହିଛନ୍ତି।

ଟେଲିକମ ବିଭାଗ ଏବଂ ରାଜ୍ୟମାନଙ୍କୁ ମଧ ସର୍ବୋଚ୍ଚ ନ୍ୟାୟାଳୟ କିଛି ନିର୍ଦ୍ଦେଶ ଜାରି କରିଛନ୍ତି। ଏକ ବ୍ୟକ୍ତି କିମ୍ବା ସଂସ୍ଥାକୁ ଏକାଧିକ ସିମ୍ ଜାରି ନକରିବା ପାଇଁ କହିଛନ୍ତି। କାରଣ ସାଇବର ଅପରାଧରେ ଏଗୁଡ଼ିକର ବହୁଳ ବ୍ୟବହାର କରାଯାଉଛି। ସାଇବର ଠକେଇର ମୁକାବିଲା ପାଇଁ କି ଯୋଜନା କରିଛ ତାହାର ଜବାବ ଦେବାକୁ କୋର୍ଟ ଟେଲିକମ ବିଭାଗକୁ କହିଛନ୍ତି। ଆଞ୍ଚଳିକ ଏବଂ ରାଜ୍ୟସ୍ତରରେ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର ପ୍ରତିଷ୍ଠା ପାଇଁ ରାଜ୍ୟଗୁଡ଼ିକୁ କହିଛନ୍ତି। ଏହା ଦ୍ୱାରା ସିବିଆଇ ଏବଂ ପୁଲିସ ମଧ୍ୟରେ ଉତ୍ତମ ସହଯୋଗ ରହିବ। ଏହି ତଦନ୍ତରେ ସହାୟତା ପାଇଁ ରାଜ୍ୟଗୁଡ଼ିକରୁ ଅଧିକାରୀ ଚୟନ ଲାଗି ମଧ କୋର୍ଟ ସିବିଆଇକୁ ସ୍ୱାଧୀନତା ଦେଇଛନ୍ତି।

## ୭ ମାସରେ...

ବରିଷ୍ଠ ବିଧାୟକ ପ୍ରତାପ କେଶରୀ ଦେବ। ସେ କହିଥିଲେ ଯେ ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଅକ୍ଟୋବର ଶେଷ ସୁଦ୍ଧା ମାତ୍ର ୩୯ ପ୍ରତିଶତ ବଜେଟ ଅର୍ଥ ବ୍ୟୟ ହୋଇଛି। ଏଥିରୁ ପ୍ରଶାସନିକ ବ୍ୟୟ ୪୪ ପ୍ରତିଶତ ଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ୩୬ ପ୍ରତିଶତ। ଅକ୍ଟୋବର ଶେଷ ସୁଦ୍ଧା କ୍ରୀଡ଼ା ବିଭାଗ ମାତ୍ର ୮.୮୩ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଥିବା ବେଳେ ଯୋଜନା ଓ ସଂଯୋଜନ ବିଭାଗ ୧୩.୨୮ ପ୍ରତିଶତ, ପଞ୍ଚାୟତିରାଜ ବିଭାଗ ୨୩.୨୦ ପ୍ରତିଶତ, ଖଣି ବିଭାଗ ୧୬.୩୩ ପ୍ରତିଶତ, ଶକ୍ତି ବିଭାଗ ୨୮.୮୬ ପ୍ରତିଶତ, ବିପର୍ଯ୍ୟୟ ପରିଚାଳନା ୧୧.୮୭ ପ୍ରତିଶତ, ଏମଏସଏମଇ ବିଭାଗ ମାତ୍ର ୧୭.୫୩ ପ୍ରତିଶତ ବଜେଟ ଅର୍ଥ ବ୍ୟୟ କରିଛନ୍ତି। ହାତରେ ଆଉ ମାତ୍ର ୪ ମାସ ସମୟ ବାକି ରହିଛି। ଏପରିସ୍ଥଳେ ବଜେଟ ଅର୍ଥ କିପରି ବ୍ୟୟ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଏପରିକି ଗଣଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳସମ୍ପଦ , ପଞ୍ଚାୟତିରାଜ ବିଭାଗରେ ବିଭିନ୍ନ୍ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏଥିରେ କମ୍ ଅର୍ଥ ବ୍ୟୟ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ। ସେହିପରି କେନ୍ଦ୍ରୀୟ ଅନୁଦାନ ଉପରେ ରାଜ୍ୟ ସରକାର ବଜେଟ ବ୍ୟୟ ଅଟକଳ କରିଥିଲେ। ୪୧ ହଜାର କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ପାଇବେ ବୋଲି ରାଜ୍ୟ ସରକାର ଆକଳନ କରିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ୭ ହଜାର ୬୧୩ କୋଟି ଟଙ୍କା ପାଇଛନ୍ତି। ମାତ୍ର ୧୮ ପ୍ରତିଶତ ପାଇଛନ୍ତି। ଅବଶିଷ୍ଟ ୪ ମାସରେ କେନ୍ଦ୍ର ସବୁ ଟଙ୍କା କେନ୍ଦ୍ର ସରକାର ଦେବେ ତ। ଏହାଦ୍ୱାରା ରାଜ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମ କାଡାମ କହିଥିଲେ ଯେ ବିଭିନ୍ନ ବିଭାଗରେ ବଜେଟ ବ୍ୟୟ ଅତ୍ୟନ୍ତ ନୈରାଶ୍ୟଜନକ । ବଜେଟ ଅର୍ଥ ଖର୍ଚ୍ଚ ନହେଲେ, ଲୋକଙ୍କ ବିକାଶ ହୋଇପାରିବ ନାହିଁ। ଏ କ୍ଷେତ୍ରରେ ସରକାରଙ୍କର ଆନ୍ତରିକତାର ଅଭାବ ରହିଛି। ଆଉ ୨-୩ ମାସ ମଧ୍ୟରେ ଶତ ପ୍ରତିଶତ ବ୍ୟୟ କରିବା ପାଇଁ କେଉଁ ପଦକ୍ଷେପ ନେବେ ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ବିଧାୟକ ନିରଞ୍ଜନ ପୂଜାରୀ ଗତବର୍ଷ କେତେ ବଜେଟ ସରେଣ୍ଡର ହୋଇଥିଲା ଏବଂ ଚଳିତ ବର୍ଷ କେତେ ହେବା ନେଇ ସରକାର ଅନୁମାନ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ।

## ଅର୍ଥନୈତିକ ଅବରୋଧ...

ଅନ୍ୟପଟେ ଜୟନ୍ତପୁର ଛକ ପର୍ଯ୍ୟନ୍ତ ଭାରୀଯାନର ଲମ୍ବାଲାଇନ ଲାଗିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ବାରମ୍ବାର ଅଧିକାରୀମାନେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସନ୍ଧ୍ୟା ୭ଟାରେ ପ୍ରଶାସନିକ ଅଧିକାରୀ ମଙ୍ଗଳବାର ଧାନକ୍ରୟ ସ୍ୱାଭାବିକ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ସମ୍ବଲପୁର ଜିଲ୍ଲାରେ ଧାନ ସଂଗ୍ରହରେ ଚଳିତବର୍ଷ ବ୍ୟାପକ ଅବ୍ୟବସ୍ଥା ହୋଇଛି। ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି(ଡିଏଲ୍‌ପିସି) ବୈଠକରେ ସମ୍ବଲପୁର ଜିଲ୍ଲାରେ ନଭେମ୍ବର ୨୮ ତାରିଖରୁ ଧାନ ସଂଗ୍ରହ ତାରିଖ ଧାର୍ଯ୍ୟ ହୋଇଥିଲା। ସେହିଦିନ ଟୋକନ ପାଇଥିବା ଚାଷୀ ବରେଇପାଲି ମାର୍କେଟ୍ ୟାର୍ଡକୁ ଶହଶହ କ୍ୱିଣ୍ଟାଲ ଧାନ ନେଇଥିଲେ। ବରେଇପାଲିସ୍ଥିତ ନିୟନ୍ତ୍ରିତ ବଜାର କମିଟିଠାରେ ଜିଲ୍ଲା ପ୍ରଶାସନ, ଚାଷୀ ଓ ମିଲର୍‌ମାନଙ୍କ ମଧ୍ୟରେ ପ୍ରାୟ ୫ଘଣ୍ଟା ଧରି ଆଲୋଚନାର କିଛି ନିଷ୍କର୍ଷ ବାହାରି ନଥିଲା। ମିଲର୍ ୭ ଦଫା ଦାବି ପୂରଣ ନହେଲେ ଧାନ ନେବନି ବୋଲି ନଛୋଡ଼ବନ୍ଧା ଥିବା ବେଳେ ଚାଷୀମାନେ ଧାନ ଫେରାଇ ନେବେନି ବୋଲି ଜିଦ୍ ଧରିଲେ। ସଦର ଉପଜିଲ୍ଲାପାଳ ଶନିବାର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶନିବାର ସକାଳେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ସମବାୟ ସମିତି ସମୂହ ଉପନିବନ୍ଧକଙ୍କ ଉପସ୍ଥିତିରେ ମାର୍କେଟ୍ ୟାର୍ଡରୁ ଧାନ ମିଲ୍‌କୁ ଧାନ ପଠାଗଲା। କିନ୍ତ ସନ୍ଧ୍ୟା ପର୍ଯ୍ୟନ୍ତ ମିଲ୍‌ଗୁଡ଼ିକର ଫାଟକ ଖୋଲାଗଲା ନାହିଁ। ଏନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ପ୍ରଶାସନିକ ଚାପରେ ମିଲ୍‌ର ଫାଟକ ଖୋଲି ଧାନ ସଂଗ୍ରହ କରିଥିଲା। ଧାନକୁ ଓଜନ କରି ସ୍ଲିପ ଦେଇଥିଲା। କିନ୍ତୁ ସ୍ଲିପ୍‌ରେ କେବଳ ଧାନର ଓଜନ ରହିଛି, ଏହାର ମୂଲ୍ୟ ନାହିଁ। ମିଲ୍ ଓ ଯୋଗାଣ ବିଭାଗ ମଧ୍ୟରେ ଏଗ୍ରିମେଣ୍ଟ କରାହୋଇନି। ଏହି ଧାନ ମିଲ୍‌ରେ ଗଚ୍ଛିତ ରହିବ। ଚାଷୀକୁ ତା'ର ପ୍ରାପ୍ୟ ମିଳିବ ନାହିଁ। ଏହାକୁ ନେଇ ଆଜି ଚାଷୀମାନେ ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୩ ଓ ୫୫ର ସଂଯୋଗସ୍ଥଳୀ ତୁମ୍ବେସିଂହା ଛକଠାରେ ଅର୍ଥନୈତିକ ଅବରୋଧ କରିଥିଲେ। ଏଥିରେ ପରମାଣପୁର, ସେରସୁଆଁତଲ, କୁକୁଡ଼ାପାଲି, ତବଲା, ଧମା, ହୁମା, ଗୁଣ୍ଡେରପୁର, ମାନେଶ୍ୱର, ସାହାସପୁର, ଚାଉଁରପୁର ଆଦି ବିଭିନ୍ନ ମଣ୍ଡି ଗୁଡ଼ିକର ଚାଷୀମାନେ ଏହି ରାସ୍ତାରୋକରେ ସାମିଲ ହୋଇଥିଲେ। ବିକ୍ଷୋଭରତ ଚାଷୀମାନେ କେବଳ ମାଲବାହୀ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ଆନ୍ଦୋଳନ ସ୍ଥଳରେ ଅତିରିକ୍ତ ଏସ୍‌ପି, ଏସଡିପିଓ ଓ ବିଭିନ୍ନ ଥାନାର ଥାନାଧିକାରୀ ସମେତ ପୁଲିସ ଫୋର୍ସ ମୁତୟନ ଥିଲେ। ଅନ୍ୟପକ୍ଷରେ ଯୋଗାଣ ବିଭାଗର ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଆସନ୍ତାକାଲିଠାରୁ ଅନ୍‌ଲାଇନରେ ଟୋକନ, ପି-ପାସ, ମିଲର୍ ଟାର୍ଗେଟ୍, ଆଇ-ସ୍କାନିଂ ଆଦି କରି ଧାନ ସଂଗ୍ରହ ହେବ ବୋଲି ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେଇଛି। କାଲିଠୁ ଠିକ୍ ଭାବେ ଧାନ କିଣା ହେବ ବୋଲି ଆଶା ଅଛି। କିନ୍ତୁ, ପ୍ରାୟ ୧୯ ହଜାର ଚାଷୀଙ୍କ ଟୋକନ୍ ଆସି ନାହିଁ। ଯେଉଁ ୫୪ହଜାର ଚାଷୀଙ୍କ ଟୋକନ୍ ଆସିଛି, ସେମାନଙ୍କ କେବଳ ୭୫ କ୍ୱିଣ୍ଟାଲ ବିକ୍ରୟ ପାଇଁ ଆସିଛି, ବାକି ଧାନ ଚାଷୀ କ'ଣ କରିବ? ସାମଗ୍ରିକ ଭାବେ ଧାନ କିଣାବିକା ସ୍ୱାଭାବିକ ହୋଇପାରିନାହିଁ। ଜିଲ୍ଲା କୃଷକ ସଂଗଠନ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଆସନ୍ତାକାଲିଠାରୁ ଧାନ କିଣାବିକା ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ଆଗକୁ ଖରିଫ ଧାନ କିଣାବିକାରେ କୌଣସି ସମସ୍ୟା ହେବ ନାହିଁ ବୋଲି ଆଶା କରୁଛୁ।

## ଭୁବନେଶ୍ୱର ଏମ୍ସକୁ...

ଭାରତୀ ମିଶ୍ର ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ସ୍ୱାସ୍ଥ୍ୟସେବା ପ୍ରତି ଗୁରୁଙ୍କ ବଦାନ୍ୟତା ଦେଖି ଅଞ୍ଚଳବାସୀ, ଛାତ୍ରୀ ଖୁସି ହେବା ସହ ତାଙ୍କ ଆଦର୍ଶ ଅନେକଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ୧୯୨୬ ମସିହା ଡିସେମ୍ବର ୫ ତାରିଖରେ ଡା. ଲକ୍ଷ୍ମୀ ବାଇଙ୍କ ଜନ୍ମ। ୧୯୪୫ରୁ ୧୯୫୦ ମସିହା ମଧ୍ୟରେ ସେ କଟକ ଏସସିବି ମେଡିକାଲ କଲେଜରେ ଏମବିବିଏସ ପଢ଼ିବା ପରେ ୧୯୫୮ରେ ମାଡ୍ରାସ୍ ମେଡିକାଲ କଲେଜ ଡିଜିଓ ଆଣ୍ଡ ଏମ୍‌ଡି ଇନ୍ 'ଓଏସଜି' ପାଠ ପଢ଼ିଥିଲେ। ୧୯୫୦ ମସିହାରେ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲରୁ ଚାକରି ଜୀବନ ଆରମ୍ଭ କରି ୧୯୮୬ ମସିହାରେ ଏମ୍‌କେସିଜିରେ ଅବସର ନେଇଥିଲେ। ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ଭାରତଜ୍ୟୋତି ଆୱାର୍ଡ, ଇଣ୍ଟରନ୍ୟାସ୍‌ନାଲ ଫ୍ରେଣ୍ଡସିପ୍ ସୋସାଇଟି ଆୱାର୍ଡ ଏବଂ ବେଷ୍ଟ ସିଟିଜେନ୍ ଅଫ୍ ଇଣ୍ଡିଆ ଆୱାର୍ଡ ଭଳି ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି।


**ପୂର୍ବ ତଟ ରେଳପଥ**

ଶୁଦ୍ଧିପତ୍ର ନଂ.01
ଟେଣ୍ଡର ବିଜ୍ଞପ୍ତି ନଂ. EPC-CECONIII BBS2025031, ତା.14.08.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ନଂ. ସନ୍ଦର୍ଭରେ ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ ରୂପାନ୍ତରଣ କରାଯାଇଛି।

| ପ୍ରକାଶିତ ଅନୁଯାୟୀ | ପଢ଼ାଯିବା ଆବଶ୍ୟକ |
|---|---|
| 11.12.2025, 1200 ଘଣ୍ଟା | 27.01.2026, 1200 ଘଣ୍ଟା |

ବିସ୍ତୃତ ବିବରଣୀ ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-172/CI/25-26

**AFFIDAVIT**

By virtue of an affidavit before the Notary Public, Sonepur, dtd.01.12.2025. I, Priyanka Kaanr, resident of Bhajabajpur, PO-Dharmasala, PS-Birmaharajpur, Dist-Subarnapur, Odisha, PIN-767062, do hereby declare that my I have changed my name from Priyanka Kaanr to Priyankarani Kaanr. Henceforth I shall be known as Priyankarani Kaanr for all purposes.

Sd/- Priyankarani Kaanr

**AFFIDAVIT**

I, Praduymnya Rout, S/o- Dolagobinda Rout, resident of At-Balabhadrapur, Cuttack sadar, Cuttack, Dist-Cuttack, PIN-753012, Odisha declared by this affidavit No-982, dtd-01/12/2025 that now onwards I shall be known as PRADYUMNA ROUT for all future purposes.

**AFFIDAVIT**

I, Droupadi Agrawal, aged about 59 years, W/o- Binod Kumar Agrawal, resident of Ward No-8, Rajapada, Khariar, Po-Khariar, Ps- Khariar, Dist-Nuapada, Odisha, Pin-766107 declare by this affidavit No. 2421, dtd-30/11/2025, that now onwards I shall be known as DROPTI DEVI AGRAWAL for all future purposes.

**AFFIDAVIT**

I, Anusmita Sahoo, D/o Seshadev Sahu, W/o- Debabrata Sahu, resident of AT/PO- Ekatara, PS- M Rampur, Dist- Kalahandi, PIN- 766102, Odisha, present resident of AT/PO-Titilagarh, Dist- Balangir, PIN- 767033, Odisha declared by this affidavit No. 72AA 949067, date-12/11/2025 that now onwards I shall be known as ANUSMITA SAHU for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, vide No - 46, dtd 01/12/2025. I, Barun Kumar Sahoo, At/Po/Ps - Tamando, Pin - 752054, Dist - Khordha, Odisha, declare that I have changed my name from Barun Sahoo to Barun Kumar Sahoo. Henceforth I shall be known as Barun Kumar Sahoo for all purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 19/11/2025. Affidavit No.-3398, I Keshav Kelu Sahoo, Address- Govindapur, Po.-Parichhal, Ps.- Begunia, Dist.- Khordha, Pin-752062 declare that, my Name from Keshav Chandra Sahu to Keshav Kelu Sahoo. Henceforth, I shall be known as Keshav Kelu Sahoo for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 25.11.2025 I, KEDARA SAHU, S/o - Late. Subash Chandra Sahoo, Residences of Bada Harijan Sahi, Nabarangpur, Po.- Nabarangpur, Ps.- Nabarangpur, Dist.- Nabarangpur, Odisha, Pin - 764059, declare that, I have changed the name of my Son from SOUMYA HARIJAN SAHU to ANSUMAN SAHU. Henceforth, he shall be known as ANSUMAN SAHU for all purposes.

Sd/- Kedara Sahu

**AFFIDAVIT**

By virtue of an affidavit sworn before the Executive Magistrate, Sohela, vide no. 02, dated 20.11.2025 I, Kalachand Bhue, S/o - Sujan Bhue, R/o Village/ P.O.- Chhuriapali, Ps.- Sohela, Dist.- Bargarh, declare that, I have changed the name of my minor Son from ROHIT BHUE to PRITAM BHUE. Henceforth, he shall be known as PRITAM BHUE for all purposes.

Sd/- Kalachand Bhue

**NOTICE**

By virtue of an affidavit sworn before Executive Magistrate, Puri, Dated 27.11.2025, I, Susanta Sahoo, S/o- Rajkishore Sahoo, At-Tridev Nagar, Markandeswar Sahi, Puri, Po-Puri, Ps- Baseli sahi, Dist- Puri, Pin- 752001, Odisha declare that I have changed my name from Susanta Kumar Sahoo to Susanta Sahoo. Henceforth, I shall be known as Susanta Sahoo for all purposes.

(Susanta Sahoo)

**AFFIDAVIT**

I Santosh Giri s/o- Krushna Prasad Giri - , resident of village - Sialia, Po-Pasarbindha Ps- Bhograi, Dist- Balasore, Odisha, declared by affidavit before Executive Magistrate , Bhograi No.6008/1.12. 2025, that my minor son's former name Aush Giri has changed to Ayush Giri form the date.Hence my son name shall be known as Ayush Giri for all future purpose.

**AFFIDAVIT**

I, Susmita Rout, W/o- Pradyumna Rout, resident of At-Balabhadrapur,Chhatra Bazar, Cuttack sadar, A D Market, Cuttack, Dist-Cuttack, PIN-753012, Odisha declared by this affidavit No-983, dtd-01/12/2025 that now onwards I shall be known as SUSHMITA ROUT for all future purposes.

**NOTICE FOR CANCELLATION OF TENDER** A-1026

Office of The Executive Engineer
Muran Dam Division
Upper Indravati Dam Circle, Khatiguda
Dist.: Nabarangpur-764085
Date: 28.11.2025

It is hereby informed to the public and all concerned that the Tender invited vide Tender Call Notice No. EEMDD-03/2025-26, Dated: 06.11.2025 for the work "Deployment of one light Commercial Vehicle (Bolero/TUV-300 / SUMO Gold/ Ertiga) on hire basis to be engaged for official use of the Executive Engineer, Muran Dam Division, UIDC, Khatiguda for one year/12 calendar months." has been cancelled.

The tender has been cancelled due to non-qualification of any bidder in the Techno-Commercial evaluation stage, resulting in no bidder is qualified for further proceedings.

OIPR-32230/11/0006/2526
Executive Engineer
Muran Dam Division

 କୃଷି ମହାବିଦ୍ୟାଳୟ, ଭବାନୀପାଟଣା (ଓୟୁଏଟି) KK-286
**COLLEGE OF AGRICULTURE, BHAWANIPATNA**
*(Odisha University of Agriculture & Technology)*
Arkabahali Farm, Raipur Road, Bhawanipatna – 766001, Odisha
Email: deancab@ouat.ac.in

**HIRING OF VEHICLE**
**TENDER NOTICE No- 01/2025-26**

Sealed Quotation/Tender in the prescribed proforma are invited from interested reputed Travel agencies/Tour Operators/Private individuals for providing one number of AC Petrol/Diesel (**TUV-300, BOLERO, SUMO GOLD, ERTIGA** etc.) driven vehicles having sitting capacity not less than 07 including driver on monthly hire rent basis for official use of OUAT, as and when required. The vehicle should not be more than **3 (three) years old** from the date of initial registration and should be in a good running condition. The detail Terms and Conditions along with the Forms for hiring of the vehicle is available in the office of the undersigned on any working day during office hour on payment of tender paper cost amounting **Rs. 2000/- (Rupees two thousand)** (Non-refundable) from **08.12.2025 to 07.01.2026 up to 5.00 P.M.** or can be downloaded from official website www.ouat.ac.in. If tender papers are downloaded from website, the bid should be submitted with the tender paper cost amounting **Rs. 2000/- in shape of DD in favour of Dean, College of Agriculture, Bhawanipatna (Non-refundable).** The tender paper duly filled in (complete in all respect) and accompanied with the **Earnest Money Deposit (EMD) of Rs. 13,400/- (Rupees thirteen thousand four hundred only)** in shape of NSC/KVP/POTD/TDR (duly pledged in favour of the Dean, College of Agriculture, payable at Bhawanipatna) and proof of tender paper cost (money receipt/DD in favour of Dean, College of Agriculture, Bhawanipatna) should reach the undersigned on or before **Dt. 07.01.2026 by 5.00 P.M.** through registered post/speed post and shall be opened on the next day i.e. on **Dt. 08.01.2026 at 4.00 P.M.** in presence of the bidders or their authorized representatives. The EMD of unsuccessful bidders will be refunded on completion of tender process.

OIPR-01575/11/0003/2526
Sd/- Dean,
College of Agriculture, Bhawanipatna.

RAIN, SUN AND FIREPROOF
KONARK IS THE RIGHT ROOF
USE
KONARK
Right at the top
KONARK AC SHEETS & ACCESSORIES

**UAL - ODISHA**
**(PROP. : UAL INDUSTRIES LTD.)**
**(AN ISO 9001, 14001 & 45001 CERTIFIED COMPANY)**

**ODISHA WORKS**
At/P.o. Korian, Dist. Dhenkanal-759013 (Odisha)
Mobile : 9437021312, 9437960758
E-mail : brmohanty@ualind.com

**BENGAL WORKS**
**UAL - BENGAL**
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com

**U.P. WORK**
**UAL - UTTAR PRADESH**
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com

*WHILE SOME PERSUE FOR EXCELLENCE*
*WE ARE BORN TO EXCELL.*

**ପୌର ପରିଷଦ, ଖୋରଧା** C-1584

ଦୈନିକ ଓଡ଼ିଆ ଖବର କାଗଜ "ସକାଳ"ର ପ୍ରତିଟି ଖବର ଖୋରଧା ତଥା ଓଡ଼ିଶାର ଜନସାଧାରଣଙ୍କ ନିକଟରେ ବେଶ୍ ପ୍ରିୟଭାଜନ ହୋଇପାରିଛି । ୫ମ ବାର୍ଷିକ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଖୋରଧା ପୌର ପରିଷଦ ଓ ଜନସାଧାରଣଙ୍କ ତରଫରୁ ଏହାର ଉତ୍ତରୋତ୍ତର ଉନ୍ନତି ଓ ଦୀର୍ଘ ସଫଳତା କାମନା କରୁଅଛି ।

ରିଲ୍ୱାନା କଅକବ୍, (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା
OIPR-

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**ପୌରପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ,**

ପଟ୍ଟାମୁଣ୍ଡାଇ ପୌର ପରିଷଦ ତାହାର ଅଗଣିତ ଟିକସ ଦାତା, ପୌରବାସୀ, ବ୍ୟବସାୟୀ ଅନୁଷ୍ଠାନ ଓ ବୁଦ୍ଧିଜିବୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହଯୋଗ କାମନା କରୁଅଛି ।

ନିବେଦନ

01. ପୌର ପରିଷଦ ଅଞ୍ଚଳର ଜନ ସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
02. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ଓ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇ ନିଅନ୍ତୁ ।
03. ସହର ଓ ଆଭ୍ୟନ୍ତରିଣ ରାସ୍ତା ଗୁଡିକ ଉପରକୁ ଗୃହ ପାଳିତ ପଶୁମାନଙ୍କୁ ଅନଧିକାର ଭାବେ ଛାଡନ୍ତୁ ନାହିଁ ।
04. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ବ୍ୟବସାୟ ଲାଇସେନ୍ସ କରାଇ ନିଅନ୍ତୁ ।
05. ପତିତ ଜମି ଓ ରାସ୍ତା କଡରେ ବୃକ୍ଷ ରୋପଣ କରିବା କାର୍ଯ୍ୟରେ ନିଜକୁ ସାମିଲ କରି ପରିବେଶ ସୁରକ୍ଷାରେ ସହାୟକ ହୁଅନ୍ତୁ ।
06. ସରକାରୀ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବରଦଖଲ କରନ୍ତୁ ନାହିଁ ।
07. ପରିଷଦର ସମ୍ପତ୍ତି ସୁରକ୍ଷା କରିବା ଆପଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।
08. ସର୍ବସାଧାରଣ ରାସ୍ତା ଉପରେ ମଇଳା, ଆବର୍ଜନା ଜମା କରନ୍ତୁ ନାହିଁ କିମ୍ବା ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
09. ଡଷ୍ଟ ବିନକୁ ସୁଚାରୁ ରୂପେ ଘରେ ଏବଂ ମାର୍କେଟରେ ବ୍ୟବହାର କରନ୍ତୁ ।
10. ଭୂତଳ ଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷରୋପଣ କରନ୍ତୁ । ବର୍ଷା ଜଳ ସଂରକ୍ଷଣ ନିମନ୍ତେ ନିଜ ଗୃହରେ Rain Water Harvesting ଉପାୟ ଅବଲମ୍ବନ କରନ୍ତୁ।

ଆମର ଲକ୍ଷ୍ୟ:-

- ବେକାର ଯୁବକ ଓ ଯୁବତୀଙ୍କ ଥଇଥାନ ପାଇଁ ରାମ ମନ୍ଦିର ନିକଟରେ ମାର୍କେଟ୍ କମ୍ପ୍ଲେକ୍ସ ଚଳିତ ବର୍ଷ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଅଛି ।
- ପଟ୍ଟାମୁଣ୍ଡାଇ ତହସିଲ ପୋଖରୀର ପୁନଃଉଦ୍ଧାର ଓ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଚଳିତ ବର୍ଷ ପୂର୍ଣ୍ଣାଙ୍ଗ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।
- ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେଉଅଛି ।
- ୱାର୍ଡ ନଂ-08,12,13, ଓ 15 ଠାରେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ, ଓ.ଆର.ଏସ୍
ନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ
ଅଧ୍ୟକ୍ଷ
ଉପାଧ୍ୟକ୍ଷା ଓ ସମସ୍ତ ପାରିଷଦ ବୃନ୍ଦ

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ;କୁନ୍ତରା ଚାମ୍ପିଅନ

**କୁଚିଣ୍ଡା,୧।୧୨(ସମିସ):** ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ କେଛୁପାଣି ଠାରେ ମାଁ ସମଲେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପଞ୍ଚଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲରେ ସମଲେଶ୍ୱରୀ କ୍ରିକେଟ କ୍ଲବ କେଛୁପାଣିକୁ ପରାସ୍ତ କରି କୁନ୍ତରା ଦଳ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚକାପାଟ ସମିତି ସଭ୍ୟା ସୌଦାମିନୀ ନାଏକ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ କ୍ଷିରୋଦ ସା, ୱାର୍ଡ ସଭ୍ୟା ରାଜ କୁମାରୀ ସୁନାନୀ, ଅବସରପ୍ରାପ୍ତ ଯବାନ କନ୍ଦର୍ପ ବାଘ, ଭେଷଜ କୁମାର ମିଞ୍ଜ, ଜବାନ ବିଜୟ କୁମାର ବାଘ, ପୋଲିସ ଏଏସଆଇ ଲୁକେଶ୍ୱର ବାଘ, ଦେବେନ୍ଦ୍ର ବାଘ ଓ ଧନଞ୍ଜୟ ବାଘ ଯୋଗ ଦେଇଥିଲେ।

## କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଶ୍ୱ ଏଡ୍‌ସ ଦିବସ

**ନାକଟିଦେଉଳ,୧।୧୨(ସମିସ):** ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ଼କ୍ରସ ୟୁନିଟ୍ ଆନୁକୂଲ୍ୟରେ ବିଶ ୱଏଡସ୍ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନଙ୍କ ପରିଚାଳନା ଓ ଯୁବ ରେଡ଼କ୍ରସ ପରାମର୍ଶଦାତା ଅଧ୍ୟାପକ ସରୋଜ କୁମାର ଭୁଏଙ୍କ ସଂଯୋଜନାରେ କର୍ମଶାଳାରେ ଅଧ୍ୟାପକ ସଂଜୀବ ଦାଶ, ଅଧ୍ୟାପିକା ବିନୀତା ମୁର୍ମୁ ଓ ଜିତେନ୍ଦ୍ର କୁମାର ପଣ୍ଡା ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇଥିଲେ। ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସଚେତନତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଚିତ୍ରାଙ୍କନ, ସଙ୍ଗୀତ, ପ୍ରବନ୍ଧ, ଡିବେଟ ଓ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେହିପରି କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ଼କ୍ରସ୍ ୟୁନିଟ୍ ଆନୁକୂଲ୍ୟରେ ଏଡସ୍ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ସୁଶ୍ରୀତା ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ସଚେତନତା କର୍ମଶାଳାରେ ଯୁବ ରେଡ଼କ୍ରସ୍ ୟୁନିଟ୍ ଛାତ୍ରୀ ବିଭାଗର ପରାମର୍ଶଦାତା ଅଧ୍ୟାପିକା ସୁଶ୍ରୀ ସ୍ୱାଗତିକା ମୁଦୁଲି ଓ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ କୌଶିକ ପ୍ରଧାନ ସମ୍ମାନିତ ବକ୍ତା ଭାବରେ ଯୋଗଦେଇ ଏଡସ୍ ରୋଗର ଆବଶ୍ୟକତା ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। କିସିଣ୍ଡା ଏଚ୍‌ଏସ୍‌ଏସ୍ ରେଡ଼କ୍ରସ ବାଳକ ବିଭାଗର ପରାମର୍ଶଦାତା ଖେଳ ଶିକ୍ଷକ ସୁରେଶ ଚନ୍ଦ୍ର ପାତ୍ର ସଂଯମ, ସଂସ୍କାର ଓ ସତର୍କତା ବିଷୟରେ ଆଲୋକପାତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ୨ ଆହତ

**କୁଚିଣ୍ଡା,୧।୧୨(ସମିସ):** ବାମରା କୁଚିଣ୍ଡା ମୁଖ୍ୟରାସ୍ତା ରଙ୍ଗିଆଟିକ୍ରା ଢ଼ାବା ନିକଟରେ ବାଇକ୍ ଦୁର୍ଘଟଣାରେ ୨ ଜଣ ଯୁବକ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ରେଙ୍ଗାପଡ଼ା ଗ୍ରାମର ୨ ଜଣ ଯୁବକ ବାଇକ୍ ଯୋଗେ ଘୁନଘୁଟି ପଟକୁ ଯାଉଥିବା ବେଳେ ରଙ୍ଗିଆଟିକ୍ରା ଢ଼ାବା ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ଉଭୟ ଯୁବକ ଗୁରୁତର ହୋଇଥିବା ବେଳେ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆହତ ଯୁବକମାନେ ରେଙ୍ଗାପଡ଼ା ର ସିମନ୍ ଭେଙ୍ଗରା ଓ ରାଜେଶ ଟିଡୁ ବୋଲି ପରିଚୟ ମିଳିଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

## ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଦାବିପତ୍ର

**ରେଢ଼ାଖୋଲ,୧।୧୨(ସମିସ):** ରେଢ଼ାଖୋଲ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ସୋମବାର ବିଭିନ୍ନ ପ୍ରକାର ଦାବିକୁ ନେଇ ରେଢ଼ାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜିତ ଭୋଇଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ମୂଳପଦବୀକୁ ଅପଗ୍ରେଡ଼ କରି ଲେଭେଲ ୯ ଅନୁଯାୟୀ ମୂଳବେତନ ୩୫ହଜାର ୪ ଶହ ଟଙ୍କା ପ୍ରଦାନ କରାଯାଉ। ଠିକା ବ୍ୟବସ୍ଥା ଉଚ୍ଛେଦ କରି ୨୦୦୧ରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠିକା କାର୍ଯ୍ୟକାଳକୁ ମୂଳଚାକିରି ସହିତ ଗଣନା କରି ନୋସନାଲ ଇଂକ୍ରିମେଣ୍ଟ ପ୍ରଦାନ କରାଯାଉ। ଦାବି ଗୁଡିକ ପୂରଣ ନ ହେଲେ ଆସନ୍ତା ୫ ତାରିଖରୁ ଦାବି ପୂରଣ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ୧ ଲକ୍ଷ ୫୦ ହଜାର ଶିକ୍ଷକଙ୍କ ସହିତ ରେଢ଼ାଖୋଲ ବ୍ଲକ୍‌ର ପ୍ରାୟ ୨୧୪ ଜଣ ଏନପିଏସ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ ଦେବେ। ରେଢ଼ାଖୋଲ ଶିକ୍ଷକ ସଂଘର ଉପସଭାପତି ହୃଷିକେଶ ବନଛୋର, ସମ୍ପାଦକ ଖଗେଶ୍ୱର ପ୍ରଧାନ, ସହସମ୍ପାଦକ ଅନିଲ ମେହେର ଏବଂ ଉପଦେଷ୍ଟା ମନରଞ୍ଜନ ପାଣିଗ୍ରାହୀ, ସୁଜିତ ଭୋଇ, ପ୍ରହଲ୍ଲାଦ ମୁଣ୍ଡା ପ୍ରମୁଖ ସମେତ ଅନ୍ୟ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସାମିଲ ଥିଲେ।

# ‘ଚାଷୀଙ୍କ ଜୀବନ ଜୀବିକାକୁ ନେଇ ରାଜନୀତି ନ ହେଉ’

ବରଗଡ଼,୧।୧୨(ସମିସ)



ଚାଷୀଙ୍କ ଜୀବନ ଜୀବିକାକୁ ନେଇ ରାଜନୀତି କରା ନ ଯାଉ ବୋଲି ସଂଯୁକ୍ତ କୃଷକ ସଂଗଠନ ବରଗଡ଼ ପକ୍ଷରୁ ମନ୍ତବ୍ୟ ପ୍ରକାଶ ପାଇଛି। ସୋମବାର କଳାପାଣି ମାର୍କେଟ ୟାର୍ଡରେ ଧାନ ବିକ୍ରି ପ୍ରସଙ୍ଗରେ ଆଲୋଚନା ପାଇଁ ବୈଠକ ବସିଥିଲା। ରାଜ୍ୟରେ ୪ ଦିନ ହେବ ମଣ୍ଡି ଖୋଲିଛି। ହେଲେ ଧାନ କିଣା ହୋଇପାରି ନାହିଁ। ରାଜ୍ୟ ସରକାରଙ୍କ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଧାନ କିଣା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି, ଏପରିକି ଚାଷୀଙ୍କ ପାଇଁ ପାଣି, ଖାଦ୍ୟ ଏବଂ ବସିବା ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି ବୋଲି କହିବା ସହ ରାଇସ ମିଲର ଧାନ ଉଠାଇବାରେ କୌଣସି ବ୍ୟତିକ୍ରମ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ମଣ୍ଡିମାନଙ୍କରେ କୌଣସି ବ୍ୟବସ୍ଥା ନ ଥିବା ଚାଷୀ ସଂଗଠନ ଅଭିଯୋଗ କରିଛି। ସେଥିପାଇଁ ୫ ଦଫା ଦାବି ଉପସ୍ଥାପନ କରିଛି। ସମସ୍ୟା ସମାଧାନ ନହେଲେ ଆଗକୁ ଜୋର୍‌ଦାର ଆନ୍ଦୋଳନର ଚେତାବନୀ ସଂଗଠନ ଦେଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଉପ ଜିଲ୍ଲାପାଳ ମଦନଲାଲ ପଣ୍ଡା ଏବଂ ବ୍ୟାମାକେଶ ମାଝୀ ଆସି ସନ୍ଧ୍ୟା ୬ଟା ସୁଦ୍ଧା ସମସ୍ତ ଅସୁବିଧାର ସମାଧାନ କରି ଧାନ କିଣା ଆରମ୍ଭ କରିବାକୁ କହିବା ପରେ ମଣ୍ଡିରେ ଚାଷୀ ବସି ରହିଛନ୍ତି। ଚାଷୀଙ୍କ ଦାବି ଗୁଡ଼ିକ - ସମସ୍ତ ଚାଷୀଙ୍କୁ ଟୋକନ ଦେବା ସହ ସେମାନଙ୍କ ସମସ୍ତ ଧାନ କିଣିବା ବ୍ୟବସ୍ଥା, ପଞ୍ଜୀକରଣରୁ ବାଦ ପଡିଥିବା ଚାଷୀଙ୍କ ପଞ୍ଜୀକରଣ, ଜମି ତୁଳନାରେ କମ ଧାନ ବିକ୍ରି ଅନୁମତିକୁ ସଂଶୋଧନ କରି ବଳକା ଧାନ କଟଣୀ ଛଟଣୀ କରା ନଯାଉ, ସରକାର ନିଜ ସଂସ୍ଥା ଜରିଆରେ ଧାନ ସଂଗ୍ରହ ଓ ଗଚ୍ଛିତ କରନ୍ତୁ, କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ ଏବଂ ରାଜ୍ୟ ସରକାରଙ୍କ ଇନପୁଟ ସହାୟତା ୮୦୦ ମିଶାଇ ୩୧୬୯ ଟଙ୍କା ପ୍ରଦାନ କରାଯାଉ, ମଣ୍ଡିରେ ଧାନ ପଡ଼ିବାର ୪୮ ଘଣ୍ଟାରେ ଧାନ କିଣା ଯାଉ, ଜିଲ୍ଲାରେ ଜାନୁଆରୀ ସୁଦ୍ଧା ସମସ୍ତ ଚାଷୀଙ୍କ ଧାନ କିଣା ହେବା ଆଦି ଉପସ୍ଥାପନ କରିଛନ୍ତି। ଏହି ସଭାରେ ରମେଶ ମହାପାତ୍ର, ଏକାଦସିଆ ସାହୁ, ସୁରେଶ ନିକେଣ୍ଟି, ତପନ ମିଶ୍ର, ଟେକରଜ ପଧାନ, ବିରେନ କର, ସୁରେଶ କର୍ଣ୍ଣ, ଆଦିତ୍ୟ ଦାସ, ସୁରେନ୍ଦ୍ର ମେହେର, ପ୍ରଶାନ୍ତ ସାହୁ, ବୁଦ୍ଧଦେବ ନନ୍ଦ, ଏମ ସତ୍ୟ ନାରାୟଣ, ଏସ ସମରାଜୁ, ସିଏସ ଶ୍ରୀନିବାସ, ଗଗନ ପଧାନ, ଅଶୋକ ସାହୁ ପ୍ରମୁଖଉପସ୍ଥିତ ଥିଲେ।

## ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଶୂନ ମୃତାହତ ପକ୍ଷ



**ବରଗଡ଼,୧।୧୨(ସମିସ):** ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଆର୍‌ଟିଓ ବରଗଡ଼ଙ୍କ ଆନୁକୂଲ୍ୟରେ ସଡକ ଦୁର୍ଘଟଣା ଜନିତ ଶୂନ ମୃତାହତ ପକ୍ଷ ପାଳିତ ହୋଇଯାଇଛି। ନଭେମ୍ବର ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପକ୍ଷ ପାଳନ ଅବସରରେ ବିଭିନ୍ନ ଦିବସରେ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ତିମ ଦିବସରେ ବରଗଡ଼ ଆର୍‌ଟିଓ ଇଂ ସାବୁଆ ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ର ବିଭିନ୍ନ ସାମାଜିକ ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମେତ ବୁଦ୍ଧିଜୀବୀ ସାମିଲ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ତରଣି ସୁନାଙ୍କ ସଂଯୋଜନାରେ ସଡକ ସୁରକ୍ଷା ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା। ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସମ୍ପାଦକ ଗୋବିନ୍ଦ ଦାଶ, କେଦାର ମିଶ୍ର, କୃଷ୍ଣ ଚନ୍ଦ୍ର ପଣ୍ଡା, ଟ୍ରକ ଆସୋସିଏସନ୍‌ରୁ ନିର୍ମଳ କର, ଧରିତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରୁ ଝରଣା ଦାସ ପ୍ରକୃତିବନ୍ଧୁ ଡ.ଡୋଳାମଣି ଶତପଥୀ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ତଥା ଶିକ୍ଷକ ଗୋପବନ୍ଧୁ ପୁରୋହିତ, ବସ ଆସୋସିଏସନ୍ ପକ୍ଷରୁ ସେଖ୍ ନିଜାମୁଦ୍ଦିନ୍, ଟୁଗେଦର୍ ଫର୍ ପ୍ଲେଜର ଗ୍ରୁପ ସଦସ୍ୟ ଅକ୍ଷୟ ଭୋଇ, ଭୁବନ ପ୍ରଧାନ, ଅଟୋରିକ୍ସା ସଂଘ ପକ୍ଷରୁ ସାରଥୀ ମେହେରଙ୍କ ସମେତ ନିଷ୍ଠା ପରିବାର, ସଙ୍କଳ୍ପ ପରିବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାସ୍ ପ୍ରମୁଖ ବିଭିନ୍ନ ସାମାଜିକ ସାଂସ୍କୃତିକ ସଂଗଠନର ସଦସ୍ୟ ବୃନ୍ଦ ଉପସ୍ଥିତ ରହି ସଡକ ଦୁର୍ଘଟଣା ଜନିତ ଶୂ ନ ମୃତାହତ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ ପାଣିଗ୍ରାହୀ, ସହକାରୀ ଆର୍‌ଟିଓ ବର୍ଷା ମୁଣ୍ଡା, ଏମଭିଆଇ ପ୍ରତାପକୁଲୁ, କନିଷ୍ଠ ଏମଭିଆଇ, ରାକେଶ ବେହେରା, ଶୁଭ ଦର୍ଶନି ଅରୁନ୍ଧତୀ, ଟ୍ରାଫିକ ଇନ୍ସପେକ୍ଟର ପ୍ରତାପ୍ ପଟ୍ଟନାୟକ, ସେକ୍ସନ ଅଫିସର ବିନୋଦ ଦାଶ, ଡିଆର୍‌ଏସସି ମେମ୍ବର ଯଶବୀର ସିଂ ସୈନି, ବିଜୟ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଗୋପପୁର ଜମି ଆବଣ୍ଟନକୁ ନେଇ ବୈଠକ

### ଜୀରା ନଦୀ ବଦଳରେ ଗୋରୁ ମାର୍କେଟରେ ହେବ ପଲ୍ଲୀଶ୍ରୀ ମେଳା

**ବରଗଡ଼,୧।୧୨(ସମିସ):** ଆସନ୍ତା ୭୮ ତମ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଉପଲକ୍ଷେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋପପୁର କମିଟି ଏବଂ ଜମି ଆବଣ୍ଟନ କମିଟିର ସଦସ୍ୟମାନଙ୍କ ସହ ଆଲୋଚନା ପରେ ଗତ ବର୍ଷ ପରି ଚଳିତ ବର୍ଷ ମଧ ଜମି ଆବଣ୍ଟନ କରାଯିବ। ଧନୁଯାତ୍ରା ମହୋତ୍ସବ ଦେଖି ଆସୁଥିବା ସମସ୍ତ ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ କରାଯିବ ବୋଲି ବିଧାୟକ କହିଥିଲେ। ଜୀରା ନଦୀରେ ହେଉଥିବା ପଲ୍ଲୀଶ୍ରୀ ମେଳାକୁ ଚଳିତ ବର୍ଷ ବରଗଡ଼ ସହର ମଧ୍ୟରେ ଥିବା ଗୋରୁ ମାର୍କେଟରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ଆସିଷ୍ଟାଣ୍ଟ କଲେକ୍ଟର ମଦନ ପଣ୍ଡା, ଜିଲ୍ଲା ଅବକାରୀ ଅଧୀକ୍ଷକ ସୁବର୍ଣ୍ଣ ନାୟକ, ଆଇନଜୀବୀ ଈଶ୍ୱର ବାଗ, ଦୟାନିଧି ପ୍ରଧାନ, ରଘୁ ପ୍ରଧାନ, ଶୁକଦେବ ମଲ୍ଲିକ, ରମନ୍ ବାଗ, ଗୁଲାପ ବାଗ, ଶେଷଦେବ ବିର୍ତିଆ, ଦଶରଥ ଅଗ୍ରୱାଲ ପ୍ରମୁଖ ଅମ୍ବାପାଲିର ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ।

## ବିଶିଷ୍ଟ ବ୍ୟବସାୟୀ ଚିଟି ବାବୁଙ୍କ ପରଲୋକ

**ବରଗଡ଼,୧।୧୨(ସମିସ):** ବରଗଡ଼ ଜିଲ୍ଲାର ଜଣେ ଲବ୍ଧ ପ୍ରତିଷ୍ଠିତ ବ୍ୟବସାୟୀ ତଥା ସମାଜସେବୀ ଦାସରି ବୀରା ଭେଙ୍କଟ ସତ୍ୟନାରାୟଣ ଓରଫ ଚିଟି ବାବୁଙ୍କ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ମାତ୍ର ୫୯ ବୟସରେ ପରଲୋକ ହୋଇଯାଇଛି। ତାଙ୍କର ଡାକ ନାମ ଚିଟି ବାବୁ, ଜନ୍ମସ୍ଥାନ ଆନ୍ଧ୍ର କେମ୍ପ ଛକ, ଖଣ୍ଡହଥା, ବରଗଡ଼। ପିଲାବେଳୁ ବାପାଙ୍କୁ ହରାଇଥିଲେ ମଧ୍ୟ ନିଜ ପରିଶ୍ରମ ବଳରେ ଜଣେ ସଫଳ ଚାଷୀ ତଥା ବିଶିଷ୍ଟ ଶିଳ୍ପପତି ଭାବେ ପରିଚୟ ସୃଷ୍ଟି କରିପାରିଥିଲେ। ସେ ବନ୍ଧା ଠାରେ ଦୁଇଟି ରାଇସ ମିଲ ଚଳାଇବା ସହ ସେଠାରେ ଥିବା ଓ ପୈତୃକ ଗାଁ ଖଣ୍ଡହତାର ଚାଷ କାର୍ଯ୍ୟ ନିଜେ ବୁଝୁଥିଲେ। ତାଙ୍କ ପଛରେ ଦୁଇ ପୁଅ ଦାସରି ଶ୍ୟାମ ଓ ଦାସରି ରାମଙ୍କୁ ଛାଡି ଯାଇଛନ୍ତି। ଉଭୟେ ଭବାନୀପାଟଣାରେ ଥିବା ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇଷ୍ଟିଚ୍ୟୁସନର ପରିଚାଳନା



ଦାୟିତ୍ୱରେ ରହିଛନ୍ତି। ତାଙ୍କର ଶେଷକୃତ୍ୟ ଆଜି ତାଙ୍କ ପୈତୃକ ଗାଁ ଖଣ୍ଡହତାରେ ସମ୍ପନ୍ନ ହୋଇଛି। ଏହି ସମୟରେ ସମାଜର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ତାଙ୍କୁ ଶେଷ ସମ୍ମାନ ଜଣାଇ ଥିଲେ। ତାଙ୍କର ବିୟୋଗରେ ତାଙ୍କର ଭାଇ ତଥା କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଦାସରି ମୁରଲୀ କ୍ରିଷ୍ଣା ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କର ଅନ୍ୟ ଦୁଇ ଭାଇ ଦାସରି ନାଗେଶ୍ୱର ରାଓ ଓ ଦାସରି ପ୍ରତାପ ମଧ୍ୟ ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ● ବିକାଶ ହାୟର ଏଜୁକେଶନ କ୍ୟାମ୍ପସରେ ଶୋକସଭା

**ବରଗଡ଼:** ବିକାଶ ହାୟର ଏଜୁକେଶନ କ୍ୟାମ୍ପସରେ ସମସ୍ତ ଛାତ୍ରଛାତ୍ରୀ, ବରିଷ୍ଠ ଅଧିକାରୀ ତଥା କର୍ମଚାରୀଙ୍କ ଦ୍ୱାରା ବିଶିଷ୍ଟ ସମାଜସେବୀ ତଥା ବ୍ୟବସାୟୀ ଦାସରି ବୀର ଭେଙ୍କଟ ସତ୍ୟନାରାୟଣଙ୍କ ସ୍ମୃତିରେ ଶୋକସଭା ଆୟୋଜିତ ହୋଇଯାଇଛି। ଶୋକ ସଭାରେ ସମସ୍ତେ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ସିଏଓ ଇଂ.ଅଜୟ ମହାପାତ୍ର, ବରିଷ୍ଠ ଉପଦେଷ୍ଟା ପ୍ରସନ୍ନ ଦାଶ ସମେତ ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ତଥା ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମକ୍ଷରେ ‘ଦାସରି’ ପରିବାର ପ୍ରତି ସମବେଦନା ଜଣେଇବା ସହ ଏହି ଅପୂରଣୀୟ କ୍ଷତିକୁ ସହିବା ପାଇଁ ଈଶ୍ୱର ଶକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ।



# ବିଭିନ୍ନ ସ୍ଥାନରେ ବିଶ୍ୱ ଏଡ୍‌ସ ଦିବସ











**ଗାଇସିଲେଟ,୧।୧୨(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡ୍‌ରିବନ୍ କ୍ଲବ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୁକ୍ତ ତିନି କାଉନସିଲର ଅଧ୍ୟାପିକା ନମିତା ସାହୁ, ଅଧ୍ୟାପକ ଅରୁଣ ମୁନା, ଯୁକ୍ତ ଦୁଇ କାଉନସିଲର ପ୍ରତୀକ୍ଷା ଡନସନା, ହେମନ୍ତ ପଣ୍ଡା ମଞ୍ଚାସୀନ ଥିଲେ। ମୁଖ୍ୟ ବକ୍ତା ଭାବେ ଡ.ଅମିତ ଦାଶ ଓ ମୁଖ୍ୟ ଅତିଥି ଭାବେ ସୁନିଲ ଦାଶ ଯୋଗ ଦେଇଥିଲେ। କାଉନସିଲର ତଥା ଖେଳ ଶିକ୍ଷକ ହେମନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟରୁ ଶୋଭାଯାତ୍ରା ବାହାରି ଡାକ୍ତରଖାନା, ବସଷ୍ଟାଣ୍ଡ ଦେଇ ସହିଦ ଛକ ପରିକ୍ରମା କରି ପ୍ରତ୍ୟାବର୍ତ୍ତନ କରିଥିଲେ। ଶୋଭାଯାତ୍ରାରେ ପ୍ରାଧ୍ୟାପକ ପ୍ରଦୀପ ପଧାନ, ସୁଶାନ୍ତ ନାୟକ, ଅଧ୍ୟାପିକା ବୀଣାପାଣି ତାଣ୍ଡି, ସୋନାଲିକା ସାହୁ, ପ୍ରଭାସିନୀ ସାହୁ ଯୋଗ ଦେଇଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ନମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବରପାଲି:** ବରପାଲି ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ରେଡକ୍ରସ ସଂସ୍ଥା ପକ୍ଷରୁ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। କଦଲିପାଲି ଜେଡି ସ୍ନାତକ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଏଡସ ଦିବସ ସହକାରୀ ଅଧ୍ୟକ୍ଷ ଯତୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ଡ.ଚିନ୍ମୟ ଯାଦବ ଓ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା, ଡ.ବିଶ୍ୱଜିତ୍ ପାଢ଼ି ପ୍ରମୁଖ ଯୋଗ ଦେଇଥିଲେ। ହିନ୍ଦୀ ବିଭାଗ ମୁଖ୍ୟ ଅଧ୍ୟାପିକା ଜ୍ୟୋତି ସାହୁ ସ୍ୱାଗତ ଜଣାଇଥିବା ବେଳେ ଇତିହାସ ବିଭାଗ ଅଧ୍ୟାପିକା ତଥା ରେଡକ୍ରସ୍ ସହଯୋଗୀ କାଉନସିଲର ଯାଜ୍ଞସେନୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଶଶାଙ୍କ ଶେଖର ପଧାନ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନରେ ସହଯୋଗ କରିଥିଲେ। ଅଧ୍ୟାପିକା ପିଙ୍କି ବାରିକ, ମନିଷା ଭୋଇ, ପୁନମ ସାହୁ, ସସ୍ମିତା ମେହେର, ପରିଣୀତା ପ୍ରଧାନ, ଶୋଭାବତୀ ଥପା, ସହକର୍ମୀ ସାର୍ଥକ ପାଣିଗ୍ରାହୀ, ବିରେନ୍ଦ୍ର ଖଟୁଆ ପ୍ରମୁଖ ସହାୟତା କରିଥିଲେ।

ସେହିପରି ବରପାଲି ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ କଲେଜ ପରିସରରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଜୟନ୍ତୀ ଦାସଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ବରପାଲି ସରକାରୀ ଡାକ୍ତରଖାନାରୁ ସୁଦାମ ଚରଣ ପାଣିଗ୍ରାହୀ ଓ ଆଗଲପୁର ଡାକ୍ତରଖାନାର ବିକାଶ ବିଶି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ସୁଶୀଲ ଶତପଥୀ, ଅଧ୍ୟାପକ ଧୀରୋଜ ତ୍ରିପାଠୀ ଏଡ୍ସ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଯୁବ ରେଡକ୍ରସ କାଉନସିଲର ଅଧ୍ୟାପକ ଅଲେଖ ମହାନନ୍ଦ। ରେଡକ୍ରସ ସ୍ୱେଚ୍ଛାସେବୀ ସୁମିତ ସରାଫ, ଅର୍ପିତା ଥଇତ, ଲିପିକା ଗୁରୁ ଓ କଲେଜ ଅଧ୍ୟାପକ ଉତ୍ତର ଗଡତିଆ, ଅଶୋକ ପଧାନ, ଡ.ପରେଶ୍ୱର ସାହୁ, ବୃନ୍ଦାବନ ସାହୁ ଓ ଅଧ୍ୟାପିକା ମାନିଶା ଦାସ, ଶିମା ଭୋଇ, ଅଞ୍ଜନା ଭୋଇ, ରଞ୍ଜିତା ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବ ରେଡକ୍ରସ କାଉନସିଲର ନତାସା ସିକନ୍ଦର ଧନ୍ୟବାଦ ଅର୍ପଣ କରିଥିଲେ।

ବିଜୟପଲ୍ଲୀ ଶ୍ରୀଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ୍ ଓ ରେଡ୍‌ରିବନ୍ କ୍ଲବ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଡ.ବଦ୍ରିନାରାୟଣ ପୂଜାରୀ ଅଧ୍ୟକ୍ଷତା କରିଥିଲେ। ରେଶମ ପ୍ରାଥମିକ ଚିକିତ୍ସାକେନ୍ଦ୍ର ମୁଖ୍ୟ ଡାକ୍ତର ଗଜେନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ରମାକାନ୍ତ ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। କାଉନସିଲର ଅଧ୍ୟାପକ କାମପାଳ ପଣ୍ଡାଙ୍କ ତତ୍ତ୍ୱାଧାନରେ ସଚେତନତା ଶୋଭାଯାତ୍ରା ହୋଇଥିଲା। ବରପାଲି ଫାର୍ମାସ୍ୟୁଟିକାଲ୍ କଲେଜ୍ ପରିସରରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ଡ.ସୁନୀତି ଦେବତା ଓ ମୁଖ୍ୟବକ୍ତା ଆଇନଜୀବୀ ଆଶୁତୋଷ ରଥ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ.ଆଶୁତୋଷ ପ୍ରଧାନ, ଭରତ ନାୟକ ଏବଂ ନିର୍ଦ୍ଦେଶକ ପ୍ରଫେସର ଡ.ରଞ୍ଜନ ସାହୁ ପ୍ରମୁଖ ଆଲୋଚନା କରିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ନରେନ୍ଦ୍ର ହୋତା ଉପସ୍ଥିତ ଥିଲେ।

**ପଦ୍ମପୁର:** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ (ୱାଇଆର୍‌ସି) ଓ ରେଡ୍‌ରିବନ୍ କ୍ଲବ୍ (ଆର୍‌ଆର୍‌ସି)ର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀ, ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଅଧ୍ୟାପକ ଓ ଅଧ୍ୟାପିକାମାନେ ଏଡ୍‌ସ ସଚେତନତା ବାର୍ତ୍ତା ନେଇ ଶୋଭାଯାତ୍ରା କରିଥିଲେ। ପରେ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡବ୍ଲୁ ସେଠ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସଂଯୋଜକ ପ୍ରମୋଦ ପାଣିଗ୍ରାହୀ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ, ସଂଯୋଜିକା ଡ.ମମତାମୟୀ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଓଡ଼ିଆ ପ୍ରବନ୍ଧ ଲିଖନ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

**ଝାରବନ୍ଧ:** ଝାରବନ୍ଧ ଡିଗ୍ରୀ କଲେଜରେ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। କଲେଜ ଏନଏସଏସ ୟୁନିଟ୍ ଓ ଯୁବ ରେଡକ୍ରସ୍ ଶାଖା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ଅଧ୍ୟକ୍ଷତା କରିଥିଲେ। ଏନଏସଏସ ଅଧିକାରୀ ରିତାଞ୍ଜଳୀ ଗୁରୁ ତଥା ଯୁବ ରେଡକ୍ରସ୍ ଅଧିକାରୀ ମିନପ୍ରଭା ପ୍ରଧାନଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଯୁଗ୍ମ ସେକ୍ରେଟାରୀ, ଓଡ଼ିଶା ସରକାର, ଚନ୍ଦ୍ରଶେଖର ପାଢ଼ୀ ଓ ମୁଖ୍ୟ ବକ୍ତା ଭାବେ ନୃସିଂହନାଥ ଆୟୁର୍ବେଦିକ କଲେଜର ଡାକ୍ତର ଦିପ୍ତିରେଖା ଦାସ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ମୁଖ୍ୟ ସାର୍ତ୍ତିକ ସାହୁ ଏଡ୍‌ସର ଇତିହାସ ଉପରେ ଆଲୋଚନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବର୍ଷା ପୋଢ଼, ଜ୍ୟୋତ୍ସ୍ନା ଭୋଇ, ପୂଜାଶ୍ରୀ ପ୍ରଧାନ, ଶ୍ରାବଣୀ ସାହୁ, ଜୟନ୍ତୀ ସାହୁ, ସ୍ମିତା ପ୍ରଧାନ ପ୍ରମୁଖ ପୁରସ୍କୃତ ହୋଇଥିଲେ। ତଥା ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିବା ତଥା ପୁରସ୍କୃତ ହୋଇଥିବା ଲିପ୍ସାରାଣୀ ଭୋଇ ଓ ଝରଣା ଦୀପଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ.ରଶ୍ମୀରଞ୍ଜନ ମହାନ୍ତି, ଯାଜ୍ଞସେନୀ ନାୟକ, ନବୀନ ମେହେର, ଗଗନ ବିହାରୀ ଡନଶନା, ଡ.ଖ୍ୟାତିମୟ ତ୍ରିପାଠୀ, ରଶ୍ମି ମହାଲିଂ, ମୁକେଶ ବାଗ, ଚନ୍ଦ୍ରମଣି ବାଗଙ୍କ ସହିତ କୁନି ଶାହା, ବଂଶୀଧର ସେଠୀ, ଅଶୋକ ହାତୀ, ବଲ୍ଲଭ ମିର୍ଦ୍ଧା, ପ୍ରକାଶ ପ୍ରଧାନ, ରୁକ୍ମଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

**ଅତାବିରା:** ଅତାବିରା ବ୍ଲକ୍ ପାହାଡଶ୍ରୀଗିଡା ଡିଗ୍ରୀ କଲେଜରେ ଯୁବ ରେଡକ୍ରସ୍ ଓ ରେଡ୍‌ରିବନ୍ କ୍ଲବ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସର ପରାମର୍ଶଦାତା ଅଧ୍ୟାପକ ଜଗନ୍ନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷା ରାଜେଶ୍ୱରୀ ସାମନ୍ତ ଓ ସମ୍ମାନିତ ଅତିଥି ଭାବେ ପାହାଶ୍ରୀଗିଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ.ମୁକୁନ୍ଦ ମୁରାରୀ ବେହେରା ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଗଣେଶ ଚନ୍ଦ୍ର ଗିରି, ସ୍ୱପଜିତ୍ ଖଟୁଆ, ରେଣୁକା ମହାରଣା, ରାମ ଗୋପାଳ ସେଠ୍, ପରେଶ ଚନ୍ଦ୍ରରଣା, ସୁନିଲ ଶର୍ମା, ବିଶ୍ୱେଶ୍ୱର ସିଂ ଦାଉ, ଶ୍ରୀକାନ୍ତ ଭୋଇ ତଥା ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ବରଗଡ଼:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅମ୍ବାଭୋନାର ଡ.ପ୍ରଶାନ୍ତ ପଣ୍ଡା ଯୋଗ ଦେଇଥିଲେ। ବିଦ୍ୟାଳୟର ଜୁନିୟର୍ ରେଡ୍‌କ୍ରସ କାଉନସିଲର ତଥା ରେଡ୍‌ରିବନ୍ କ୍ଲବ୍‌ର ମାର୍ଗଦର୍ଶକ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆୟୋଜିତ ଏଡ୍‌ସ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନାରେ ଶିକ୍ଷକ ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ବୋଧରାମ ବିଶ୍ୱାଳ, ଅଙ୍କିତ ମହନ୍ତ, ଶ୍ରୀପତି ସାହୁ ଏବଂ ତେଜରାମ ସାଙ୍କ ସମେତ ଜୁନିୟର୍ ରେଡ୍‌କ୍ରସ୍, ରେଡ୍‌ରିବନ୍ କ୍ଲବ୍ ଓ ବିଜ୍ଞାନ କ୍ଲବ୍‌ର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ଭୋଇ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ଈଶ୍ୱର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଦିବସରେ ଦୌଡ଼ିଲା ସମ୍ବଲପୁର

# ଯୁବପିଢ଼ି ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ

**ସମ୍ବଲପୁର, ୧।୧୨ (ସମିସ)**

ଦୈନିକ 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଅବସରରେ ଦୈନିକ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ସୋମବାର ସକାଳେ ଏକ 'ମିନି ମାରାଥନ' ଆୟୋଜିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରୁ ବାହାରି ଏହା କମିଶନର କଲୋନୀ କ୍ରିକେଟ କ୍ଲବ (ଫୋର୍-ସି) ପଡ଼ିଆ ପର୍ଯ୍ୟନ୍ତ ହୋଇଥିଲା। ଆନ୍ତର୍ଜାତିକ କ୍ରୀଡ଼ାବିତ୍ ସୁନ୍ଦରମଣି ବାରିକ ସବୁଜ ପତାକା ଦେଖାଇ ଦୌଡ଼ର ଶୁଭାରମ୍ଭ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଶହ ଶହ ସଂଖ୍ୟାରେ ଛାତ୍ରଛାତ୍ରୀ ତଥା ସାଧାରଣ ଜନତା ଦୌଡ଼ରେ ସାମିଲ ହୋଇଥିଲେ। ଆଜି ଶିତୁଆ ସକାଳରେ ଝିପି ଝିପି ବର୍ଷା ଯୁବାବର୍ଗର ଉତ୍ସାହରେ ବାଧକ ସାଜି ପାରିନଥିଲା। ବୈଦିକ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ, ନିଉଟନ ସାଇନ୍ସ କଲେଜ, ଦିଲ୍ଲୀ ପବ୍ଲିକ ସ୍କୁଲ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

ଫୋର୍-ସି ଗ୍ରାଉଣ୍ଡରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ପାଢ଼ୀ ତାଙ୍କ ବକ୍ତବ୍ୟରେ ଶୃଙ୍ଖଳିତ ଜୀବନ, ଅଧ୍ୟବସାୟ ସହ ଦେଶ ଗଠନରେ ଯୁବପିଢ଼ି ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମାଜସେବୀ ପରଭେଜ ଅଲୀ ଖାଁ, ରୋଟାରୀ କ୍ଲବ ସମ୍ବଲପୁର ଗ୍ରେଟର ସଭାପତି ରାଜୀବ ଜୈନ ଓ ସମ୍ପାଦକ ସଞ୍ଜୟ ମିତ୍ତଲ, ଫୋଟୋଗ୍ରାଫର ବିପିନ ବିହାରୀ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୀମନ୍ତିକା ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଦୌଡ଼ ପୁରୁଷ ବର୍ଗରେ ରାଜୁ ଓରାମ, ଅଖିଳ ଡନସନା ଓ ରୋହନ ମରେଇ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ମହିଳା ବର୍ଗରେ ସାହିନା ପରବିନ ପ୍ରଥମ ଓ ଜ୍ୟୋତିର୍ମୟୀ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସାନିକା ଏକାଡେମୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।

'ସକାଳ' ଏଜିଏମ୍ ନରୋତ୍ତମ ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜ୍ଞାପନ ବିଭାଗ ମୁଖ୍ୟ ବ୍ରିଜେଶ ଷଡ଼ଙ୍ଗୀ ଓ ନନ୍ଦିଘୋଷ ବ୍ୟୁରୋ ମୁଖ୍ୟ ସମୀର ଷଡ଼ଙ୍ଗୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମ୍ବଲପୁର ଜିଲ୍ଲା ପ୍ରତିନିଧି ସୁକାନ୍ତ କୁମାର କର, ବ୍ରହ୍ମପୁର ଜିଲ୍ଲା ପ୍ରତିନିଧି କ୍ଷୀରସିନ୍ଧୁ ମହାନ୍ତି, ବଲାଙ୍ଗୀର ଜିଲ୍ଲା ପ୍ରତିନିଧି ଅଭିଳାଷ ହୋତା, ସିଟି ସାମ୍ବାଦିକ ଶୁଭମ ଖଡ଼ିରତ୍ନ, ନରସିଂହ ବଗର୍ତ୍ତି, ନିଲୁ ସାହୁ, ପ୍ରସାରଣ ଏକ୍‌ଜିକ୍ୟୁଟିଭ୍ ସନତ କୁମାର ସ୍ୱାଇଁ, ମୁଦ୍ରଣ ବିଭାଗର ନିରଞ୍ଜନ ଲେଙ୍କା, ସୁନୀଲ ଗୁପ୍ତା, ସତ୍ୟବ୍ରତ ସାହୁ, ଅମିର ସିଂ, ଯୁଗଳ ପ୍ରଧାନ, ଉପେନ୍ଦ୍ର ବରିହା, ଅଜୟ ସୁନା, ରାମ ନାରାୟଣ ବାଗ, ରୀତେନ ବନଛୋର, ପ୍ରଫୁଲ୍ଲ ପୋଧା, ଅଶୋକ, ପ୍ରମୋଦ ପାଲ ପ୍ରମୁଖ ସହଯୋଗ କରିଥିଲେ।































Hero
FALCON REAL ESTATE
TPWODL
SHYAM METALICS
TIGER
ଓମଫେଡ୍
JSW BPSL
Rotary
vedanta transforming for good
AmAzing bAkers

ସକାଳ THE SAKALA
www.sakalaepaper.com
ପଶ୍ଚିମାଞ୍ଚଳ

# ‘ସକାଳ’ର ପଞ୍ଚମ ସ୍ୱନକ୍ଷତ୍ର ଅବସରରେ ମିନି ମାରାଥନ


ସମ୍ବଲପୁର
















ରାଉରକେଲା

















## ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ: ୬ ସୈନିକଙ୍କ ମୃତ୍ୟୁ

ଇସଲାମାବାଦ, ୧।୧୨ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନରେ ପୁଣି ଆତ୍ମଘାତୀ ଆକ୍ରମଣ ହୋଇଛି। ବେଲୁଚିସ୍ତାନ ପ୍ରଦେଶର ନୋକୁଣ୍ଡି ଅଞ୍ଚଳରେ ଅବସ୍ଥିତ ଚାଗାଇରେ ଫ୍ରଣ୍ଟିୟର୍ କର୍ପସ୍ (ଏଫସି) ମୁଖ୍ୟାଳୟର ମୁଖ୍ୟ ଫାଟକରେ ସୋମବାର ସକାଳେ ଆତ୍ମଘାତୀ ବିସ୍ଫୋରଣ ଘଟି ଛଅ ଜଣ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏହି ଆକ୍ରମଣ ପାଇଁ ବେଲୁଚିସ୍ତାନ ଲିବରେସନ୍ ଫ୍ରଣ୍ଟ (ବିଏଲଫ)ର ସାଦଓ ଅପରେସନାଲ୍ ବାଟାଲିଅନ୍ (ଏସଓବି) ନିଜକୁ ଦାୟୀ କରିଛି। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ମୁଖ୍ୟ ଫାଟକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବିପୁଳ କ୍ଷୟକ୍ଷତି ହୋଇଛି। ପାକିସ୍ତାନୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ମୁଖ୍ୟ ଫାଟକ ଉପରେ ଆକ୍ରମଣ ପରେ ସଶସ୍ତ୍ର ଆକ୍ରମଣକାରୀମାନେ ନୋକୁଣ୍ଡିରେ ଥିବା ଏଫସି ମୁଖ୍ୟାଳୟରେ ପ୍ରବେଶ କରିଥିଲେ। ଏଠାରେ ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଆକ୍ରମଣକୁ ଦେଖି ଡାକ୍ତରଖାନାଗୁଡ଼ିକରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଅନ୍ୟପଟେ ସୁରକ୍ଷାବାହିନୀକୁ ସହାୟତା ପାଇଁ କ୍ୱେଟାରୁ ଦୁଇଟି ହେଲିକପ୍ଟର ପଠାଯାଇଛି। ଏହା ପୂର୍ବରୁ ଗତ ୨୪ ଘଣ୍ଟା ତଳେ ପାକିସ୍ତାନର ୭ଟି ସ୍ଥାନରେ ବିସ୍ଫୋରଣ ହୋଇଥିଲା।

## ଦ୍ୱିତୀୟ ବିବାହ କଲେ ସାମନ୍ଥା



କୋଏମ୍ବାଟୁର, ୧।୧୨ (ଏଜେନ୍ସି): ଅଭିନେତ୍ରୀ ସାମନ୍ଥା ରୂଥ୍ ପ୍ରଭୁ ସୋମବାର ଦ୍ୱିତୀୟ ବିବାହ କରିଛନ୍ତି। ସେ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କ ହାତ ଧରିଛନ୍ତି। କୋଏମ୍ବାଟୁରର ଈଶା ଯୋଗ କେନ୍ଦ୍ରର ଲିଙ୍ଗ ଭୈରବୀ ମନ୍ଦିରରେ ପ୍ରାଚୀନ ଯୋଗିନୀ ପରମ୍ପରାରେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହର ଫଟୋ ପୋଷ୍ଟ କରି ସାମନ୍ଥା ଏହି ସୂଚନା ଦେଇଛନ୍ତି। ଏହି ବିବାହରେ କେବଳ ପରିବାର ଲୋକେ ଏବଂ ଘନିଷ୍ଠ ବନ୍ଧୁ ସାମିଲ ହୋଇଥିଲେ। ଓସୋଙ୍କ ଈଶା ଫାଉଣ୍ଡେସନର ଲିଙ୍ଗ ଭୈରବୀ ମନ୍ଦିରରେ ଯୋଗିନୀ ପରମ୍ପରରା ଭୂତ ସୁଦ୍ଧି ବିବାହ କରିଛନ୍ତି। ଏହା ଏଭଳି ଏକ ବିବାହ ଯେଉଁଥିଲେ ଦମ୍ପତ୍ତିଙ୍କ ମଧ୍ୟରେ ଗଭୀର ସମ୍ପର୍କ ସୃଷ୍ଟି ହୋଇଥାଏ। ଏହା କେବଳ ଚିନ୍ତାଧାରା କିମ୍ବା ଶରୀର ମଧ୍ୟରେ ସୀମିତ ନ ହୋଇ ଶରୀରର ପଞ୍ଚ ଭୂତ ସହ ଯୋଡ଼ି ଥାଏ। ଏହି ବିବାହ ପାଞ୍ଚ ଭୂତ୍‌କୁ ଶୁଦ୍ଧି କରିଥାଏ। ସମ୍ପର୍କରେ ଶାନ୍ତି, ସମୃଦ୍ଧି ଏବଂ ଆଧାତ୍ମିକ ସନ୍ତୁଳନ ସୃଷ୍ଟି କରିଥାଏ। ଏହି ବିବାହକୁ ନେଇ ରାଜ୍‌ଙ୍କ ପୂର୍ବତନ ପତ୍ନୀ ଶ୍ୟାମଲୀ ଡେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଛନ୍ତି। ଧୈର୍ଯ୍ୟ ନ ଥିବା ଲୋକେ ଅଧୈର୍ଯ୍ୟପୂର୍ଣ୍ଣ କାମ କରନ୍ତି ବୋଲି ସେ ଲେଖିଛନ୍ତି।

## କଂଗ୍ରେସର ରଣନୀତି ବୈଠକରେ ସାମିଲ ହେଲେନି ଥରୁର

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): କଂଗ୍ରେସ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ତଥା ସାଂସଦ ଶଶୀ ଥରୁର ପୁଣି ଥରେ ଦଳର ରଣନୀତି ଗ୍ରୁପର ଜରୁରୀ ବୈଠକରେ ସାମିଲ ହୋଇ ନାହାନ୍ତି। ସଂସଦର ଶୀତ ଅଧିବେଶନ ଆରମ୍ଭ ହେବାର ଦିନକ ପୂର୍ବରୁ ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଏକ ବୈଠକ ବସିଥିଲା। ତେବେ କେରଳରେ ନିଜ ୯୦ ବର୍ଷୀୟ ମାଆଙ୍କ ପାଖରେ ଥିବାରୁ ଏଥିରେ ଅନୁପସ୍ଥିତ ଥିଲେ ବୋଲି ଶଶୀ ଥରୁରଙ୍କ ଅଫିସ ପକ୍ଷରୁ କୁହାଯାଇଛି। ଥରୁର ଦ୍ୱିତୀୟ ଥର ପାଇଁ ଦଳୀୟ ବୈଠକରେ ଅନୁପସ୍ଥିତ ରହିଛନ୍ତି। ପୂର୍ବରୁ ସେ ଅସୁସ୍ଥ ଥିବା ଦର୍ଶାଇ ଏସଆଇଆର ପ୍ରସଙ୍ଗରେ କଂଗ୍ରେସ ବୈଠକରେ ଯୋଗ ଦେଇ ନ ଥିଲେ। ସେ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏକ କାର୍ଯ୍ୟକ୍ରମରେ ଯୋଖ ଥରୁର ଯୋଗ ଦେଇଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା।

# ଚିନ୍ତା ବଢ଼ାଇଲାଣି ବିଏଲ୍ଓଙ୍କ ମୃତ୍ୟୁ

## ଆତ୍ମହତ୍ୟା କଲେଣି ୨୯, ହୃଦ୍‌ଘାତ ନେଲାଣି ୪୧ ଜଣଙ୍କ ଜୀବନ

ମୁରାଦାବାଦ, ୧।୧୨ (ଏଜେନ୍ସି): ମୁଁ ବଞ୍ଚିବାକୁ ଚାହୁଁଛି। ମାତ୍ର କାମର ଚାପ ବଞ୍ଚିବାକୁ ଦେବ ନାହିଁ। ଏଭଳି କହି ଏସ୍‌ଆଇଆର ପ୍ରକ୍ରିୟାରେ ସାମିଲ ଜଣେ ବୁଥ୍ ଲେଭୁଲ ଅଫିସର (ବିଏଲଓ) ଆତ୍ମହତ୍ୟା କରିଛନ୍ତି। ମୃତ୍ୟୁ ପୂର୍ବରୁ ସେ କରିଥିବା ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହା ଏସ୍‌ଆଇଆରକୁ ନେଇ ବିଏଲଓଙ୍କ କିଭଳି ଭାବେ ଚାପ ରହିଛି ତାହା ଦର୍ଶାଉଛି। ସୂଚନା ଅନୁଯାୟୀ, ମୃତକ ହେଉଛନ୍ତି ଉତ୍ତର ପ୍ରଦେଶ ମୁରାଦାବାଦର ସର୍ବେଶ ସିଂହ। ସେ ସରକାରୀ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାମ କରୁଥିଲେ। ଅକ୍ଟୋବର ୭ରେ ସେ ବିଏଲଓ ଭାବେ ନିଯୁକ୍ତ ହୋଇଥିଲେ। ଏସ୍‌ଆଇଆର ପାଇଁ ତାଙ୍କୁ ଘର ଘର ବୁଲି ଭୋଟରଙ୍କ ସୂଚନା ଓ ପ୍ରମାଣପତ୍ର ସଂଗ୍ରହ କରିବାକୁ ପଡୁଥିଲା। ରବିବାର ସକାଳେ ତାଙ୍କ ମୃତଦେହ ମିଳିଥିଲା। ପ୍ରଥମେ ସ୍ତ୍ରୀ ବବ୍‌ଲି ତାଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ଘଟଣାସ୍ଥଳରୁ ସୁଇସାଇଡ୍ ନୋଟ ଜବତ କରାଯାଇଛି। ଏଥିରେ କାର୍ଯ୍ୟଚାପ ସହ୍ୟ କରିପାରୁ ନ ଥିବା ସେ ଲେଖିଥିଲେ।

ମୃତ୍ୟୁ ପୂର୍ବରୁ କରିଥିବା ଭିଡିଓରେ ସର୍ବେଶ କହୁଛନ୍ତି ଯେ 'ଦିଦି, ମୋତେ କ୍ଷମା କରିଦେବ। ମାଆ ଦୟାକରି ମୋ ପିଲାଙ୍କ ଯତ୍ନ ନେବ। ଏହି ନିର୍ବାଚନ କାର୍ଯ୍ୟ କରିବାରେ ମୁଁ ବିଫଳ ହୋଇଛି। ତେଣୁ ଏକ ପଦକ୍ଷେପ ନେବାକୁ ଯାଉଛି। ଏଥିପାଇଁ କେବଳ ମୁଁ ଦାୟୀ ରହିବି। ଆଉ କାହାର କୌଣସି ଦୋଷ ନାହିଁ। ମୁଁ ଅତ୍ୟନ୍ତ ଦୁଃଖିତ। ୨୦ ଦିନ ହେଲାଣି ମୁଁ ଭଲ ସେ ଶୋଇ ପାରିନାହିଁ। ଯଦି ପାଖରେ ସମୟ ଥାଆନ୍ତା ତେହେ ଏହି କାମ ସାରିଦେଇଥାନ୍ତି। ମୋର ୪ଟି ଛୋଟ ଝିଅ ଅଛନ୍ତି। ଦୟାକରି ମୋତେ କ୍ଷମା କରିଦେବ। ମୁଁ ତୁମମାନଙ୍କ ଠାରୁ ବହୁତ ଦୂରକୁ ଚାଲିଯାଉଛି। ବଞ୍ଚିବାକୁ ଚାହୁଁଥିଲେ ବି କିଛି କରିପାରିବି ନାହିଁ।



ବିଏଲଓଙ୍କ ଆତ୍ମହତ୍ୟା ପୂର୍ବର ଭିଡିଓ ଭାଇରାଲ

ବହୁତ ଦୁଃଖ କଷ୍ଟରେ ଫସି ରହିଥିବା ମୁଁ ଅନୁଭବ କରୁଛି। ଦୁଃଖଦ ସ୍ଥିତି ମୋତେ ଘରେ ରହିଛି। ଗଭୀର ଯନ୍ତ୍ରଣା ଭୋଗ କରୁଛି' ବୋଲି ସର୍ବେଶ ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ଏବେ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଜାରି ରହିଛି। ନିର୍ଦ୍ଦିଷ୍ଟ ସମୟରେ ଏହାକୁ ସାରିବା ପାଇଁ ବିଏଲଓଙ୍କ ଉପରେ ଚାପ ରହିଛି। ଏହା ସହିତ କ୍ଷମତାସୀନ ଦଳର ନେତା ଏବଂ କର୍ମୀ ମଧ୍ୟ ଧମକାଉଛନ୍ତି। ଏହି କାରଣ ଏ ପର୍ଯ୍ୟନ୍ତ ୨୯ ବିଏଲଓ ଆତ୍ମହତ୍ୟା କଲେଣି। ଆଉ କିଛି ରିପୋର୍ଟରେ ଏସଆଇଆର ଭୟରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଭୟ, ଚିନ୍ତା, ଚାପ ଏବଂ ଅବସାଦ ଯୋଗୁଁ ବିଏଲଓଙ୍କ ମୃତ୍ୟୁ ହେଉଥିବା କୁହାଯାଉଛି। ତେବେ ଏଭଳି ମୃତ୍ୟୁକୁ ନିର୍ବାଚନ କମିଶନଙ୍କ ପକ୍ଷରୁ ଖାରଜ କରାଯାଇଛି। କାର୍ଯ୍ୟ ଚାପ ଯୋଗୁଁ କାହାର ମୃତ୍ୟୁ ହୋଇ ନ ଥିବା କୁହାଯାଉଛି। ଅନ୍ୟପଟେ ଇସି ୧୨ ରାଜ୍ୟରେ ଏସଆଇଆର ଅବଧିକୁ ୭ ଦିନ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।

### ପଶ୍ଚିମବଙ୍ଗରେ ଏସଆଇଆର ବିରୋଧରେ ବିଏଲଓଙ୍କ ବିକ୍ଷୋଭ

ଅକ୍ଟୋବର ୨୮ ତାରିଖରୁ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ଙ୍କୁ ନିଯୁକ୍ତ କରାଯାଇଛି। ଏହା ସତ୍ତ୍ୱେ ଅନେକ ରାଜ୍ୟରୁ ବିଏଲଓଙ୍କ ଆତ୍ମହତ୍ୟା ଏବଂ ମୃତ୍ୟୁର ଖବର ସାମ୍ନାକୁ ଆସୁଛି। ଆଜି ଉତ୍ତର ପ୍ରଦେଶର ସମ୍ବଲରେ ଜଣେ ସହାୟକ ବିଏଲଓ ଶୋଇଥିବା ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏହା ପୂର୍ବରୁ ନଭେମ୍ବର ୩୦ ତାରିଖରେ, ମୋରାଦାବାଦରେନିୟୋଜିତ ଜଣେ ଶିକ୍ଷକ ଆତ୍ମହତ୍ୟା କରିଥିଲେ। ରାଜ୍ୟରେ ଏପର୍ଯ୍ୟନ୍ତ ଆଠ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ତିନି ଜଣ ଆତ୍ମହତ୍ୟା କରିଥିବାବେଳେ ତିନି ଜଣ ହୃଦଘାତରେ ଏବଂ ଜଣେ ବ୍ରେନ ହ୍ୟାମରେଜରେ ପ୍ରାଣ ହରାଇ ଥିଲେ। ଏ ପର୍ଯ୍ୟନ୍ତ ୭ ରାଜ୍ୟରେ ୨୯ ବିଏଲଓଙ୍କ ମୃତ୍ୟୁ ହୋଇଥିବାବେଳେ ମଧ୍ୟପ୍ରଦେଶ ସର୍ବାଧିକ ନଅ ଜଣ ସାମିଲ ଅଛନ୍ତି। ଏପରି ସମୟରେ ସୋମବାର କୋଲକାତାରେ ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ବାହାରେ ବିଏଲଓ ଅଧିକାର ସୁରକ୍ଷା କମିଟିର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପୋଲିସ ବ୍ୟାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଏବଂ ଅନେକ ଦଳୀୟ ବିଧାୟକ ନିର୍ବାଚନ ଅଧିକାରୀଙ୍କ ସହ ବୈଠକ ପାଇଁ ପହଞ୍ଚିଥିଲେ। ବିକ୍ଷୋଭକାରୀମାନେ ଏଠାରେ ଉପସ୍ଥିତ ବିଜେପି କର୍ମୀଙ୍କ ସହ ଧସ୍ତାଧସ୍ତି ହୋଇଥିଲେ। ସିଇଓଙ୍କ ସହ ବିଜେପିର ବୈଠକକୁ ସେମାନେ ବିରୋଧ କରିଥିଲେ। ବିଏଲଓମାନେ କାମ କରିବା ସ୍ଥିତିରେ ସୁଧାର ଦାବି କରି କିଛି ଦିନ ହେଲା ବିକ୍ଷୋଭ କରି ଆସୁଛନ୍ତି। ସୋମବାର ଏହି ଆନ୍ଦୋଳନ ଜୋରଦାର ହୋଇଥିଲା। ମୃତ ବିଏଲଓଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଥିଲା। ଏ ନେଇ ସିଇଓଙ୍କୁ ଭେଟିବା ପାଇଁ ସେମାନେ ଦାବି କରିଥିଲେ।

## ନେତାଙ୍କ ସମ୍ପର୍କୀୟଙ୍କ ଲାଗି ଯୋଗ୍ୟ କର୍ମୀଙ୍କୁ ଅଣଦେଖା

ନାଗପୁର, ୧।୧୨ (ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ପୁଣି ବଡ଼ ଟିପ୍ପଣୀ ଦେଇଛନ୍ତି। ରାଜନୀତିରେ ପରିବାରବାଦକୁ ସେ ସମାଲୋଚନା କରିଛନ୍ତି। ନିଷ୍ପାପର କର୍ମୀଙ୍କ ଅଣଦେଖା କଲେ ବିରକ୍ତି ଲାଗେ ବୋଲି ସେ କହିଛନ୍ତି। ରାଜନେତାଙ୍କ ପାରିବାରିକ ଉତ୍ତରାଧିକାରୀଙ୍କୁ



ନିର୍ବାଚନରେ ହରାଇବା ପାଇଁ ସେ ଜନତାଙ୍କୁ ଆହ୍ୱାନ ଦେଇଛନ୍ତି। ରବିବାର ନାଗପୁର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଗଡ଼କରୀ ଏହି ଟିପ୍ପଣୀ ଦେଇଥିଲେ। ଏଠାରେ ସେ ଅମଲାତନ୍ତ୍ରକୁ କଟାକ୍ଷ କରି ଅଧିକାରୀମାନଙ୍କୁ ବ୍ୟଙ୍ଗ ଛଳରେ ସମାଲୋଚନା ମଧ୍ୟ କରିଛନ୍ତି। ସଙ୍କେତରେ ନିଜ ଦଳର କିଛି ନୀତିକୁ ମଧ୍ୟ ସମାଲୋଚନା କରିଥିବା କୁହାଯାଉଛି।

ଗଡ଼କରୀ କହିଥିଲେ ଯେ ରାଜନୀତିରେ ବଡ଼ ନେତାଙ୍କ ସମ୍ପର୍କୀୟଙ୍କ ଲାଗି ଯୋଗ୍ୟ କର୍ମୀଙ୍କୁ ଅଣଦେଖା କରାଯାଇଥାଏ। ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ଯେଉଁ ନେତାମାନେ ବଂଶବାଦକୁ ସମାଲୋଚନା କରୁଥିଲେ, ସେମାନେ ପରେ ନିଜ ସମ୍ପର୍କୀୟଙ୍କୁ ଟିକଟ ଦେବା ପାଇଁ ଦାବି କରିଥାନ୍ତି। ଏହା ଅତ୍ୟନ୍ତ ଦୁଃଖର ବିଷୟ। ଏଭଳି ଆଭିମୁଖ୍ୟ ଦ୍ୱାରା ଦଳର ପୁରୁଖା କର୍ମୀଙ୍କ ସହ ଅନ୍ୟାୟ ହେଉଛି। ୨୦-

### ଯିଏ ବଂଶବାଦକୁ ସମାଲୋଚନା କରୁଛି ସେ ସମ୍ପର୍କୀୟଙ୍କ ପାଇଁ ଟିକଟ ମାଗୁଛି: ଗଡ଼କରୀ

୩୦ ବର୍ଷ ହେଲା ଦଳ ପାଇଁ କାମ କରୁଥିବା ବ୍ୟକ୍ତି ଟିକଟ ମାଗିବାକୁ ଆସିଲେ ତାଙ୍କୁ ନ ଦେଇ ନେତା ନିଜ ପତ୍ନୀ, ପୁଅ କିମ୍ବା ଅନ୍ୟ ସମ୍ପର୍କୀୟଙ୍କୁ ଦେଉଛନ୍ତି। ଏହା ଗଭୀର ଭାବେ ବ୍ୟଥିତ କରୁଛି। ବଂଶବାଦ ଅପେକ୍ଷା ଯୋଗ୍ୟତାକୁ ପ୍ରାଥମିକତା ଦିଆଯିବା ଉଚିତ୍। ଏବେ ଏହି ପ୍ରସଙ୍ଗରେ ଜନସାଧାରଣଙ୍କୁ ନିଷ୍ପତ୍ତି ନେବାକୁ ପଡିବ। ବଂଶବାଦ ରାଜନୀତି ଦ୍ୱାରା ଦଳ ଏବଂ ଜନସାଧାରଣଙ୍କ କ୍ଷତି ହେଉଛି। ଏହାର ସମାଧାନ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଗଡ଼କରୀ କହିଛନ୍ତି।

ଗଡ଼କରୀଙ୍କ ଏହି ମନ୍ତବ୍ୟକୁ ବିଜେପି ପ୍ରତି ଏକ କଟାକ୍ଷ ଭାବରେ ଦେଖାଯାଉଛି। କାରଣ ଏହି ଦଳ ବଂଶବାଦକୁ ବିରୋଧ କରୁଥିଲେ ବି ନେତାଙ୍କ ପତ୍ନୀ, ପୁତ୍ର ଏବଂ ସମ୍ପର୍କୀୟଙ୍କୁ ଟିକଟ ଦେଉଥିବା ଦେଖାଯାଉଛି। କଂଗ୍ରେସ, ଠାକରେ ପରିବାର ଏବଂ ମୁଲାୟମ ସିଂହ ଯାଦବ ତଥା ଲାଲୁ ଯାଦବଙ୍କ ଭଳି ରାଜନୈତିକ ପରିବାର ଉପରେ ବଂଶବାଦକୁ ନେଇ ବିଜେପି ଅଭିଯୋଗ ଲଗାଇ ଥିଲା। ମାତ୍ର ମହାରାଷ୍ଟ୍ରରେ ସ୍ଥାନୀୟ ସଂସ୍ଥା ନିର୍ବାଚନରେ ଅନେକ ବିଜେପି ବିଧାୟକ, ସାଂସଦ ଏବଂ ମନ୍ତ୍ରୀଙ୍କ ପରିବାର ସଦସ୍ୟ ଯଥା ମା, ସ୍ତ୍ରୀ, ପିଲା କିମ୍ବା ନିକଟ ସମ୍ପର୍କୀୟଙ୍କୁ ପ୍ରାର୍ଥୀ କରାଯାଇଛି। ଏହା ଦ୍ୱାରା ବିଜେପିର ବିଶ୍ୱସ୍ତ କର୍ମୀ ନିରାଶ ହୋଇଛନ୍ତି। ସେମାନେ ଏହାକୁ ଦଳର ନୀତି ବିରୋଧୀ ବୋଲି କହୁଛନ୍ତି। ମନ୍ତ୍ରୀ ଗିରୀଶ ମହାଜନଙ୍କ ପତ୍ନୀ ସାଧନା ମହାଜନ ବିନା ନିର୍ବାଚନରେ ନଗର ପରିଷଦର ଅଧ୍ୟକ୍ଷ ପଦ ଜିତିବାରୁ ବିଜେପିରେ ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହି ନିର୍ବାଚନରୁ କଂଗ୍ରେସ, ଏନ୍‌ସିପି (ଏସପି) ଏବଂ ଅଜିତ ପାୱାର ଗୋଷ୍ଠୀ ଓହରିଯିବାରୁ ସାଧନା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି ମନ୍ତ୍ରୀ ଜୟକୁମାର ରାୱଲଙ୍କ ମା ନୟନ କୁଅଁର ଡୋଣ୍ଡିୟାଚା-ବରବାଡେ ନଗର ପରିଷଦର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। କାରଣ ତାଙ୍କ ବିରୋଧରେ ଛିଡ଼ା ହୋଇଥିବା ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଖାରଜ ହୋଇ ଯାଇଥିଲା।

## ବିମାନ ଉପରେ ହୋଇଥିଲା ସାଇବର ଆକ୍ରମଣ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଶେଷରେ କେନ୍ଦ୍ର ସରକାର ସତ ସ୍ୱୀକାର କରିଛନ୍ତି। ଗତ ୭ ତାରିଖରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇ)ର ଅଟୋମେଟିକ ମେସେଜ ସ୍ୱିଚିଂ ସିଷ୍ଟମ (ଏଏମଏସଏସ)ରେ ସାଇବର ଆକ୍ରମଣ ହୋଇଥିଲା ବୋଲି ମାନିଛନ୍ତି। ରାଜ୍ୟସଭାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ ଏହା ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ 'ଆଇଜିଆଇର ରନୱେ ୧୦ରେ ବିମାନ ଜିପିଏସ ଆଧାରିତ ଅବତରଣ ପ୍ରକ୍ରିୟା ଆପଣାଉ ଥିବାବେଳେ ଜିପିଏସ ସ୍ପୁଫିଂ ହୋଇଥିଲା। ସାଇବର ଆକ୍ରମଣ ଯୋଗୁଁ ଭୁଲ୍ ସିଗ୍‌ନାଲ ମିଳିଥିଲା। ଏହା ପରେ ପାଇଲଟ ତୁରନ୍ତ ବ୍ୟାକ୍‌ଅପ ବ୍ୟବହାର କରିଥିଲେ। ତେବେ ଅନ୍ୟ ରନୱେ ଉପରେ ଏହି ସ୍ପୁଫିଂର କୌଣସି ପ୍ରଭାବ ପଡ଼ି ନ ଥିଲା। କାରଣ ସେଗୁଡ଼ିକରେ 'ଟ୍ରାଡିସନାଲ ଗ୍ରାଉଣ୍ଡ ବେସ୍‌ଡ ନେଭିଗେସନ ସିଷ୍ଟମ' ବ୍ୟବହାର କରାଯାଉଥିଲା'। ଏହି ଘଟଣା ଯୋଗୁଁ ଗତ ୭ ତାରିଖରେ ଦିଲ୍ଲୀ ବିମାନବନ୍ଦରରେ ବିମାନ ପରିଚାଳନା ୧୨ ଘଣ୍ଟାରୁ ଅଧିକ ସମୟ ପ୍ରଭାବିତ ହୋଇଥିଲା। ୮୦୦ରୁ ଅଧିକ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ବିଳମ୍ବରେ ଉଡ଼ାଣ କରିଥିଲା। ୨୦ଟି ଉଡ଼ାଣକୁ ବାତିଲ କରିବାକୁ ପଡ଼ିଥିଲା। ନାଇଡୁ ସଦନକୁ ସୂଚନା ଦେଇଛନ୍ତି ଯେ ସାରା ବିଶ୍ୱରେ ର୍ୟାନସମୱେୟର-ମାଲୱେୟର ଆକ୍ରମଣର ବିପଦ ବୃଦ୍ଧି ପାଇଛି।

**ବିଳମ୍ବିତ ହୋଇଥିଲା ୮୦୦ ବିମାନ**


## ବନ୍ୟା ବିପ୍ରାତ: ହଜାରେ ମୃତ; ଶତାଧିକ ନିଖୋଜ



ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦକ୍ଷିଣ ଏସିଆରେ ବନ୍ୟା ବିପ୍ରାଦ ସୃଷ୍ଟି କରିଛି। ଇଣ୍ଡୋନେସିଆ, ଶ୍ରୀଲଙ୍କା, ମାଲେସିଆ ଏବଂ ଥାଇଲାଣ୍ଡରେ ଆସିଥିଲା ଏହି ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନ ଜନିତ ମୃତ୍ୟୁସଂଖ୍ୟା ହଜାରେ ପାର୍ କରିଛି। ଶତାଧିକ ଲୋକ ନିଖୋଜ ମଧ୍ୟ ଅଛନ୍ତି। ଅନେକ ଦେଶରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ରିପୋର୍ଟ ଅନୁଯାୟୀ, ଇଣ୍ଡୋନେସିଆରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇ ୫୦୨ରେ ପହଞ୍ଚି ଯାଇଛି। ଏବେ ବି ୫୦୮ ଜଣ ନିଖୋଜ ଅଛନ୍ତି। ଇଣ୍ଡୋନେସିଆର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏହି ସୂଚନା ଦେଇଛନ୍ତି। ସେହିପରି ଶ୍ରୀଲଙ୍କାରେ ୩୪୦ ଜଣ ପ୍ରାଣ ହରାଇଛନ୍ତି। ରାଜଧାନୀ କଲମ୍ବୋରେ ରବିବାର ରାତିସାରା ଜଳସ୍ତର ବଢ଼ି ଚାଲିଥିଲା। ସକାଳେ ବର୍ଷା ଥମିଯିବାରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଏହା ଦ୍ୱାରା ପାଣି ଛାଡ଼ିଯିବ ବୋଲି ଆଶା କରାଯାଉଛି। ଶ୍ରୀଲଙ୍କା ଏବଂ ଇଣ୍ଡୋନେସିଆରେ ଉଦ୍ଧାରକାର୍ଯ୍ୟ ପାଇଁ ସେନା ମୁତୟନ କରାଯାଇଛି। ଅନ୍ୟପଟେ ଥାଇଲାଣ୍ଡର ଦକ୍ଷିଣ ଭାଗରେ ଆସିଥିବା ବନ୍ୟା ୧୭୬ ଜଣଙ୍କ ଜୀବନ ନେଇଛି। ଏହାକୁ ଗତ ଦଶ ବର୍ଷ ମଧ୍ୟରେ ଆସିଥିବା ସବୁଠାରୁ ଭୟଙ୍କର ବନ୍ୟା ଧରାଯାଉଛି। ସେହିପରି ମାଲେସିଆର ପେରଲିସ ରାଜ୍ୟରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଦକ୍ଷିଣ ଏସିଆରେ ଆସିଥିବା ଏହି ବନ୍ୟା ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଅନେକ କୋଠାବାଡ଼ି ଭୁଶୁଡ଼ି ପଡ଼ିଥିବାବେଳେ ପୋଲ ଭାଙ୍ଗି ଯାଇଛି। ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ଶ୍ରୀଲଙ୍କାରେ ବାତ୍ୟା ଦାତୱା ପ୍ରଭାବରେ ହେଉଥିବା ବର୍ଷା ଥମିବାରେ ଲାଗିଛି। ଏହା ତାମିଲନାଡୁକୁ ମଧ୍ୟ ପ୍ରଭାବିତ କରିଥିଲା। ବର୍ଷା ଜନିତ ଦୁର୍ଘଟଣାରେ ତିନି ଜଣଙ୍କ ଜୀବନ ଯାଇଥିଲା।

## କୁକୁର ଧରି ସଂସଦରେ ପହଞ୍ଚିଲେ ରେଣୁକା

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ସଂସଦର ଶୀତ ଅଧିବେଶନର ପ୍ରଥମ ଦିନରେ ସୋମବାର କଂଗ୍ରେସ ସାଂସଦ ରେଣୁକା ଚୌଧୁରୀଙ୍କୁ ନେଇ ବିବାଦ ହୋଇଛି। ସେ କୁକୁରକୁ ସାଙ୍ଗରେ ଧରି ସଂସଦ ପରିସରରେ ପହଞ୍ଚିଛନ୍ତି। ଏ ବିଷୟରେ ପଚାରିବାରୁ ସେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ନେଇ ହଙ୍ଗାମା ହୋଇଛି। ସେ କହିଛନ୍ତି ଯେ 'ସରକାରଙ୍କୁ ପଶୁ ପସନ୍ଦ ନୁହେଁ। ଏହା ଅତ୍ୟନ୍ତ ଛୋଟ ଏବଂ କାହାର



**'କୁକୁର କାମୁଡୁନି; କାମୁଡ଼ିବା ଲୋକ ସଂସଦରେ ଅଛନ୍ତି'**

କ୍ଷତି କରୁ ନ ଥିବା ପଶୁ। କାମୁଡୁ ଥିବା ଏବଂ ଦଂଶନ କରୁଥିବା ବ୍ୟକ୍ତି ସଂସଦ ଭିତରେ ଅଛନ୍ତି। କୁକୁର ଏଭଳି କରେ ନାହିଁ।' ଏହି ଘଟଣାକୁ ବିଜେପି ତୀବ୍ର ବିରୋଧୀ କରିଛି। ଏହା ଦ୍ୱାରା ସଂସଦ ମର୍ଯ୍ୟାଦାର ଉଲ୍ଲଂଘନ ବୋଲି କୁହାଯାଇଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ବିବାଦ ହେବାପରେ ରେଣୁକା ଏ ନେଇ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଘଟଣାକୁ ଅଯଥାରେ ଆଲୋଚନାର ପରିସରକୁ ଅଣାଯାଉଛି। ଯଦି କୁକୁର ଗୃହ ଭିତରକୁ ପଶିଆସିଲା ତେବେ ସମସ୍ୟା କ'ଣ? ଏହି କୁକୁର କାହାକୁ କାମୁଡ଼ିବ ନାହିଁ ବୋଲି ବିଶ୍ୱାସ ମୋର ଅଛି। କୁକୁରକୁ ଗୃହ ଭିତରକୁ ନ ନେବାର କୌଣସି ପ୍ରୋଟୋକଲ କି ଆଇନ ଅଛି କି? ରାସ୍ତାରେ ଆସିବା ବେଳେ କାର୍ ଏବଂ ସ୍କୁଟର ଧକ୍କା ହେବାରୁ କୁକୁର ଛୁଆଟି ପଳେଇ ଆସିଥିଲା। ରାସ୍ତାରେ ସେ ବୁଲୁଥିବାବେଳେ ଗାଡ଼ି ତଳେ ଚାପି ହୋଇଯିବ ଭାବି ତାକୁ ଆଣି ଆସିଥିଲି। ପହଞ୍ଚିବା ପରେ ତାକୁ ପଠାଇ ଦେଲି। ଗାଡ଼ି ଏବଂ କୁକୁର ଉଭୟ ପଳେଇ ଗଲେଣି। ଏବେ କାହାକୁ ନେଇ ଚର୍ଚ୍ଚା ହେଉଛି। ଯେଉଁମାନେ ବାସ୍ତବରେ କାମୁଡୁଛନ୍ତି ସେମାନେ ସଂସଦରେ ବସିଛନ୍ତି। ସେ ସରକାର ଚଳାଉଛନ୍ତି। ଏଥିରେ ତ କାହାର ସମସ୍ୟା ନାହିଁ। କୌଣସି ନେଇଆସିଗଲେ ତାହା ଚର୍ଚ୍ଚା ପାଲଟି ଯାଉଛି। ଲାଗୁଛି ସରକାରଙ୍କ ପାଖରେ ଚର୍ଚ୍ଚା ପାଇଁ କିଛି ପ୍ରସଙ୍ଗ ନାହିଁ। ଯଦି ସରକାର ସଂସଦ ଅଧିବେଶନକୁ ନେଇ ଚିନ୍ତିତ ତେବେ ଅବଧି କାହିଁକି ହ୍ରାସ କଲେ। ମାସକର ଅଧିବେଶନକୁ ପନ୍ଦର ଦିନକୁ କାହିଁକି ହ୍ରାସ କରାଗଲା? ଆମେ ଗୃହରେ କେଉଁ ପ୍ରସଙ୍ଗ ଉଠାଇବୁ ତାହାକୁ ନେଇ ଆପଣମାନେ ଚିନ୍ତିତ କାହିଁକି? ସୂଚନାଯୋଗ୍ୟ ଯେ ସଂସଦରେ ପୋଶା ପଶୁପକ୍ଷୀ ନେଇଯିବାକୁ ନିୟମର ଉଲ୍ଲଘଂନ ଧରାଯାଏ। ଏହା ସଂସଦ ଭବନ ପରିସରର ଆଚର ନିୟମ ଏବଂ 'ଲୋକସଭା ହ୍ୟାଣ୍ଡବୁକ ଫର ମେମ୍ବର୍ସ' ଅଧୀନରେ ଏହା ଭୁଲ୍।

## ବିହାର: ଶପଥପତ୍ର ପଢ଼ିପାରିଲେନି ବାହୁବଳୀଙ୍କ ପତ୍ନୀ ବିଭା ଦେବୀ



ପାଟନା, ୧।୧୨ (ଏଜେନ୍ସି): ଅନେକ ସମୟରେ ନେତା, ମନ୍ତ୍ରୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରିବାକୁ ଦାବି ହେଉଛନ୍ତି। କିନ୍ତୁ ପ୍ରାୟ ସବୁ ଦଳ ଏହି ଦାବିକୁ ଏଡ଼ାଇ ଚାଲିଛନ୍ତି। ତଳସ୍ତରର ସରକାରୀ କର୍ମଚାରୀ ହେବାକୁ ନିର୍ଦ୍ଦିଷ୍ଟ ଯୋଗ୍ୟତା ଏବଂ ଆପରାଧିକ ପୃଷ୍ଠଭୂମିରୁ ନ ଆସୁଥିବାର ନିୟମ ଥିବାବେଳେ ନେତାଙ୍କ ପାଇଁ ଏଭଳି କୌଣସି ନିୟମ ନାହିଁ କହିଲେ ଚଳେ। ଏବେ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ତଥା ପଢ଼ି ନ ପାରିବାରୁ ଜଣେ ନବ ନିର୍ବାଚିତ ବିଧାୟିକା କିଭଳି ହଟହଟା ହୋଇଛନ୍ତି ତାହାର ଭିଡିଓ ସାରା ଦେଶରେ ଭାଇରାଲ ହେବାରେ ଲାଗିଛି। ବିହାର ବିଧାନସଭାରେ ଏଭଳି ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ୧୮ତମ ବିଧାନସଭାର ପ୍ରଥମ ଅଧିବେଶନରେ ନବ ନିର୍ବାଚିତ ସଦସ୍ୟ ଶପଥ ନେଉଛନ୍ତି। କିନ୍ତୁ ବାହୁବଳୀ ରାଜବଲ୍ଲଭଙ୍କ ପତ୍ନୀ ତଥା ନୱାଦାର ଜେଡିୟୁ ବିଧାୟିକା ବିଭା ଦେବୀ ଶପଥ ପତ୍ର ପଢ଼ି ନ ପାରି ସର୍ବସମ୍ମୁଖରେ ହଟହଟା ହୋଇଛନ୍ତି।

ବିଭା ଦେବୀ ଶପଥ ନେବାକୁ ଛିଡ଼ା ହୋଇଥିଲେ। ସେ ଭୁଲ୍ ଶବ୍ଦ ଉଚ୍ଚାରଣ କରି ଶପଥ ପାଠ ଆରମ୍ଭ କରିଥିଲେ। ଶପଥ ନେଉଛି ବଦଳରେ ସତତ ନେଉଛୁ ବୋଲି କହିଥିଲେ। ରହି ରହି ସେ ଶପଥ ପତ୍ର ପଢ଼ି ଚାଲିଥିଲେ। କ୍ରମାଗତ ଭାବେ ସଠିକ ଶବ୍ଦ ଉଚ୍ଚାରଣ କରିପାରୁ ନ ଥିଲେ। ମଝିରେ ମଝିରେ ଅଟକି ଯାଉଥିଲେ। ତାଙ୍କର ସ୍ଥିତି ସଦନରେ ଉପସ୍ଥିତ ଥିବା ସବୁ ଲୋକଙ୍କ ପାଇଁ ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଯାଇଥିଲା। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିଭା ଦେବୀ କଷ୍ଟେ ମଷ୍ଟେ ଶପଥ ନେବାକୁ ପ୍ରୟାସ କରିଥିଲେ। ଏହି ସମୟରେ ତାଙ୍କ ନିକଟରେ ଜେଡିୟୁ ବିଧାୟିକା ମନୋରମା ଦେବୀ ବସିଥିଲେ। ଶପଥ ପତ୍ର ପଢ଼ି ଦେବାକୁ ପ୍ରଭା ଦେବୀ ତାଙ୍କୁ ଅନୁରୋଧ କରିଥିଲେ। ଛୁଟକୀ ପଢ଼ି ଦେ, କହି ଦେ ବୋଲି କହିଥିଲେ। ମନୋରମା ଦେବୀ କହିବା ସତ୍ତ୍ୱେ ବି ବିଭା ଠିକ୍‌ରେ ପଢ଼ି ପାରି ନ ଥିଲେ। ଯେନତେନ ପ୍ରକାରରେ ଖଣ୍ଡି ଅକ୍ଷରରେ ଶପଥ ନେଇଥିଲେ। ଏହି ଭିଡିଓକୁ ନେଇ ସାମାଜିକ ଗଣମାଧ୍ୟମରେ ମେମେର ବନ୍ୟା ଆସିଛି। ଶପଥ ପତ୍ର ପଢ଼ି ପାରୁ ନ ଥିବା ମହିଳା ବିହାରର କେମିତି ବିକାଶ କରିବେ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ସୂଚନାଯୋଗ୍ୟ ଯେ ସ୍ୱାମୀଙ୍କ ରାଜନୈତିକ ପ୍ରଭାବକୁ ଆଗକୁ ବଢ଼ାଇ ବିଭା ଦେବୀ ନୱାଦା ସିଟ୍‌ରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ଅନ୍ୟ ପଟେ ଆଜି ଆରଜେଡି ନେତା ତେଜସ୍ୱୀ ଯାଦବ, ବିଜେପି ବିଧାୟିକା ମୈଥିଳୀ ଠାକୁର, ବାହୁବଳୀ ଅଶୋକ ମାହୋତଙ୍କ ପତ୍ନୀ ଅନିତା ଦେବୀ ପ୍ରମୁଖ ଶପଥ ଗ୍ରହଣ କରିଛନ୍ତି।

## ଦିଲ୍ଲୀ-ଏନସିଆରରେ ପ୍ରଦୂଷଣ ପାଇଁ ଖାଲି ଚାଷୀ ଦାୟୀ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣକୁ ନେଇ ସୋମବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ଭର୍ତ୍ସନା କରିଛନ୍ତି। ବାୟୁ ପ୍ରଦୂଷଣ ପାଇଁ କେବଳ ଚାଷୀଙ୍କୁ ଦାୟୀ କରିବାରୁ କୋର୍ଟ ଆପତ୍ତି ଉଠାଇଛନ୍ତି। ଏମସି ମେହତାଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି ଯେ ପାଳ ଜାଳିବା ଘଟଣା ନୂଆ ନୁହେଁ। ୪-୫ ବର୍ଷ ତଳେ କୋଭିଡ୍ ଏବଂ ଲକଡାଉନ୍ ସମୟରେ ମଧ୍ୟ ନଡ଼ା ପୋଡ଼ା ଯାଉଥିଲା। ଏହା ସତ୍ତ୍ୱେ ଆକାଶ ସ୍ୱଚ୍ଛ ଏବଂ ନୀଳ ଦେଖାଯାଉଥିଲା। ଏବେ କାହିଁକି ନୁହେଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି? ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ପାଳ ପୋଡ଼ିବା ଉପରେ ବିତର୍କ ରାଜନୈତିକ କିମ୍ବା ଅହଂକାରରର ପ୍ରସଙ୍ଗ ହେବା ଉଚିତ୍ ନୁହେଁ। ଦିଲ୍ଲୀର ବିଷାକ୍ତ ବାୟୁର ଅନେକ କାରଣ ଅଛି। ନଡ଼ା ପୋଡ଼ିବା ବ୍ୟତୀତ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣର କାରଣଗୁଡ଼ିକ ଉପରେ ବୈଜ୍ଞାନିକ ବିଶ୍ଳେଷଣ କରାଯିବା ଉଚିତ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୦ରେ ଅନୁଷ୍ଠିତ ହେବ।

# ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଆରମ୍ଭ





ଭୁବନେଶ୍ୱର,୧।୧୨(ସମିସ): ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା 'ଦ ସଙ୍ଗଲ'ରେ ଆଜିଠାରୁ ଆରମ୍ଭ ହୋଇଛି ୩୭ତମ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଡିସେମ୍ବର ୬ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୫ ଓ ୧୭ ବର୍ଷରୁ କମ୍ ବୟସ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବ୍ୟାଡମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆର ଓ ଓଡ଼ିଶା ବ୍ୟାଡମିଣ୍ଟନ ସଂଘର କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ବାଳିକା ଓ ୩୦୦ରୁ ଊର୍ଦ୍ଧ୍ୱ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୧୩ ବର୍ଷରୁ କମ୍ ଜାତୀୟ ଚାମ୍ପିଅନ ଏବଂ ୧୫ ବର୍ଷରୁ କମ୍ ରନର୍ସଅପ୍ ଓଡ଼ିଶାର ତନ୍‌ଭି ପତ୍ରୀ ଏହି ଟୁର୍ଣ୍ଣାମେଣ୍ଟରେ ବାଳିକା ବିଭାଗର ଉଭୟ ଟାଇଟଲ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି।

# 'କୋହଲିଙ୍କ ଭବିଷ୍ୟତ ନେଇ ପ୍ରଶ୍ନ ଉଠାଇବା ଅନାବଶ୍ୟକ'

ନୂଆଦିଲ୍ଲୀ,୧।୧୨(ଏଜେନ୍ସି):

ଫର୍ମ ହେଉ ଅବା ଫିଟ୍‌ନେସ, ୩୭ ବର୍ଷରେ ବିରାଟ କୋହଲି ଯେପରି ଖେଳୁଛନ୍ତି ତାଙ୍କର ଭବିଷ୍ୟତ ନେଇ ଆଲୋଚନା କରିବା କିମ୍ବା ପ୍ରଶ୍ନ ଉଠାଇବା ଅପ୍ରାସଙ୍ଗିକ ଓ ଅନାବଶ୍ୟକ ବୋଲି କହିଛନ୍ତି ଭାରତୀୟ ଦଳର ବ୍ୟାଟିଂ କୋଚ୍ ସିତାଂଶୁ କୋଟକ। ରାଞ୍ଚିରେ ଗତକାଲି ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ସେ ଯେପରି ପ୍ରଭାବଶାଳୀ ଖେଳ ପ୍ରଦର୍ଶନ କରିଥିଲେ, ସେଥିରୁ ସେ ତାଙ୍କ ଉପସ୍ଥିତି ଜାହିର କରିଛନ୍ତି। ବିରାଟ କୋହଲି ଏବେ କେବଳ ଦିନିକିଆ ଫର୍ମାଟରେ ଖେଳୁଛନ୍ତି। ଟେଷ୍ଟ ଓ ଟି-୨୦ର ଅନ୍ତର୍ଜାତୀୟ ଫର୍ମାଟରୁ ସେ ଅବସର ନେଇସାରିଛନ୍ତି। ଭାରତୀୟ ଦଳର ନିରାଶାଜନକ ପ୍ରଦର୍ଶନ ପରେ କୋହଲି ଟେଷ୍ଟ ଫର୍ମାଟକୁ ଫେରିବେ ବୋଲି ଜୋର କଳ୍ପନା ଜଳ୍ପନା ଚାଲିଛି। ସେ ନିଜେ ଏହାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଗତକାଲି ସେ କହିଥିଲେ, ଭାରତ ଲାଗି ଖେଳିବାକୁ ଗଲାବେଳେ ସେ ସର୍ବଦା ୧୨୦ ଭାଗ ଚେଷ୍ଟା କରିଥାନ୍ତି। ଏବେ ମୁଁ କେବଳ ଦିନିକିଆ ଫର୍ମାଟରେ ଖେଳ ଜାରି ରଖିବି ବୋଲି କହିବା ପରେ ଟେଷ୍ଟକୁ ତାଙ୍କର ପ୍ରତ୍ୟାବର୍ତ୍ତନ ଆଉ ସମ୍ଭବ ନୁହେଁ ବୋଲି ଏଥିରୁ ସ୍ପଷ୍ଟ ହୋଇଛି।



୨୦୨୭ରେ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାରେ ଖେଳାଯିବ। ବିରାଟ କୋହଲି ଏବଂ ରୋହିତ ଶର୍ମା ଏହି ବିଶ୍ୱକପ୍ ଖେଳି ଅବସର ନେବାକୁ ଆଗ୍ରହୀ ବୋଲି ଆଲୋଚନା ହେଉଛି। ଉଭୟ ଅନ୍ତର୍ଜାତୀୟ କ୍ରିକେଟର ଅନ୍ୟ ଦୁଇ ଫର୍ମାଟରୁ ଅବସର ନେଇ ସାରିଥିବାରୁ ଏବେ କେବଳ ଦିନିକିଆ ଖେଳୁଛନ୍ତି। ଏହା ବ୍ୟତୀତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ସେ ଯେତିକି ପରିମାଣରେ କ୍ରିକେଟ ଖେଳୁଛନ୍ତି, ସେଥିରୁ ବିଶ୍ୱକପ ପର୍ଯ୍ୟନ୍ତ ତାଙ୍କ ଫିଟ୍‌ନେସ ସ୍ତରରେ କିଛି ପରିବର୍ତ୍ତନ ହେବାର ଆଶଙ୍କା ନାହିଁ। ଏଣୁ ତାଙ୍କ ଭବିଷ୍ୟତ ସମ୍ପର୍କରେ କଳ୍ପନା ଜଳ୍ପନା, ଆଲୋଚନା କିମ୍ବା ପର୍ଯ୍ୟାଲୋଚନା କରିବା ଅନୁଚିତ ହେବ ବୋଲି କୋଟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଟିମ୍ ମ୍ୟାନେଜ୍‌ମେଣ୍ଟ ଏ ସମ୍ପର୍କରେ କଥାବାର୍ତ୍ତା ହେବା ତ ଦୂରର କଥା, ଭାବିବାକୁ ମଧ୍ୟ ଉଚିତ ମନେକରିନାହିଁ।

ରାଞ୍ଚିରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ କୋହଲି ତାଙ୍କ ଚିରାଚରିତ ଶୈଳୀରେ ବ୍ୟାଟିଂ କରି ଜୀବନର ୫୨ତମ ଶତକ ହାସଲ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟର ଗୋଟିଏ ଫର୍ମାଟରେ ଏହା ସର୍ବାଧିକ ଶତକ। ଟେଷ୍ଟ କ୍ରିକେଟରେ ସଚିନ ତେନ୍ଦୁଲକର ୫୧ଟି ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ସେ ୧୦୨ଟି ବଲ୍‌ରୁ ଶତକ ହାସଲ କରିଥିଲେ। ସେ ମୋଟ ୧୨୦ଟି ବଲ୍ ଖେଳି ୧୩୫ ରନ୍ କରିଥିଲେ। ଏହା ମଧ୍ୟରେ ୧୦ଟି ସୁଦୃଶ୍ୟ ଚୌକା ଓ ୭ଟି ବିରାଟ ଛକା ରହିଥିଲା। ଏଥିରୁ ତାଙ୍କ ଫର୍ମ ଓ ଫିଟ୍‌ନେସ୍‌ର ପ୍ରମାଣ ମିଳିଥାଏ। ତାଙ୍କ ଶତକ ଓ ଅନ୍ୟତମ ବରିଷ୍ଠ ଖେଳାଳି ରୋହିତ ଶର୍ମାଙ୍କ ସହ ଦ୍ୱିତୀୟ ୱିକେଟ ଭାଗୀଦାରିରେ ୧୩୬ ରନ୍ ସଂଗୃହୀତ ହୋଇଥିଲା। ଏହି ରନ୍ ବଳରେ ଭାରତ ଏକ ବିଶାଳ ସ୍କୋର (୮ୱିକେଟରେ ୩୪୯ ରନ୍) କରିଥିଲା। କୁଳଦୀପ ଯାଦବ ୪ଟି ଓ ହର୍ଷିତ ରାଣା ୩ଟି ୱିକେଟ ନେବା ଫଳରେ ଭାରତ ଏହି ମ୍ୟାଚ୍‌କୁ ୧୭ ରନ୍‌ରେ ଜିତିନେଇଥିଲା।

## ସେହ୍ୱାଗଙ୍କ ପ୍ରଶଂସା

ବିରାଟ କୋହଲି ପୁଣିଥରେ ପ୍ରମାଣିତ କରିଛନ୍ତି ଯେ, ଚା' ତିଆରି କରିବା ଆମ ଲାଗି ଯେତିକି ସହଜ, ବିରାଟଙ୍କ ଲାଗି ରନ୍ ସଂଗ୍ରହ କରିବା ସେତିକି ସହଜ। ସେ ଆହୁରି କହନ୍ତି, ରେକର୍ଡ ପଛରେ କୋହଲି ଦୌଡୁନାହାନ୍ତି, ବରଂ ରେକର୍ଡ ତାଙ୍କ ପଛରେ ଦୌଡୁଛି। ଆଜ୍ ଭି ଭୁକ୍ ୱହି, ଜୁନୁନ ୱହି ବୋଲି ସେ କହିଛନ୍ତି। କିଙ୍ଗ୍ ଷ୍ଟେଜ୍ କିଙ୍ଗ୍ ବା ରାଜା ସର୍ବଦା ରାଜା ଭଳି ରହିବ ବୋଲି ସେହ୍ୱାଗ ତାଙ୍କ ପ୍ରଶଂସାରେ କୋହଲିଙ୍କୁ ପୋତିଦେଇଛନ୍ତି।

# ମହିଳା ହକି ଦଳର କୋଚ୍ ପଦ ଛାଡ଼ିଲେ ହରେନ୍ଦ୍ର

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଏକ ଅପ୍ରତ୍ୟାଶିତ ଘଟଣାକ୍ରମେ ଭାରତୀୟ ସିନିଅର ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ ସୋମବାର ନିଜ ପଦରୁ ଇସ୍ତଫା



ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ହରେନ୍ଦ୍ର ନିଜର ନିଷ୍ପତ୍ତି ମେଲ୍ ଯୋଗେ ହକି ଇଣ୍ଡିଆକୁ ଜଣାଇ ଦେଇଛନ୍ତି। ୫୬ ବର୍ଷୀୟ ହରେନ୍ଦ୍ର ଗତବର୍ଷ ଏପ୍ରିଲରେ ଏହି ଗୁରୁଦାୟିତ୍ୱ ସମ୍ଭାଳିଥିଲେ। ୨୦୨୮ ଅଲିମ୍ପିକ୍ସ ପର୍ଯ୍ୟନ୍ତ ସେ ଟିମ୍ ସହ ଜଡ଼ିତ ରହିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଅଚାନକ ପଦ ଛାଡ଼ିବା ନେଇ ନାନା ଆଲୋଚନା ହେଉଛି। ରିପୋର୍ଟ ଅନୁସାରେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳର କୋଚ୍ ରହିଥିବା ନେଦରଲାଣ୍ଡସର ଶୋଡ୍ ମାରିନ ପୁଣିଥରେ ଏହି ସମ୍ମାନଜନକ ପଦ ସମ୍ଭାଳିବେ। ତାଙ୍କ ତତ୍ତ୍ୱାବଧାନରେ ମହିଳା ହକି ଦଳ ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନରେ ରହିଥିଲା। ତେବେ ହକି ଇଣ୍ଡିଆ ପକ୍ଷରୁ ଏନେଇ ଅଫିସିଆଲ୍ ଭାବେ କିଛି ଘୋଷଣା କରାଯାଇନାହିଁ। ସ୍ମରଣଯୋଗ୍ୟ, ହରେନ୍ଦ୍ରଙ୍କ ପ୍ରଶିକ୍ଷଣରେ ୨୦୧୬ରେ ଭାରତୀୟ ଦଳ ଜୁନିଅର ପୁରୁଷ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ସେ ଆମେରିକା ପୁରୁଷ ଦଳର କୋଚ୍ ଦାୟିତ୍ୱ ସମ୍ଭାଳିଥିଲେ।

### ଜୁନିଅର ମହିଳା ହକି ବିଶ୍ୱକପ୍ ଉଦ୍‌ଘାଟିତ

# ବିଜୟରୁ ଭାରତର ଅଭିଯାନ

ସାଣ୍ଟିଆଗୋ, ୧।୧୨ (ଏଜେନ୍ସି): ଜୁନିଅର ମହିଳା ହକି ବିଶ୍ୱକପ୍‌ର ୧୧ତମ ସଂସ୍କରଣ ସୋମବାରଠାରୁ ଚିଲିରେ ଆରମ୍ଭ ହୋଇଛି। ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଗା ଇଭେଣ୍ଟରେ ଭାରତୀୟ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଭାରତ ପ୍ରଥମ ମ୍ୟାଚରେ ନାମ୍ବିଆକୁ ୧୩-୦ ଗୋଲ୍‌ର ବଡ଼ ବ୍ୟବଧାନରେ ପରାସ୍ତ କରିଛି। ଏଥିସହ ପୁଲ୍-ସି'ରେ ସ୍ଥାନ ପାଇଥିବା ଭାରତ ୩ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ବୁଧବାର ଜର୍ମାନୀକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ପ୍ରଥମ ଦିବସରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଜର୍ମାନୀ ୭-୧ ଗୋଲ୍‌ରେ ଏକପାଖିଆ ଭାବେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଏଥର ବିଶ୍ୱକପ୍‌ରେ ୫ଟି ମହାଦେଶର ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ୧୯୮୯ରୁ ଏହି ମେଗା ଇଭେଣ୍ଟ ଖେଳାଯାଇ ଆସୁଥିଲେ ମଧ୍ୟ ଭାରତ ଥରେ ହେଲେ ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇନାହିଁ।

### ଏଫ୍‌ଆଇଏଚ୍ ପୁରୁଷ ହକି ଜୁନିଅର ବିଶ୍ୱକପ୍

# କ୍ୱାର୍ଟରରେ ଜର୍ମାନୀ

ମଦୁରାଇ,୧।୧୨(ଏଜେନ୍ସି): ବିଶ୍ୱର ନଂ-୧ ଟିମ୍ ତଥା ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ପ୍ରଥମ ଦଳ ଭାବେ ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ହକି ଜୁନିଅର ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆଜି ଏଠାରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମୁକାବିଲାରେ ଜର୍ମାନୀ ୫-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରି ଗ୍ରୁପ୍-ଏ'ରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରଥମ ସ୍ଥାନ ଅଧିକାର କରିଛି। ଜର୍ମାନୀ ଏବେ ଚେନ୍ନାଇରେ କ୍ୱାର୍ଟର ଫାଇନାଲ ଖେଳିବ। ସେହିପରି ଏହି ଗ୍ରୁପ୍‌ରେ କାନାଡାକୁ ୯-୧ ଗୋଲରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସ୍ଥାନରେ ରହିଛି। ଗ୍ରୁପ୍-ବି'ରେ ଆସନ୍ତାକାଲି ଭାରତ ଓ ସ୍ୱିଜରଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବ।

# ଦୃଷ୍ଟିହୀନ ମହିଳା ବିଶ୍ୱଚାମ୍ପିଅନ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା

ଭୁବନେଶ୍ୱର,୧।୧୨(ସମିସ): ଶ୍ରୀଲଙ୍କାରେ ଅନୁଷ୍ଠିତ ପ୍ରଥମ ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟରେ ଭାରତ ଚାମ୍ପିଅନ ହୋଇଛି। ଏହି ଚାମ୍ପିଅନ ଭାରତୀୟ ଦଳରେ ଓଡ଼ିଶାରୁ ୪ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ବାଲେଶ୍ୱରର ଫୁଲ ସୋରେନ୍। ଏମାନଙ୍କ ବ୍ୟତୀତ ଆଉ ୩ଜଣ ଖେଳାଳି ମୟୁରଭଞ୍ଜ ଜିଲ୍ଲାର। ସେମିଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ବାସନ୍ତୀ ହାଁସ୍‌ଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡି। ଏ ସମସ୍ତ ଖେଳାଳି ଓଡ଼ିଶାରେ ପହଞ୍ଚିବା ପରେ ବିମାନବନ୍ଦରରେ ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାସଭବନରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ୧୧ ଲକ୍ଷ ଲେଖାଏଁ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହି ଖେଳାଳିଙ୍କ ସହ



ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ତଥା କମିଶନର ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡଃ. ୟେଦୁଲା ବିଜୟ, ଦଳର କୋଚ୍ ଦେବାଶିଷ ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କିନ୍ତୁ ଅନ୍ୟ ଖେଳାଳିମାନଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ରାଶି ତୁଳନାରେ ଏହା ବହୁତ କମ୍ ବୋଲି ଆଲୋଚନା ହେଉଛି।

### ■ ୨୩ ବର୍ଷରୁ କମ୍ ମହିଳା ଟି-୨୦

# ମୁମ୍ବାଇଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୧।୧୨(ସମିସ): କେରଳର ତିରୁଅନନ୍ତପୁରମଠାରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଏଲିଟ୍ ବିଭାଗ ମୁକାବିଲାରେ ଓଡ଼ିଶା ୧୮ ରନ୍‌ରେ ମୁମ୍ବାଇଠାରୁ ହାରିଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୪୦ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଥମ ୩ ବ୍ୟାଟର ୦, ୪, ୬ରେ ଆଉଟ ହେବା ପରେ ଦଳ ୧୫ ରନ୍‌ରେ ୩ ୱିକେଟ ହରାଇଥିଲା। ଏହା ପରେ ନଂ-୮ ବ୍ୟାଟର ହର୍ଲି ଗାଲା ଅପରାଜିତ ୩୦, ନଂ-୪ ଓ ୫, ତୁଶି ଶାହ ଓ ସାଧବୀ ସଞ୍ଜୟ ୨୪ ରନ୍ ଲେଖାଏଁ, ନଂ-୮ ଶ୍ରଦ୍ଧା ୨୩ ରନ୍ କରିଥିଲେ। ଓଡ଼ିଶାର ଶ୍ରେୟା ପ୍ରିୟଦର୍ଶିନୀ ୨ଟି, ଅନନ୍ୟା ମିଶ୍ର, ଶୁଭ୍ରନିର୍ଝରିଣୀ ସ୍ୱାଇଁ ଓ ଏସ୍‌ବି ଲରେନ୍ସ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।







ଜବାବରେ ଓପନର ତନ୍ମୟୀ ବେହେରାଙ୍କ ୩୯ ବଲ୍‌ରେ ୪୪ ଓ ନଂ-୩ ବ୍ୟାଟର ତଥା ଅଧିନାୟିକା ଅଲିସ୍ମା ବିଶ୍ୱାଳଙ୍କ ୩୯ ବଲ୍‌ରେ ୩୮ ରନ୍ ସତ୍ତ୍ୱେ ଦଳ ସମାନ ସଂଖ୍ୟକ ଓଭର ଖେଳି ୬ ୱିକେଟରେ ୧୨୨ ରନ୍ କରିବାକୁ ସମର୍ଥ ହୋଇଥିଲା। ସିନିୟର ଖେଳାଳିଙ୍କୁ ନେଇ ଗଠିତ ଓଡ଼ିଶା ଦଳର ବ୍ୟାଟିଂ ଏଠାରେ କାମ ଦେଇ ନ ଥିଲା। ମୁମ୍ବାଇର ଜିଲ ଡିମେଲୋ ଓ କାଶିଶ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

# ଦୃଢ଼ସ୍ଥିତିରେ ଉତ୍ତରାଖଣ୍ଡ

ଭୁବନେଶ୍ୱର, ୧।୧୨(ସମିସ): ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ୧୯ ବର୍ଷରୁ କମ୍ ୩ ଦିନିଆ କୁଚ୍‌ବିହାର ଟ୍ରଫି ଆଜିଠାରୁ ଆରମ୍ଭ ହୋଇଛି। ଉତ୍ତରାଖଣ୍ଡର କାଶିପୁରଠାରେ ପ୍ରଥମ ଦିନ ଖେଳରେ ଓଡ଼ିଶା ମାତ୍ର ୧୪୬ ରନ୍‌ରେ ଅଲଆଉଟ ହୋଇଯାଇଛି। ଜବାବରେ ପ୍ରଥମ ଦିନ

**କୁଚ୍‌ବିହାର ଟ୍ରଫି**

ଖେଳ ଶେଷ ସୁଦ୍ଧା ଉତ୍ତରାଖଣ୍ଡ ୨ ୱିକେଟରେ ୧୪୯ ରନ୍ କରିଛି। ଉତ୍ତରାଖଣ୍ଡ ପକ୍ଷରୁ ଅଧିନାୟକ ରକ୍ଷିତ ଡାଲାକୋଟି ସର୍ବାଧିକ ୬୪ ଓ ଆଦିତ୍ୟ ନାଇଥାନି ୫୯ ରନ୍‌ରେ ବ୍ୟାଟିଂ କରୁଥିଲେ। ପ୍ରିୟାଂଶୁ ମହାନ୍ତି ଓ ସମ୍ବିତ ବେଜା ୱିକେଟ ଦୁଇଟି ସମାନ ଭାବେ ବାଣ୍ଟି ନେଇଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରିୟାଂଶୁ ସିଂଙ୍କ ବୋଲିଂର ମୁକାବିଲା କରି ନ ପାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରିୟାଂଶୁ ୧୫.୧ ଓଭରରେ ୩୩ ରନ୍ ଦେଇ ସର୍ବାଧିକ ୮ଟି ୱିକେଟ ନେଇଥିଲେ। ଓଡ଼ିଶା ଇନିଂସରେ ଦଳର ପ୍ରଥମ ୪ଜଣ ଓ ନଂ-୬ ବ୍ୟାଟର ଦୁଇ ଅଙ୍କରେ ପହଞ୍ଚିପାରି ନ ଥିଲେ। ପୀୟୁଷ ରଞ୍ଜନ ମନ୍ତ୍ରୀ ସର୍ବାଧିକ ୬୧ ରନ୍ କରିଥିଲେ।

### ଇଣ୍ଟରନ୍ୟାସନାଲ ଓପନ୍ ଗେଟବଲ୍ ଉଦ୍‌ଯାପିତ

# ଡବଲ୍ସରେ ଓଡ଼ିଶା-ଏ ଚାମ୍ପିଅନ

ଭୁବନେଶ୍ୱର, ୩୦।୧୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି। ଏଥିରେ ଡବଲ୍ସ ବର୍ଗରେ ଓଡ଼ିଶା-ଏ ଦଳ ଚାମ୍ପିଅନ ଓ ତାଇୱାନ-ସି ରନର୍ସଅପ୍ ହୋଇଥିଲା। ସେହିଭଳି କ୍ଲାସିକ ବର୍ଗରେ ତାଇୱାନ-ବି ଟାଇଟଲ୍ ହାସଲ କରିଛି। ଫାଇନାଲରେ ତାଇୱାନ ବିହାରକୁ ପରାସ୍ତ କରିଥିଲା। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ଏହି ଦୁଇଦିନିଆ ପ୍ରତିଯୋଗିତାରେ ଭାରତର ୧୮ ରାଜ୍ୟର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ସେହିଭଳି ଇଣ୍ଡୋନେସିଆ ଓ ତାଇୱାନରୁ ମଧ୍ୟ ଖେଳାଳି ଏଥିରେ ଭାଗନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ




ରୋଟାରିଆନ ମନୋଜ ତ୍ରିପାଠୀ, ଡ. ପ୍ରବୋଧ ମହାନ୍ତି, ଯଜ୍ଞଶିଷ ମହାପାତ୍ର, ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ତାରିଣୀ ପ୍ରସାଦ ମହାନ୍ତି, ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବାରବାଟୀରେ ଖେଳିବେ ଗିଲ୍, ପାଣ୍ଡ୍ୟା!

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ ପୂର୍ବରୁ ଆହତ ସମସ୍ୟା ଦେଇ ଗତି କରୁଥିବା ଭାରତର ଦୁଇ ପ୍ରମୁଖ ଖେଳାଳି ଶୁବମନ ଗିଲ୍ ଓ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଧିରେ ଧିରେ ସୁସ୍ଥ ହୋଇଛନ୍ତି। ପାଣ୍ଡ୍ୟାଙ୍କୁ ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ରେ ବରୋଦା ପକ୍ଷରୁ ଖେଳିବାକୁ ବିସିସିଆଇ ସୋମବାର ସବୁଜ ସଙ୍କେତ ପ୍ରଦାନ କରିଛି। ଫଳରେ ସେ ମଙ୍ଗଳବାର ବରୋଦା-ପଞ୍ଜାବ ମୁକାବିଲାରେ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଗିଲ୍ ସୋମବାର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ନିୟମିତ ଫିଟନେସ ଯାଞ୍ଚ ପାଇଁ ରିପୋର୍ଟ କରିଛନ୍ତି। ଏହାପରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳିବେ କି ନାହିଁ ସ୍ପଷ୍ଟ ହେବ। ତେବେ ରିପୋର୍ଟ ଅନୁଯାୟୀ ଟି-୨୦ ସିରିଜ ଲାଗି ଦଳ ଘୋଷଣା ବେଳକୁ ଉଭୟ ପାଣ୍ଡ୍ୟା ଓ ଗିଲ୍ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଥିବେ ବୋଲି କୁହାଯାଉଛି। ଏଭଳି ହେଲେ କଟକର ବାରବାଟୀରେ ଖେଳାଯିବାକୁ ଥିବା ସିରିଜର ପ୍ରଥମ ମ୍ୟାଚରେ ଉଭୟ ତାରକା ଖେଳାଳିଙ୍କୁ କ୍ରିକେଟ୍‌ପ୍ରେମୀ ଦେଖିବାକୁ ପାଇବେ।

### ଲିସବନ୍ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍ ଜିମ୍ନାଷ୍ଟିକ୍

# ଏଏମ୍‌/ଏନ୍‌ଏସ୍ ଏଚ୍‌ପିସି ଆଥ୍‌ଲେଟ୍‌ଙ୍କୁ ୨୦ ପଦକ



ଭୁବନେଶ୍ୱର, ୧।୧୨ (ସମିସ): ପର୍ତ୍ତୁଗାଲର ଲିସବନରେ ଅନୁଷ୍ଠିତ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫରମାନ୍ସ ସେଣ୍ଟର (ଏଚ୍‌ପିସି)ର ଆଥ୍‌ଲେଟ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୨୦ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ ରହିଛି। ବିଶ୍ୱର ୧୮ଟି ଇଲାଇଟ୍ ଜିମ୍ନାଷ୍ଟିକ କ୍ଲବ ବିପକ୍ଷରେ ଖେଳି ଜିଏଚପିସି ଆଥ୍‌ଲେଟ୍‌ମାନେ ଏହି ପଦକ ସଫଳତା ପାଇଛନ୍ତି।

ଜୁନିଅର ପୁରୁଷ ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ବର୍ଗରେ ଅଂଶୁମାନ ସୁନ୍ଦରା ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ଦଳଗତ ଇଭେଣ୍ଟରେ ଅଂଶୁମାନ, ଦେବାଶିଷ ରେଡ୍ଡୀ ଓ ବିରୁଙ୍କୁ ନେଇ ଗଠିତ ଦଳ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲା। ତୃତୀୟ ସ୍ୱର୍ଣ୍ଣପଦକ ସିନିଅର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସର ଦଳଗତ ଇଭେଣ୍ଟରୁ ଆସିଥିଲା। ସୁମିତ ଧଳ, ମୃତ୍ୟୁଞ୍ଜୟ ପଟ୍ଟନାୟକ ଓ ଜଗଦୀଶ ବାରିକ ସଦସ୍ୟ ରହିଥିଲେ।

### ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ା

# ଫାଇନାଲରେ କିଟ୍ ମହିଳା ହକି ଦଳ



ଭୁବନେଶ୍ୱର, ୧।୧୨ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ାରେ କିଟ୍ ମହିଳା ହକି ଦଳ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ଫାଇନାଲରେ ପ୍ରବେଶ କରିଛି। ସୋମବାର ଖେଳାଯାଇଥିବା ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ କିଟ୍ ପେନାଲ୍ଟି ସୁଟ୍ ଆଉଟ୍‌ରେ ୩-୨ ଗୋଲ୍‌ରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ବୁଧବାର ମହିଳା ହକି ଫାଇନାଲ ଖେଳାଯିବ। ଏଥିରେ ଆଇଟିଏମ୍ ଗ୍ୱାଲିଅର ଓ କିଟ୍ ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ। ସେହିଭଳି ଦେବାଶିଷ ସାହୁ ଓ କବୀର ହଂସଙ୍କୁ ନେଇ ଗଠିତ କିଟ୍ ପୁରୁଷ ଟେନିସ ଦଳ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ଅପରପକ୍ଷରେ କିଟ୍ ମହିଳା ଭଲିବଲ୍ ଦଳ ମଧ୍ୟ ପ୍ରଥମ ମ୍ୟାଚରେ ୩-୧ ସେଟରେ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟକୁ ହରାଇ ଅଭିଯାନ ଆରମ୍ଭ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS